

# ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି କେନ୍ଦ୍ରାପଡା ସହର

କେନ୍ଦ୍ରାପଡ଼ା,୬।୧୦:(ମନ୍ଥନ)କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ପାଇଁ ସହର ଏବେ ରଙ୍ଗୀନ ଆଲୋକମାଳାରେ ଝଲସୁଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ପୂଜା ମଣ୍ଡପ ନିକଟରେ ରଙ୍ଗୀନ ଆଲୋକରେ ଗେଟ୍ ନିର୍ମାଣ ହୋଇଛି। ଏହି ଝଲସୁଥିବା ମନଲୋଭା ଗେଟ୍ ଦେଖିବା ପାଇଁ ସନ୍ଧ୍ୟାରେ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। କେନ୍ଦ୍ରାପଡ଼ା ସହର ସମେତ ପୁରପଲ୍ଲୀରୁ ଲୋକମାନଙ୍କ ଭିଡ଼ ଜମୁଛି କେନ୍ଦ୍ରାପଡ଼ା ସହର ସମେତ ଏହାର ଉପକଣ୍ଠରେ ହୋଇଥିବା ରଙ୍ଗୀନ ଆଲୋକମାଳାର ଗେଟ୍ ଦେଖିବା ପାଇଁ। ଗଜଲକ୍ଷ୍ମୀ ପୂଜା ପାଇଁ ଏବେ ପ୍ରତି ଘରେ ବନ୍ଧୁବାନ୍ଧବ ଓ କୁଣିଆ ମୈତ୍ରଙ୍କ ଭିଡ଼ ଲାଗି ରହିଛି। ଆନନ୍ଦ ଉଲ୍ଲାସର ସହ ଶ୍ରଦ୍ଧାଳୁମାନେ ଗଜଲକ୍ଷ୍ମୀ ପୂଜାକୁ ଉପଭୋଗ କରୁଛନ୍ତି। ସନ୍ଧ୍ୟାରେ ସହରର ନୂଆ ବସଷ୍ଟାଣ୍ଡ, ଗଣାମାହାଲ, ମହିପାଳ,



ବଣିଆମାଳ, କାକଟ, ଲକ ପୋଲ, ମୀରପାଟଣା, ନସଡ଼ିପୁର, ସାନ୍ତସାହି ପୋଲ, ପୁରୁଣା ବସଷ୍ଟାଣ୍ଡ, ମଡିଆଳ ବଜାର, ବଳଗଣ୍ଡି, ଅଯୋଧ୍ୟାନଗର ପ୍ରମୁଖ ସ୍ଥାନ ଆକର୍ଷଣୀୟ ଆଲୋକମାଳାରେ ଝଲସି ଉଠୁଛି। ପୂଜା ପାଇଁ ସହରରେ ପ୍ରବଳ ଗହଳି ମଧ୍ୟ ଲାଗି ରହିଛି। ସହରରରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବିଭିନ୍ନ ସ୍ଥାନରେ ୨୦ପ୍ଲାଟୁନ ପୋଲିସ ବଳ ଜଗି ରହିଛନ୍ତି। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଏସପି ସିଦ୍ଧାର୍ଥ କଟାରିଆ ନିଜେ ପରିଚାଳନା କରୁଛନ୍ତି। ତାଙ୍କୁ ସହଯୋଗ କରିବା ପାଇଁ ଜଣେ ଅତିରିକ୍ତ ଏସପି, ୧୩ଜଣ ଡିଏସପି, ୧୭ଜଣ ଇନସପେକ୍ଟର କାର୍ଯ୍ୟ କରୁଛନ୍ତି। ସହରର ବିଭିନ୍ନ ସ୍ଥାନରେ ୧୨୨ଜଣ ସବଇନସପେକ୍ଟର ଓ ଏ.ଏସ.ଆଇ.ଙ୍କୁ ମୁତୟନ କରାଯାଇଛି। ଲୋକଙ୍କୁ ୨୪ ଘଣ୍ଟା ସୁରକ୍ଷା ପ୍ରଦାନ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି ବୋଲି ଏସ୍‌ପି ଶ୍ରୀ କଟାରିଆ ସୂଚନା ଦେଇଛନ୍ତି।

# ୧୮ରୁ କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଚାମ୍ପିଅନସିପ ଆରମ୍ଭ

କେନ୍ଦ୍ରାପଡ଼ା,୬।୧୦:(ମନ୍ଥନ)ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କେନ୍ଦ୍ରାପଡ଼ା ଚେସ ଆସୋସିଏସନ୍ ଅନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଚାମ୍ପିଅନସିପ ତଥା ୫ମ ଡାକ୍ତର ବୈଷ୍ଣବ ପରିଡା ସ୍ମାରକୀ ଚେସ ଚାମ୍ପିଅନସିପ -୨୦୨୫ ଚଳିତ ଅକ୍ଟୋବରମାସ ୧୮ ଓ ୧୯ ତାରିଖ ୨ଦିନ ବ୍ୟାପୀ ସ୍ଥାନୀୟ ଗରାପୁର ଡାକବଙ୍ଗଳାଛକ ସ୍ଥିତ ସ୍ୱୟଂସିଦ୍ଧା ହୋଟେଲରେ ଆୟୋଜିତ ହେବାକୁ ଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ କେବଳ କେନ୍ଦ୍ରାପଡ଼ା ଜିଲ୍ଲାର ସବୁ ବର୍ଗର ଖେଳାଳି ଭାଗ ନେଇ ପାରିବେ। ଖେଳାଳି ମାନେ ୧୭ ତାରିଖ ସକାଳ ୧୦ ଟା ମଧ୍ୟରେ ସେମାନଙ୍କର ନାମ ୯୯୩୭୪୬୬୭୫୫ ( ନାରାୟଣ ଦାସ) ,୯୩୩୭୩୯୫୦୦୪ ( ଲଲାଟ କେଶରୀ ସାମଲ)ମାଧ୍ୟମରେ ପଞ୍ଜୀକୃତ କରିପାରିବେ। ୭ ରାଉଣ୍ଡ ବିଶିଷ୍ଟ ଏହି ୨ ଦିନିଆ ମ୍ୟାଚ୍‌ରେ ନାମ ପଞ୍ଜିକରଣ କରିବା ପାଇଁ ଖେଳାଳି ମାନଙ୍କୁ ୩ଶହ ଟଙ୍କା, ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ୨ଶହ ଟଙ୍କା ପ୍ରବେଶିକା ଶୁଳ୍କ ଦେବାକୁ ଥିବାବେଳେ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କୁ କୌଣସି ଶୁଳ୍କ ଦେବା ପାଇଁ ପଡିବ ନାହିଁ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୫ହଜାର ଟଙ୍କା ନଗଦ ପୁରସ୍କାର ରାଶି, ଆକର୍ଷଣୀୟ ଟ୍ରଫି ଏବଂ ଦୁଇ ଦିନ ଧରି ସମସ୍ତ ଖେଳାଳିଙ୍କ ପାଇଁ ନିଶୁଳ୍କ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ସମ୍ପୂର୍ଣ ନିରପେକ୍ଷ ଏବଂ ପ୍ରଭାବୀ କରିବା ପାଇଁ ଅନୁଷ୍ଠାନର ସଭାପତି କିଶୋର ପଣ୍ଡା ଏବଂ ସମ୍ପାଦକ ଭାବେଶ୍ ମହାନ୍ତି ଆଶାବ୍ୟକ୍ତ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହ, ଉପସଭାପତି ଅମରେଶ ସାହୁ, ଲଲାଟ କେଶରୀ ସାମଲ, ଧରଣୀଧର ସେଠୀ, ଅନୁଷ୍ଠାନର କୋଷାଧ୍ୟକ୍ଷ ନାରାୟଣ ଦାସ, ସହ ସଂପାଦିକା ପିଙ୍କି ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ଗୋପିବଲ୍ଲଭ ନାୟକ ଓ ଶତ୍ରେ ହେମ୍ବ୍ରମ ବିଭିନ୍ନ ବିଭାଗର ଦାୟିତ୍ୱ ନେଇଛନ୍ତି। ଏହି ଅବସରରେ ଏକ ସ୍ୱାଗତ ସମିତି ଗଠନ କରାଯାଇଛି ଯେଉଁଥିରେ କେନ୍ଦ୍ରାପଡ଼ାର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଅଜିତ କୁମାର ସାହୁ ଅଧକ୍ଷ ଥିବା ବେଳେ ଯୁବନେତା ଶକ୍ତିଶ୍ରୀ ଲେଙ୍କା ସଂଯୋଜକ ଏବଂ ମୁକ୍ତିକାନ୍ତ ମହାପାତ୍ର, ଅସିତ୍ ମହାପାତ୍ର, ସ୍ୱୋପ୍ନଜିତ୍ ବାରିକ୍ , ଅନିଲ ଆଟୋଇ, ଶିବାନୀ ଶଙ୍କର ଦାସ, ସଞ୍ଜିତ୍ ସାହୁ ପ୍ରମୁଖ ସଦସ୍ୟ ଭାବରେ ମନୋନୀତ ହୋଇଛନ୍ତି। ଏହି ସମିତିରେ କିଶୋର ଦାସ ଓ ଗୌତମ ମଲ୍ଲିକଙ୍କୁ ଉପଦେଷ୍ଟା ଭାବେ ଏବଂ ଉର୍ପିନ ରାଉତ, ଗୀତାଞ୍ଜଳି ସେଠୀ,ସୁନାକର ବେହେରା,ଶଶାଙ୍କ ସେଠୀ ଓ କୃଷ୍ଣେନ୍ଦ୍ର ପଣ୍ଡାଙ୍କୁ ବରିଷ୍ଟ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ଏହି ୨ ଦିନ ବ୍ୟାପୀ ହେବାକୁ ଥିବା ମ୍ୟାଚ୍‌ରେ ଅଧିକ ସାଂଖ୍ୟରେ ଖେଳାଳିମାନେ ଯୋଗ ଦେବାକୁ ଗଣମାଧ୍ୟମ ସଂଯୋଜକ ହିମାଂଶୁ ଶେଖର ନାୟକ ଓ ନେହେରୁ ସାହୁ ଏକ ପ୍ରେସ ବାର୍ତ୍ତା ମାଧ୍ୟମରେ ଜଣାଇଛନ୍ତି।

# ଯାଜପୁରରେ ସହଯୋଗ ଶିକ୍ଷକ ପ୍ରଶିକ୍ଷଣ
## ଶିକ୍ଷକ : ୪୦ରୁ ଉର୍ଦ୍ଧ୍ୱ ଶିବିରାର୍ଥୀ ଅଂଶ ଗ୍ରହଣ

ଯାଜପୁର,୬।୧୦:(ମନ୍ଥନ)ପତଞ୍ଜଳି ଯୋଗ ସମିତି ଓ ଭାରତ ସ୍ୱାଭିମାନ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ସହଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଶନିବାର ଦିନ ଉଦ୍‌ଘାଟିତ ହୋଇଛି। ଏହି ଶିବିର ନଭେମ୍ବର ୨୭ ତାରୁ ୨୧ ଅକ୍ଟୋବର ପର୍ଯ୍ୟନ୍ତ ସ୍ଥାନୀୟ ବିଜୁ ପଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ ପରିସରରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଶିବିରକୁ ବ୍ୟାସନଗର ତହସିଲ ପ୍ରମୁଖ ବଟକୃଷ୍ଣ ସାହୁ ଉଦ୍‌ଘାଟନ କରିଥିଲେ। ଯୋଗ ଶିକ୍ଷକ ଏହି ଶିବିରରେ ଯୋଗ ଶିକ୍ଷକ ଭାବେ ଶ୍ରୀ ସାହୁଙ୍କ ସମେତ ଭାରତ ସ୍ୱାଭିମାନ ଜିଲା ପ୍ରମୁଖ ଅଧ୍ୟାପକ ବିବେକାନନ୍ଦ ଜେନା ଓ ସହ ଜିଲା ପ୍ରମୁଖ ବିଭିଷଣ ନାୟକ ପ୍ରମୁଖ ଯୋଗ ଦେଇ ବିଭିନ୍ନ ଆସ, ପ୍ରାଣାୟମ ଓ ସୂର୍ଯ୍ୟ ନମସ୍କାର ସମେତ ୧୨ଟି କ୍ରୀୟା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ୪୦ରୁ ଉର୍ଦ୍ଧ୍ୱ ଶିବିରାର୍ଥୀ ଏହି ପ୍ରଶିକ୍ଷଣରେ ଅଂଶ ଗ୍ରହଣ କରି ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଯୁବ ପ୍ରଭାରୀ ଉମାକାନ୍ତ ବିଶ୍ୱାଳ ଓ ପତଞ୍ଜଳୀ ଯୋଗ ସମିତିର ଜିଲା ପ୍ରମୁଖ ମନ୍ମଥ ପ୍ରୁମାର ସାମଲ ପରିଚାଳନା କରିଥିଲେ । ଏହି ଶିବିରରେ ପ୍ରମୁଖ କାର୍ଯ୍ୟକର୍ତା ଭାବେ ଯୋଗ ଗୁରୁ ଗୋପୀନାଥ ସେଠୀ, ଇଂ ସରୋଜ କୁମାର ଜେନା, ଦେବେନ୍ଦ୍ର କୁମାର ପତି, ଦେବେନ୍ଦ୍ର ସେଠୀ, ଆନନ୍ଦ ଚନ୍ଦ୍ର ସାହୁ, ସତ୍ୟବ୍ରତ ମହାନ୍ତି, ସୁରେନ୍ଦ୍ର ମିଶ୍ର, ଅନନ୍ତ ଓ ଗୋବିନ୍ଦ ସାହୁ, ରତୁପର୍ଣ୍ଣା ସାହୁ ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ ।

# କୁଆଁରୀ କନ୍ୟାଙ୍କ ଜହ୍ନିଓଷା ପୂଜା ଉଦଯାପିତ

ବୁଗୁଡ଼ା, ୬।୧୦:(ମନ୍ଥନ)ଆଧୁନିକ ଯୁଗରେ ଗ୍ରାମ୍ୟପରମ୍ପରାର ନିଦର୍ଶନ ସୃଷ୍ଟି କରିଥିବା କେତେକ ପର୍ବଲୋପ ପାଇବାକୁ ବସିଥିଲେ ହେଁ ବୁଗୁଡ଼ା ଅଞ୍ଚଳର ଗାଁଗହଳରେ ଏବେ ବି କେବଳ କୁଆଁରୀ କନ୍ୟାଙ୍କ ଦ୍ୱାରାପାଳନ ହୋଇ ଆସୁଥିବା ନିଆରା ଜହ୍ନିଓଷା ପର୍ବ ଆଜିକୁମାର ପୂର୍ଣ୍ଣିମାରେ କ୍ରୀଡା କୌତୁକ ଓ ନୃତ୍ୟ ଗୀତ ସହଉଦଯାପିତ ହୋଇଯାଇଛି । ବୁଗୁଡା ସହର ଓ ବିଭିନ୍ନଗାଁରେ ଆଶ୍ୱିନ ମାସରେ କୁମାରୀ ଝିଅମାନେ ଏହି ଓଷାପାଳନ କରିଆସୁଥିଲେ । ବୁଗୁଡା ଏନ୍‌ଏସିର ଯାଦବସାହି, ଖଦାଳ ସାହି ଆଦିର କୁମାରୀମାନେ ଏକତ୍ରିତ ଏହି ବ୍ରତ ପାଳନ କରି ପାର୍ବଣ ପରିବେଶକୁ ଅଧିକ ସରସ କରିଥିଲେ ୟ ଓଷା ପାଳନ ପାଇଁ ଗ୍ରାମବାସୀ ତଥା ସାହି ବାସିନ୍ଦାଙ୍କ ମଧ୍ୟ ସହାୟତା ମିଳୁଥିଲା । ଏ ବର୍ଷ ସ୍କୁଲପିଲାଙ୍କଠାରୁ ମହାବିଦ୍ୟାଳୟରେ ପାଠ ପଢୁଥିବା ଏବଂ ପାଠ ଛାଡିଥିବା ଝିଅମାନେ ଏହି ଓଷା କରିଥିଲେ । ଦଳ ଦଳ ହୋଇ ଗାଁରେ ଥିବା ତୁଳସୀ ଚଉରା ମୂଳେ କୁମାରୀମାନେ ପୂଜା ଜାରି ରଖିଥିଲେ । ମାସ ତମାମ ନିଷ୍ଠା ସହକାରେ ଆମିଷ ଓ ଜହ୍ନି ପରିବାକୁ ସେମାନେ



ଖାଇବା ତ ଦୂରର କଥା ସ୍ପର୍ଶ ବି କରିନଥିଲେ । ନିୟମିତ ସକାଳୁ ଫୁଲ ସଂଗ୍ରହ କରିବା ପରେ ସ୍ନାନ କରି ତୁଳସୀ ଚଉରା ମୂଳକୁ ଲିପାପୋଛା କରି ଧୂପଦୀପ ଦେଇ ଭୋଗଲାଗି କରୁଥିଲେ । ସେହିପରି ସନ୍ଧ୍ୟାସମୟରେ ପୁଣି ଚଉରା ନିକଟରେ ଜହ୍ନିଓଷା ପୁସ୍ତକ ପାଠ କରୁଥିଲେ। ଏହି ସମୟରେ ଗ୍ରାମରେ ବିଭିନ୍ନ ସ୍ଥାନର ପୂଜା କୁମାରୀଙ୍କ ସମ୍ମିଳିତ ସଙ୍ଗୀତ ଗାନପରିବେଶକୁ ଉତ୍ସବ ମୁଖରିତ କରୁଥିଲା । ପୂର୍ଣ୍ଣିମା ଦିନର୍ନିଜଳ ଉପବାସ ରହି ପୂଜା ଶେଷ ପରେ ଗଜା ଲଙ୍ଗୁଡ଼ିକୁ ପୋଖରୀରେ ବିସର୍ଜନ କରି ବ୍ରତ ପାଳନ ଶେଷ କରିଥିଲେ । ଆଧୁନିକ ବିଜ୍ଞାନ ଯୁଗରେ ବିଭିନ୍ନ ପରମ୍ପରା ଲୋପ ହେବାକୁ ବସିଥିବା ବେଳେ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରେ କୁଆଁରୀ ଝିଅମାନେ ଏହି ବ୍ରତ ପାଳନ ଜରିଆରେ ନିଜର ମନ ସ୍କାମନା ପୂର୍ଣ୍ଣ ସହ ପରିବାର ଓ ସମାଜର ମଙ୍ଗଳ କାମନା କରିଥିଲେ ।

# ଘରୋଇ ହିଂସାରୁ ମହିଳା ମାନଙ୍କୁ ସୁରକ୍ଷା
## ଅଧିନିୟମ -୨୦୦୫ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ଛତ୍ରପୁର,୬।୧୦:(ମନ୍ଥନ)ମାତୃଶକ୍ତିଙ୍କ ସୁରକ୍ଷା ଓ ସଚେତନତା ସହିତ ଗୋଟିଏ ଅଞ୍ଚଳର ସାମାଜିକ ସଂହତି ଓ ଅର୍ଥନୈତିକ ସମୃଦ୍ଧି ଅଙ୍ଗାଙ୍ଗୀ ଭାବେ ଜଡିତ । ଯେଉଁଠି ମହିଳା ମାନେ ଯେତେ ସୁରକ୍ଷିତ ସେଇଠି ସାଂସ୍କୃତିକ ଓ ଅର୍ଥନୈତିକ ଅଭିବୃଦ୍ଧି ସେତେକି କ୍ଷିପ୍ର ହୋଇଥାଏ । ଛୋଟବେଳୁ ପିଲାମାନଙ୍କ ମଧ୍ୟରେ ସଦ୍ଭାବନା, ସମ୍ବେଦନଶୀଳତା ଓ ସହନଶୀଳତା ଭଳି ଭଲ ଗୁଣ ଗୁଡିକୁ ବିକଶିତ କରାଗଲେ ସମାଜରେ ହିଂସା ଓ ଅସଦାଚରଣ ହ୍ରାସ ପାଇପାରିବ ବୋଲି ସମଗ୍ର ଶିକ୍ଷା ସଭାଗୃହଠାରେ ଆୟୋଜିତ ଘରୋଇ ହିଂସାରୁ ମହିଳା ମାନଙ୍କୁ ସୁରକ୍ଷା ଅଧିନିୟମ-୨୦୦୫ ସମ୍ପର୍କିତ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିରରେ ସଭାପତିତ୍ୱ କରି ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ଆଶାବ୍ୟକ୍ତ କରିଛନ୍ତି। ଘରୋଇ ହିଂସାରୁ ମହିଳା ମାନଙ୍କୁ ସୁରକ୍ଷା ଅଧିନିୟମ-୨୦୦୫



ଅନ୍ତର୍ଗତ ବିଭିନ୍ନ ଆଇନଗତ ବ୍ୟବସ୍ଥା ଓ ସୁରକ୍ଷା ଅଧିକାରୀଙ୍କ ଭୂମିକା, ଡି.ଆଇ.ଆର୍ ଦାଖଲ ପ୍ରକ୍ରିୟା, ଆଇନଗତ ସାହାଯ୍ୟ, ବିଭିନ୍ନ ସେବା ପ୍ରଦାନକାରୀଙ୍କ ଭୂମିକା, ମହିଳା ମାନଙ୍କ ସୁରକ୍ଷା ନେଇ ବିଭିନ୍ନ ବିଭାଗ ଓ ଅନୁଷ୍ଠାନ ଦ୍ୱାରା ନିଆଯାଇଥିବା ସର୍ବୋତ୍ତମ ପଦକ୍ଷେପ ଅଭିଯୋଗ ତଦନ୍ତ ପ୍ରକ୍ରିୟା ଓ ପରିଚାଳନା ଆଦି ବିଷୟରେ ଶିବିରରେ ବିଶଦ ଭାବରେ ଆଲୋଚନା ହୋଇଥିଲା । କୌଣସି ସ୍ଥାନରେ ହିଂସା ବା ଅସଦାଚରଣ ହୋଇଥିବାର ଦେଖି ନିରବ ନରହି ଜରୁରୀ କାଳୀନ ଜାତୀୟ ମହିଳା ହେଲ୍ପ ଲାଇନ୍ ନଂ.୧୦୯୧/୧୮୧, ଚାଇଲ୍ଡ ଲାଇନ୍ ନଂ ୧୦୯୮ ଏବଂ ଜରୁରୀକାଳୀନ ସହାୟତା ନଂ. ୧୧୨ କୁ ବିନା ଦ୍ୱିଧାରେ କଲ୍ କରି ଜଣାଇବା ପାଇଁ ପରାମର୍ଶ ଦିଆଯାଇଛି । ଏହି ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟ ଲକ୍ଷ୍ମୀ ବେହେରା, ସମସ୍ତ ସିଡିପିଓ, ସୁପରଭାଇଜର୍, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବ୍ରହ୍ମପୁର, ଛତ୍ରପୁର ଭାରପ୍ରାପ୍ତ ଥାନା ଅଧିକାରୀ, ୱାନ ଷ୍ଟପ୍ ସେଣ୍ଟରର କର୍ମକର୍ତ୍ତା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ ।

# ରାବଣ ପୋଡି ଉତ୍ସବ ମହାସମାରୋହରେ ଅନୁଷ୍ଠିତ

ଜଗତସିଂହପୁର,୬।୧୦:(ମନ୍ଥନ)ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆ। ଠାରେ ଶ୍ରୀରାମ କ୍ଲବ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ସହଯୋଗ ରେ ରାବଣପୋଡି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଶ୍ରୀ ରାମ କ୍ଲବ ସଭାପତି ଶ୍ରୀ ରତ୍ନାକର ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ, ଆଇନ୍, ପୂର୍ତ୍ତ ଓ ଅବକାରୀ ବିଭାଗ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଜଗତସିଂହପୁର ଜିଲ୍ଲା ଏକ କଳା,ସାହିତ୍ୟ ଓ ସଂସ୍କୃତି ର ଜିଲ୍ଲା। ଏହି ଉତ୍ସବ ଆମକୁ ସୂଚାଇ ଦେଉଛି ଅସତ୍ୟ ଉପରେ ସତ୍ୟର ଜୟ, ଅଧର୍ମ ଉପରେ ଧର୍ମର ଜୟ ଏବଂ ଅନ୍ୟାୟ ଉପରେ ନ୍ୟାୟର ଜୟ । ପ୍ରଭୁ ଶ୍ରୀ ରାମଚନ୍ଦ୍ର ଏହି ସବୁ ଅସ୍ତ୍ର କୁ ପ୍ରୟୋଗ କରି ରାବଣ ବଧ କରିଥିଲେ । ସେ ସମସ୍ତଙ୍କୁ କ୍ରୋଧ, ମୋହ, ଲୋଭ, ଅହଙ୍କାର ଭଳି କୁପ୍ରକୃତି ରୁ ଦୂରେଇ ରହିବା ପାଇଁ ଉପଦେଶ ଦେଇଥିଲେ ଏବଂ ନିଜ ଭିତରେ ଦେବତ୍ତ୍ୱ ଭାବ ଆଣିବା ପାଇଁ ମଧ୍ୟ କହିଥିଲେ । ସେ କିଛି ବର୍ଷ ଧରି ବନ୍ଦ ରହିଥିବା ଆକର୍ଷଣୀୟ ଆତସ ବାଜି କାର୍ଯ୍ୟକ୍ରମର ପୁନଃ ଆରମ୍ଭ ପାଇଁ ମାନ୍ୟବର ବିଧାୟକ ଶ୍ରୀ ଅମରେନ୍ଦ୍ର ଦାସ ଓ ଶ୍ରୀରାମ କ୍ଲବ୍ କାର୍ଯ୍ୟକର୍ତ୍ତା ଙ୍କୁ ଧନ୍ୟବାଦ ଜଣାଇଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଶେଷରେ ରାବଣ ଦେହରେ ବୈଦ୍ୟୁତିକ ଅଗ୍ନି ସଂଯୋଗ କରିଥିଲେ। ଏହି ଉତ୍ସବ ରେ ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ବିଧାୟକ ଶ୍ରୀ ଅମରେନ୍ଦ୍ର ଦାସ ଯୋଗଦେଇ ଜିଲ୍ଲା ରେ ହେଉଥିବା ଏହି ପାର୍ବଣ ର ପର୍ବ କୁ ସୁଚାରୁ ରୂପେ ପାଳି ଥିବାରୁ ଜିଲ୍ଲାବାସୀ ଙ୍କୁ କୃତଜ୍ଞତା ଜଣାଇଥିଲେ । ସେ ସମସ୍ତଙ୍କୁ ସ୍ୱାଭିମାନୀ ଓ ଆତ୍ମନିର୍ଭରଶୀଳ ହେବା ପାଇଁ ଉପଦେଶ ଦେଇଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଜିଙ୍କ୍ୟା ମାଣେ, ପୌର ପରିଷଦ ଅଧକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ଉପାଧକ୍ଷ ଶ୍ରୀ ରାଜେନ୍ଦ୍ର କୁମାର ବିଷୋୟୀ,ଥାନପତି ମେଢ଼ ର ସଭାପତି ଶ୍ରୀ ସତ୍ୟ ବ୍ରତ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।

# ୩ ଜୁଆଆଡ୍ଡା ଉପରେ ଚଢାଉ

ବୁଗୁଡା, ୬।୧୦:(ମନ୍ଥନ)ବୁଗୁଡ଼ା ଥାନା ଅନ୍ତର୍ଗତ ନଗୁଡୁ, ଚିଲିଖମା ଓ ସଙ୍କୁରୁ ଆଦି ୩ଟି ଗ୍ରାମରେ ଚାଲିଥିବା ଜୁଆଖେଳ ଉପରେ ପୋଲିସ ଚଢାଉ କରି ମୋଟ ୧୩ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୪୧ ହଜାର ୧୮୦ ଟଙ୍କା, ଅନେକ ମୋବାଇଲ୍ ଓ ତାସକାଟା ଜବତ କରିଥିବା ଜଣାଯାଇଛି । ଗତ ଗୁରୁବାର ରାତିରେ ନଗୁଡୁ ଗ୍ରାମ ଛକରେ ଚାଲିଥିବା ଜୁଆଖେଳ ଉପରେ ଚଢାଉ କରି ୬ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୨୮,୪୮୦ ଟଙ୍କା, ୫ଟି ମୋବାଇଲ ଓ ୫ଟି ତାସକାଟା ଜବତ କରିଥିଲା ବେଳେ ଏନେଇ କେସ୍ ନଂ ୬୨୧/୨୫ରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ସେହିପରି ଶୁକ୍ରବାର ସକାଳେ ପୁଣି ଚିଲିଖମା ଗାଁର ଆଡୁଆ। ସାହିରେ ଚାଲିଥିବା ଜୁଆଆଡ୍ଡା ଉପରେ ପୋଲିସ ଚଢାଉ କରି ୩ ଜଣଙ୍କୁ ଗିରଫ ସହ ୫,୫୬୦ ଟଙ୍କା , ୨ଟି ମୋବାଇଲ ଓ ତାସକାଟା ଜବତ କରି କେସ୍ ନଂ ୬୨୨/୨୫ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ସଙ୍କୁରୁ ଗ୍ରାମର ରୋଡସାହିରେ ଚାଲିଥିବା ଜୁଆଖେଳ ଉପରେ ଚଢାଉ କରି ୪ ଜଣ ଜୁଆଡ଼ିଙ୍କୁ ଗିରଫ ସହ ୭,୧୪୦ ଟଙ୍କା ଓ ତାସକାଟା ଜବତ ଘଟଣାରେ କେସ୍ ନଂ ୬୨୩/୨୫ ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି । ଉକ୍ତ ୩ଟି ଚଢାଉ କାର୍ଯ୍ୟ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ନେତୃତ୍ୱରେ ହୋଇଥିଲା ବେଳେ ଏଥିରେ ଏସ୍‌ଆଇ ବିନାୟକ ବିଧାର ଓ ଜ୍ୟୋତିଶ୍ରୀ ସାହୁ , ଏଏସ୍‌ଆଇ ସୁମନ୍ତ କୁମାର ବେହେରା, ରାଜକୁମାର ମହାପାତ୍ର ଓ ବାପୁଜୀ ଖଣ୍ଡଗିରିଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ସାମିଲ ଥିଲେ ।

# କଂଗ୍ରେସ ପକ୍ଷରୁ ଗାନ୍ଧୀ ପଥେ ଓଡିଶା ପଦଯାତ୍ରା

ଯୋଡ଼ା,୬।୧୦:(ମନ୍ଥନ)କେନ୍ଦୁଝର ଜିଲ୍ଲା ଯୋଡ଼ା କଂଗ୍ରେସ ପକ୍ଷରୁ ଜାତୀୟ ପିତା ମହାତ୍ମା ଗାନ୍ଧୀ ଙ୍କ ଜୟନ୍ତୀ ଉପଲକ୍ଷେ ଗାନ୍ଧି ପଥେ ଓଡିଶା କାର୍ଯ୍ୟକ୍ରମ ରେ ଏକ ପଦଯାତ୍ରା ର ଆୟୋଜନ କରାଯାଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା ଙ୍କ ତତ୍ତ୍ୱାବଧାନ ରେ ଏବଂ ନଗର କଂଗ୍ରେସ ସଭାପତି ସୁବ୍ରତ ନାଏକ ଙ୍କ ନେତୃତ୍ୱରେ ଏହି ପଦଯାତ୍ରା ରେ ଶତାଧିକ ମହିଳା ଏବଂ ପୁରୁଷ ସାମିଲ ହୋଇ ଗୁରୁବାର ଦିନ ସକାଳ ୮ ଘଟିକା ରୁ ଯୋଡ଼ା ଧରଣୀ ଧର ଭୂୟାଁ ଙ୍କ ପ୍ରତିମୂର୍ତ୍ତି ନିକଟକୁ ପଦଯାତ୍ରା ବାହାରି ସଷ୍ଟାଣ୍ଡ ଦେଇ ସହିଦ ନଗର ସ୍ଥିତ ଗାନ୍ଧୀଜୀ ଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ଶେଷ ହୋଇଥିଲା । ଏହି ଅବସରରେ ସମସ୍ତେ ଗାନ୍ଧୀ ଜୀ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଦେଇ ଗାନ୍ଧିଜୀ ଙ୍କ ନାରା ଦେଇଥିଲେୟପରେ ଯୋଡ଼ା ସହର ପରିକ୍ରମା କରି ସମସ୍ତ ମହାପୁରୁଷ ଙ୍କୁ ପୁଷ୍ପମାଲ୍ୟ ଦେଇଥିଲେ। ଓଡିଶାବାସୀଙ୍କ ସ୍ୱାର୍ଥ ଏବଂ ନ୍ୟାୟ ପାଇଁ ଗାନ୍ଧୀ ଜି ଙ୍କ ଅହିଂସା ନୀତି କୁ ଅସ୍ତ୍ର କରି କଂଗ୍ରେସ ଆଗକୁ ଲଢ଼େଇ ଜାରି ରଖିବ ବୋଲି ନଗର କଂଗ୍ରେସ ସଭାପତି ସୁବ୍ରତ ନାଏକ କହିଛନ୍ତି ।

# ଶ୍ରୀ ବିରଜା ସେବା ସମିତିର ବିରଜାଙ୍କ ରଥଯାତ୍ରା ଧାରା ବିବରଣୀ ପ୍ରଦାନ

ଯାଜପୁର,୬।୧୦:(ମନ୍ଥନ)ମା'ବିରଜାଙ୍କ ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ଶ୍ରୀ ବିରଜା ସେବା ସମିତି ତରଫରୁ ମା'ଙ୍କ ରଥଯାତ୍ରାର ତ୍ରିଦିବସୀୟ ଧାରାବିବରଣୀ ସୁନାମଧନ୍ୟ ପ୍ରବଚକ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ପ୍ରଥମ ଦିନରେ ଯାଜପୁର ଡି.ଏସ୍.ପି. ଶରତ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଓ ମା'ବିରଜା ତତ୍ତ୍ୱସଂପର୍କରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବରେ ଯାଜପୁରର ଉପଜିଲ୍ଲାପାଳ ତଥା ବିରଜା ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ତାପସ ରଂଜନ ଦେହୁରୀ ଯୋଗଦେଇଥିଲେ। ଧାରାବିବରଣୀ ପ୍ରବଚକ ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ସୂର୍ଯ୍ୟମଣୀ ଖୁଣ୍ଟିଆ, ପ୍ରାଧ୍ୟାପକ କାହ୍ନୁଚରଣ ମିଶ୍ର, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ଗଦାଧର ରାଉତ ପ୍ରବଚନ ଦେଇଥିଲେ। ୨ୟ ଦିନରେ ଯାଜପୁରର ଗୌରବ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ପ୍ରଫେସର ଡଃ ଜୟନ୍ତ



କୁମାର ଦାସ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ସ୍ୱାଇଁ ପବ୍ରଚକଭାବେ ଯୋଗଦେଇଥିଲେ। ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କ ଲିଖିତ 'ବିରଜା ସୁପ୍ରଭାତମ୍' ପୁସ୍ତକ ଉନ୍ମୋଚନ ହୋଇଥିଲା। ମନ୍ଦିର ପରିସରରେ ସମିତି ତରଫରୁ ମା'ଙ୍କ କାନିକା ପ୍ରସାଦ ବଣ୍ଟନ କରାଯାଇଥିଲା ୩ୟ ଦିନରେ ଯାଜପୁର ଆଡିସ୍‌ନାଲ୍ ଏସ୍.ପି. ସୀତିକଣ୍ଠ କାନୁନ୍‌ଗୋ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରବଚକ ଭାବେ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ନିତ୍ୟାନନ୍ଦ ଦେଓ, ଡଃ ଜ୍ଞାନରଂଜନ ପତି, ଅଧ୍ୟାପକ ଦାମୋଦର ବେହେରା ଓ ଅଧିକାରୀ ନବକିଶୋର ଦାସ ଯୋଗଦେଇଥିଲେ। ସଂପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ଓ ସହ ସଂପାଦକ ବୃନ୍ଦାବନ ମିଶ୍ର, ହରିହର ବେହେରା, ରମେଶ ଚନ୍ଦ୍ର ରାଉତ ଓ ସୁବାଷ ଚନ୍ଦ୍ରମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଉମାକାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ସମିତିର ସମସ୍ତ ସଭ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥବଲେ।

# ୬୯ତମ ପୁରୀ ଜିଲ୍ଲା ବିଦ୍ୟାଳୟ ସମୂହ ଭଲିବଲ ପ୍ରତିଯୋଗିତା ଉଦଘାଟିତ

ଗୋପ,୬।୧୦:(ମନ୍ଥନ) ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଦିନ ପୁରୀ ଜିଲ୍ଲା ସ୍ତରୀୟ ୬୯ତମ ବିଦ୍ୟାଳୟ ସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ମହାସମାରୋହରେ ଉଦଘାଟିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ଉପାଧକ ଶ୍ରୀଯୁକ୍ତ ବନରଞ୍ଜନ ପଟ୍ଟନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରି ଛାତ୍ରଛାତ୍ରୀ ମାନଙ୍କର ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ପୁରୀ ଜିଲ୍ଲା ଶିକ୍ଷା ଅଧୁକାରୀ ଦୀପକ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତ୍ୱବାବଧାନରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଇଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ପୌରହିତରେ ଆୟୋଜିତ ଉଦଘାଟନୀ ସମାରୋହରେ ଅନ୍ୟତମ ଅତିଥି ଭାବରେ ଗୋପ ବ୍ଲକ ର ବିଡ଼ିଓ ଛବିରାଣୀ ସାହୁ, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ, ସମାଜସେବୀ ରାଜକିଶୋର ନାଥଶର୍ମା, ଓଷ୍ଟା ପୁରୀ ଜିଲ୍ଲା ସମ୍ପାଦକ ବିଭୁଦତ୍ତ ନାୟକ, ପୁରୀ ଜିଲ୍ଲା ଶିକ୍ଷା କ୍ରୀଡା ସଂଘଠନର ସହସମ୍ପାଦକ ନିହାର ରଞ୍ଜନ ପଲାଇ, ପ୍ରାକ୍ତନ ସହ ସମ୍ପାଦକ ବଟକୃଷ୍ଣ ଜେନା, ବରିଷ୍ଠ କ୍ରୀଡା ଶିକ୍ଷକ କପିଳେନ୍ଦ୍ର ନାୟକ, ଗୋପ ମଣ୍ଡଳ ଶାରୀରିକ ଶିକ୍ଷା ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉଦବୋଧନ ଦେଇ ଛାତ୍ରଛାତ୍ରୀ ମାନେ ଭବିଷ୍ୟତରେ ଜଣେ ସୁନାଗରିକ ହେବା ପାଇଁ ଖେଳୁଆଳ ମନୋବୃତି ନେଇ କ୍ରୀଡା ପଦର୍ଶନ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଜିଲ୍ଲା ସ୍ତରୀୟ ଭଲିବଲ ଟୁର୍ନାମେଣ୍ଟରେ ୧୦ଟି ବ୍ଲକର ୩୦୦ରୁ ଉଦ୍ଧ ପ୍ରତିଯୋଗୀ ଓ ଅଫିସିଆଲ ଅଂଶଗ୍ରହଣ କରିଥିଲେ । ୧୪ ଓ ୧୭ ବର୍ଷରୁ କମ ଛାତ୍ରଛାତ୍ରୀ ମାନେ କ୍ରୀଡା ପଦର୍ଶନ କରି ରାଜ୍ୟ ସ୍ତରକୁ ମନୋନୀତ ହେବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଗୋପ ବ୍ଲକର ଡି.ଏନ.ଓ ରାମକୃଷ୍ଣ ମହାନ୍ତି, ଦେବେନ୍ଦ୍ର କୁମାର ସ୍ୱାଇଁ ଓ ସୁବ୍ରଜିତ ନାୟକ, ବ୍ଲକ ନୋଡାଲ ପ୍ରଧାଶିକ୍ଷକ ରମାକାନ୍ତ ସେଠୀ, ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ପାଢ଼ୀ, ଅର୍ଜୁନ ଚରଣ ବେହେରା, ନିହାର ପ୍ରସାଦ ଲେଙ୍କା, ପ୍ରକାଶ କୁମାର ଜେନା ଓ ଅନିଲ କୁମାର ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ । ଏହି ବାଳକବାଳିକା ମାନଙ୍କର ଭଲିବଲ ପ୍ରତିଯୋଗିତାକୁ ଜାତୀୟ ଭଲିବଲ ରେଫରୀ ତଥା ଶାରୀରିକ ଶିକ୍ଷକ ଶ୍ରୀକାନ୍ତ ନାୟକ,ବୀରବର ଭଟ୍ଟ, ସୂର୍ଯ୍ୟନାରାୟଣ ଜେନା, ରୋଶନ କୁମାର ସାହୁ, ସୟଦ ମୋଜାଇସ ଜୁଲମନାନ ଓ ବିନୋଦ ବିହାରୀ ପ୍ରଧାନଙ୍କ ସହିତ ପୁରୀ ଜିଲ୍ଲାର ସମସ୍ତ ଶାରୀରିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିଲେ । ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ସୁବାଷ ଚନ୍ଦ୍ର ପ୍ରଧାନ ଓ ଅନୁପମା ସାହୁ ମଞ୍ଚ ସଂଯୋଜନା କରିଥିଲେ ।

# ଗାନ୍ଧୀ ଜୟନ୍ତୀରେ ନିଶାମୁକ୍ତ ସମାଜର ଶପଥ

କେନ୍ଦ୍ରାପଡ଼ା,୬।୧୦:(ମନ୍ଥନ)ଗାନ୍ଧୀ ଜୟନ୍ତୀ ଅବସରରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମପଞ୍ଚାୟତର ଗୁଣ୍ଡୁଚିବଟ ପରିସରରେ ନିଶା ନିବାରଣ ଅଭିଯାନର ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଦ୍ରୌପଦୀ ରାଉତଙ୍କ ପରିଚାଳନାରେ ଆୟୋଜିତ ଉକ୍ତ ସଭାରେ ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳ ମୁଖ୍ୟ ଅତିଥି ଓ ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତବର୍ଷ ଗଠନ କରିବା ପାଇଁ ନିଶା ମୁକ୍ତ ସମାଜର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ରାଜ୍ୟ ସରକାର ବନ୍ଦ ପଡ଼ିଥିବା ୭୦ ଟି ମଦ ଦୋକାନକୁ ପୁଣି ଖୋଲିବା ଓ ୩ ଟି ନୂଆ ମଦ ଭାଟି ପ୍ରତିଷ୍ଠା କରିବା ପାଇଁ ନିକଟରେ ନେଇଥିବା ସମାଜ ବିରୋଧୀ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା ସହିତ ସରକାର ଲୋକଙ୍କୁ ଭୁଆଁ ବୁଲେଇବା ଛାଡ଼ି ତାଙ୍କର ନିର୍ବାଚନ କାଳୀନ ପ୍ରତିଶ୍ରୁତି ଅନୁଯାୟୀ ଯଥାଶୀଘ୍ର ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଥିଲେ। ଅମରେନ୍ଦ୍ର କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସ୍ନେହଲତା ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ରାଜେଶ ସ୍ୱାଇଁ, ଲୋପାମୁଦ୍ରା ସାହୁ, ଯମୁନା ରାଉତ, ସୁଷମା ସାମଲ, ରିନାବାଳା ନାୟକ ପ୍ରମୁଖ ଶତାଧିକ ମହିଳା ଆଲୋଚନାରେ ଅଂଶଗ୍ରହଣ କରି ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସଂପାଦକୀୟ

# ଏସଆଇଆର ପାଇଁ ପରୀକ୍ଷାର ବେଳ

ବିହାରରେ ଗତ ଅଗଷ୍ଟ ମାସରୁ ଆରମ୍ଭ ହୋଇଥିବା ଭୋଟର ତାଲିକାର ବହୁଚର୍ଚ୍ଚିତ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରୀୟ (ଏସଆଇଆର) ପରେ ଗଲା ପହିଲାରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ତାଲିକାରେ ମୋଟ ୭କୋଟି ୪୨ଲକ୍ଷ ଭୋଟରଙ୍କ ନାମ ରହିଛି। ବିହାରରେ ଆସନ୍ତା ବିଧାନସଭା ନିର୍ବାଚନ ଲାଗି ଏହା ଚୂଡ଼ାନ୍ତ ଭୋଟର ତାଲିକା ବୋଲି ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ନିର୍ବାଚନ କମିଶନଙ୍କ ରିପୋର୍ଟ ଅନୁଯାୟୀ ୨୦୨୫ ଜୁନ୍ ୨୪ରେ ବିହାରର ମୋଟ ଭୋଟରଙ୍କ ସଂଖ୍ୟା ୭କୋଟି ୭୯ଲକ୍ଷ ଥିଲା। ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ଏବେ ୪୨ଲକ୍ଷ ଭୋଟର ତାଲିକାରୁ ବାଦ୍ ପଡିଛନ୍ତି। ତେବେ ଗଲା ସେପ୍ଟେମ୍ବର ପହିଲାରେ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକାଶିତ ଚିଠା ଭୋଟର ତାଲିକାରୁ ବାଦ୍ ପଡିବା ଏବଂ ବିହାର ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏସଆଇଆରକୁ ବହୁ ବିରୋଧିଦଳ ତୀବ୍ର ବିରୋଧ କରିବା ସୁପ୍ରିମକୋର୍ଟରେ ଏକାଧିକ ପିଟିସନ ଦାୟର କରିଥିଲେ। ପିଟିସନ ଗୁଡିକର ଏକତ୍ର ଶୁଣାଣୀ କରି ସୁପ୍ରିମକୋର୍ଟ ଆଧାରକୁ ପରିଚୟ ପତ୍ର ଭାବେ ଗ୍ରହଣ କରିବା ପାଇଁ କଡା ନିର୍ଦ୍ଦେଶ ଦେବା ପରେ ଚିଠା ଭୋଟର ତାଲିକାରେ ୨୧ଲକ୍ଷ ୫୩ହଜାର ନାମ ସଂଯୁକ୍ତ ଓ ୩ଲକ୍ଷ ୬୬ହଜାର ନାମ ବିଯୁକ୍ତ କରାଯାଇ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛି ଯାହାକି ସାମନ୍ୟ ଆଶ୍ୱସ୍ତିର କାରଣ ହୋଇଛି। ୪୪ଲକ୍ଷ ଭୋଟରଙ୍କ ମୃତ୍ୟୁ ଘଟିବା କମିଶନ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏସଆଇଆର ପାଇଁ ନିର୍ବାଚନ କମିଶନ ଧାର୍ଯ୍ୟ କରିଥିବା ୧୩ଟି ପରିଚୟ ପତ୍ର ମଧ୍ୟରୁ ଆଧାର ଭୋଟର ପରିଚୟ ପତ୍ର ଏବଂ ରାସନ କାର୍ଡକୁ ବାଦ୍ ଦେଇଥିଲେ। ଆଧାରକୁ ପରିଚୟ ପତ୍ର ଭାବେ ଗ୍ରହଣ କରିବା ପାଇଁ ସୁପ୍ରିମକୋର୍ଟ କଡା ନିର୍ଦ୍ଦେଶ ଦେବା ପରେ କମିଶନ ଏହାକୁ ଗ୍ରହଣ କରିଥିଲେ। କିନ୍ତୁ ଚିଠା ପ୍ରସ୍ତାବ ଉପରେ ଦାବି ଓ ଆପତି ଅଭିଯୋଗ ପାଇଁ କମିଶନଙ୍କ ଚୂଡ଼ାନ୍ତ ଅବଧି ଆଉ ମାତ୍ର ୧୦ଦିନ ବାକି ଥିବାବେଳେ ଏହା ସମ୍ପୂର୍ଣ୍ଣ ଭାବେ ବାଦ୍ ପଡିଥିବା ଭୋଟରଙ୍କୁ ସହାୟତା କରିପାରିନଥିବା କୁହାଯାଏ। ଆଧାର'କୁ ଉଭୟ ଜନ୍ମ ଓ ବାସସ୍ଥାନ ପ୍ରମାଣପତ୍ର ଭାବେ ଗ୍ରହଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ବିହାର ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ରାଜ୍ୟରେ ଏସଆଇଆର ପାଇଁ ନିର୍ବାଚନ କମିଶନଙ୍କ ଘୋଷଣା ବିବାଦ ସୃଷ୍ଟି କରିଥିଲା। ପ୍ରଥମତଃ ସ୍ୱଳ୍ପ ଅବଧି, ବିହାର ପରି ଏକ ବୃହତ ରାଜ୍ୟରେ କମ୍ ସମୟ ମଧ୍ୟରେ ବାସସ୍ଥାନ ପ୍ରମାଣପତ୍ର ସହ ଭୋଟର ବ୍ୟକ୍ତିଗତ ଭାବେ ହାଜର ହେବା ଏବଂ ତୃତୀୟତଃ ଆଧାର, ରାସନକାର୍ଡ ଏବଂ କମିଶନ ନିଜେ ପ୍ରଦାନ କରିଥିବା ଭୋଟର ପରିଚୟ ପତ୍ରକୁ ପ୍ରମାଣପତ୍ର ତାଲିକାରୁ ବାଦ୍ ଦେବା ଘୋଷଣାକୁ ତୀବ୍ର ବିରୋଧର ସମ୍ମୁଖୀନ ହୋଇଥିଲା। ଏପରିକି ଖୋଦ୍ ସର୍ବୋଚ୍ଚ ଅଦାଲତ ଏସଆଇଆର ସମୟକୁ ନେଇ ପ୍ରଶ୍ନ ଉଠାଇବା ସହ ଆଧାର'କୁ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର ପରାମର୍ଶକୁ କମିଶନ ଗ୍ରହଣ ନକରିବାରୁ ଶେଷରେ ସୁପ୍ରିମକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ ନକରି ଆଧାରକୁ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ କଡା ନିର୍ଦ୍ଦେଶ ଦେଇଥିଲେ। ଏପରିକି ଏସଆଇଆରରେ ଯଦି କିଛି ଅନିୟମିତତା ପ୍ରମାଣିତ ହେଲେ, ପ୍ରକ୍ରୀୟାକୁ ସମ୍ପୂର୍ଣ୍ଣ ରଦ୍ଦ କରିବା ପାଇଁ ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି। ଆସନ୍ତା ୭ତାରିଖରେ ଏସଆଇଆର ଉପରେ ସୁପ୍ରିମକୋର୍ଟ ଚୂଡ଼ାନ୍ତ ରାୟ ଦେବା ଦିବସ ଧାର୍ଯ୍ୟ କରିଛନ୍ତି ଏବେ ଚୂଡ଼ାନ୍ତ ରାୟକୁ ଅପେକ୍ଷା। କାରଣ ଇତିମଧ୍ୟରେ ଦେଶର ଅନ୍ୟ ରାଜ୍ୟଗୁଡିକରେ ଏସଆଇଆର ପ୍ରକ୍ରୀୟା କମିଶନ ଆରମ୍ଭ କରିଛନ୍ତି। ଏଥିପାଇଁ ଭୋଟରଙ୍କୁ ମାସେ ନୁହେଁ ଅଧିକ ସମୟ ଦେବା ଜରୁରୀ। କାରଣ ସୁପ୍ରିମକୋର୍ଟ ଚୂଡ଼ାନ୍ତ ରାୟ ସାରା ଦେଶରେ ଲାଗୁ ହେବ। ଇତିମଧ୍ୟରେ ଆନ୍ଧ୍ରର ମୁଖ୍ୟମନ୍ତ୍ରୀ ତଥା ଏନଡିଏର ଅନ୍ୟତମ ବଡ ଅଂଶୀଦାର ତେଲୁଗ ଦେଶମ୍ ପାର୍ଟିର ସୁପ୍ରିମୋ ଚନ୍ଦ୍ରବାବୁ ନାଇଡୁ ଏସଆଇଆର ପାଇଁ ମାନେ ନୁହେଁ, ୬ମାସରୁ ଅଧିକ ସମୟ ଦେବା ଦାବି କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଉଠାଇଥିବା ଭୋଟ ଚୋରୀ ଅଭିଯୋଗ ଉପରେ କମିଶନ ମୁକାବିଲାତ୍ମକ ନୁହେଁ, ଏହାର ସତ୍ୟାସତ୍ୟ ପାଇଁ ଅନୁସନ୍ଧାନ କରି ଏହାର ସତ୍ୟାସତ୍ୟ ଦେଶବାସୀଙ୍କୁ ଜଣାଇବା ଜରୁରୀ। ଦେଶର ସାମ୍ବିଧାନିକ ସଂସ୍ଥା ନିର୍ବାଚନ କମିଶନ ଦେଶବାସୀଙ୍କ ନିକଟରେ ନିଜର ବିଶ୍ୱାସନୀୟତା, ଆସ୍ଥା ଓ ନିରପେକ୍ଷତା ଅତୁଟ ରଖିବା ସମୟ ଏବେ ଉପନୀତ। ତେଣୁ ଏସଆଇଆର ପାଇଁ ଏବେ ପରୀକ୍ଷାର ବେଳ ବୋଲି କୁହାଯାଇପାରେ।

# ମୋଦିଜୀଙ୍କ ଓଡ଼ିଶାକୁ ପୂଜାଭେଟି

### ହୃଶିକେଷ ପୁହାଣ

୧୧ହଜାର କୋଟି ଟଙ୍କା ବିନିଯୋଗରେ ଆଠଟି ଆଇଆଇଟିର ସଂପ୍ରସାରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ। ଆଠଟି ଅତ୍ୟାଧୁନିକ ଗବେଷଣା ପାର୍କ ଭାରତର ନବସୃଜନ ସହ ଗବେଷଣା ଓ ବିକାଶକୁ ପ୍ରୋତ୍ସାହନ କରିବ। ଏହାସହ ମେରିଟ ଯୋଜନାର ଶୁଭାରମ୍ଭ ହେବ ଯାହା ଭାରତର ୨୭୫ଟି ଇଞ୍ଜିନିୟରିଂ ଓ ପଲିଟେକନିକ ଅନୁଷ୍ଠାନରେ ଗୁଣବତ୍ତା, ସମାନତା, ଗବେଷଣା ଓ ନବସୃଜନକୁ ଆଗକୁ ନେବ। ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟକ୍ରମ ସହ ବ୍ରହ୍ମପୁର ଓ ସମ୍ବଲପୁରରେ କେନ୍ଦ୍ର ସ୍ଥାପନ ସହିତ ଏଠାରେ ସାମୁଦ୍ରିକ ଠାରୁ ଅକ୍ଷୟ ଶକ୍ତି, କୃଷି ପ୍ରଯୁକ୍ତି ଠାରୁ ରିଟେଲ ପର୍ଯ୍ୟନ୍ତ ପାଠ୍ୟକ୍ରମର ବ୍ୟବସ୍ଥା ରହିବ। ଏହାସହ ପାଞ୍ଚଟି ଆଇଟିଆଇକୁ ଉତ୍କର୍ଷ ଆଇଟିଆଇ ଭାବେ ଉନ୍ନୀତ କରାଯିବ। ମୋଦିଜୀଙ୍କ ଗ୍ରସ୍ତ ସମୟରେ ଭୀମସାର ବିଶ୍ୱସ୍ତରୀୟ ସୁପରସ୍ପେଶାଲିଟି ହସ୍ପିଟାଲ ଉନ୍ନତିକରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ହେବ। ଯେଉଁଥିରେ ବିସ୍ତୃତ ସ୍ୱାସ୍ଥ୍ୟ ଓ ଶିକ୍ଷା ଭିତ୍ତିଭୂମି ଉପଲବ୍ଧ ହେବାସହ ପ୍ରଧାନ ମନ୍ତ୍ରୀ ଅନ୍ତୋଦୟ ଗୃହ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବ। ଓଡ଼ିଶା ଆଜି ସର୍ବ ଭାରତୀୟ କ୍ଷେତ୍ରରେ ବିକାଶର ଯେଉଁ ଅଭିବୃଦ୍ଧିର ନୂଆ ସ୍ୱାକ୍ଷର ଯୋଡ଼ିଛି ତାହା କ୍ୱଚିତ ରାଜ୍ୟର ବିକାଶ କ୍ଷେତ୍ରରେ ଦେଖାଯାଏ। ଓଡ଼ିଶାରେ ଆଜି ଦୃଢ଼ ନେତୃତ୍ୱ ଓ ଲୋକମାନଙ୍କର ଲୋକ ସରକାର ଯଥାର୍ଥରେ ପ୍ରତୀୟମାନ ପରିଚିତ ହୋଇପାରିଥିବା ମୋହନ ଚରଣ ମାଝୀଙ୍କ ସରକାର ନୂଆ ଓଡ଼ିଶାକୁ ଆଗେଇ ନେବାରେ ଅକୁଣ୍ଠ ପରିଶ୍ରମ କରିଛନ୍ତି। ତେବେ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ କେବଳ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କରିଲେ ଚଳିବ ନାହିଁ। ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ରହିଛି। ରାମାୟଣ ସମୟର ଗୁଣ୍ଡିଚି ମୂଷାଙ୍କ କଥା କାଳେ କାଳେ ସମସ୍ତଙ୍କର ମନେ ରହିଛି। ବର୍ତ୍ତମାନର ସମୟରେ ଛୋଟପିଲାଟି ମଧ୍ୟ ହାତ ପାଖରେ ଥିବା ଫୋନଟିରେ ତା ସାମ୍ନାରେ ଘଟୁଥିବା ଘଟଣ ଦୁର୍ଘଟଣକୁ ରେକର୍ଡ଼ କରିପାରୁଛି ଆଉ ଅନ୍ୟ ମାନଙ୍କୁ ଜଣାଇ ସାହାଯ୍ୟ ମଧ୍ୟ ପାଇପାରୁଛି। ଓଡ଼ିଶା ଆଜି ବିକାଶର ବେଗବାନ ଧାରାରେ ଯେଉଁ ଅଭିବୃଦ୍ଧିକୁ ଛୁଇଁ ପାରିଛି ଏହାର ଶ୍ରେୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କୁ ଓ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ହିଁ ପ୍ରାପ୍ତ ହେବ। ପାର୍ବଣ ଅବସରରେ ଆମର ପ୍ରିୟ ମୋଦିଜୀଙ୍କୁ ଓଡ଼ିଶା ମାଟିରେ ସ୍ୱାଗତ ଓ ଅଭିନନ୍ଦନ ଜଣାଉଛୁ। ତାଙ୍କ ବିକାଶର ପାର୍ବଣ ଭେଟି ନୂଆ ବିକାଶର ଓଡ଼ିଶା ତିଆରି କରିବାରେ ନିଶ୍ଚିନ୍ତ ସମର୍ଥ ହେବ। ଏହି ଶୁଭ କାମନା

ଥାଇଲୋ, ଅଲିକଣ୍ଠା, ବାଲିକୁଦା, ଜଗତସିଂହପୁର-୭୫୪୧୦୮, ଦୂରଭାଷ : ୭୦୦୮୪୩୮୯୫୯

# ସୁଖର ସନ୍ଧାନେ

### ଇଂ.ସଚ୍ଚିଦାନନ୍ଦ ନନ୍ଦ

ମଣିଷ ସୁଖୀ ହେବାକୁ ଚାହେଁ କିନ୍ତୁ ସବୁ କ୍ଷେତ୍ରରେ ସବୁ ଦୃଷ୍ଟିରୁ ସର୍ବତୋଭାବେ ସୁଖୀ ହୋଇପାରେ ନାହିଁ । ମଣିଷ ଯାହା ଚାହୁଁଛି ତାହା ହାସଲ କରିବା ପାଇଁ ପ୍ରାଣପଣେ ଉଦ୍ୟମ କରୁଛି । ତେବେ ସୁଖୀ ହୋଇପାରିବ ନାହିଁ କାହିଁକି ? କ'ଣ ତ ଚାହିଁବାଟା ଦୁର୍ବଳ ଚାହିଁବା ବା ବାରମ୍ବାର ବିଫଳ ହୋଇସାରିବା ପରେ ତା'ର ମନବଳ ଭାଙ୍ଗି ଯାଉଛି । ବିଫଳ ହେବା ମଧ୍ୟ ଗୋଟିଏ ଭଲ ଶିକ୍ଷା । ସେ ଜାଣିପାରୁଥିବ ଯେ ସୁଖୀ ହେବା ତା'ହାତ ମୁଠାରେ ନାହିଁ । ଏବେ ଅନ୍ତତଃ ପକ୍ଷେ ସେ ଅନୁସନ୍ଧାନ କୁ ଯେ ବିଫଳତାର କାରଣ କ'ଣ ?

ଏ ସମୟର ସର୍ବୋଚ୍ଚ ଜ୍ଞାନ ସମ୍ପନ୍ନ ଅବତାର ଶ୍ରୀ ସତ୍ୟସାଇ ବାବାଙ୍କର ଉତ୍ତର ପୁରାପୁରି ଠିକ୍ ଭଳି ମନେହୁଏ । ତାଙ୍କ ଶିକ୍ଷାକୁ କାମରେ ଲଗାଇଲେ ତାହା କେତେ ପ୍ରଭାବଶାଳୀ ଆମେ ଉପଲବ୍ଧି କରିପାରିବା । ମଣିଷ ଭାବିଥାଏ ସେ ଯାହା ଚାହିଁଛି ତାହା ପାଇଗଲେ ସେ ଖୁସି ହେବ । ସେ କିଛି ପାଏ ନାହିଁ ବୋଲି କହି ହେବନାହିଁ । ଆମର ଇଚ୍ଛା କିଛି ହେଲେ ପୂରଣ ହୋଇନାହିଁ ବୋଲି ଆମେ କେବେ କହିପାରିବା ନାହିଁ । ନିଶ୍ଚିତ ଭାବେ କିଛି ଇଚ୍ଛା ପୁରଣା ହୋଇଛି । ତଥାପି ଜଣେ ନିଜକୁ ସୁଖି ବୋଲି ଘୋଷଣା କରିପାରେ ନାହିଁ । କାରଣ କିଛି ଇଚ୍ଛା ପୂରଣ ହୋଇଗଲା ମାତ୍ରେ ଖୁସିରେ ଆଉ ସେତିକି ଇଚ୍ଛା ପୁରଣ ହେବା ଆଶାରେ ତିଆରି ହୋଇଯାଆନ୍ତି ।

ମଣିଷ ଯାହା ସବୁ ଇଚ୍ଛା ସେଗୁଡ଼ିକ ଶାଶ୍ୱତ ବସ୍ତୁ ବା ପଦାର୍ଥ ନୁହେଁ । ତାହା କିପରି ଆମକୁ ଶାଶ୍ୱତ ସୁଖ ଦେଇପାରନ୍ତା ? ତେଣୁ ସେଗୁଡ଼ିକ ମିଳିଗଲେ ମଧ୍ୟ କ୍ଷଣିକ ସୁଖ ପ୍ରଦାନ କରି ଅତିଶୀଘ୍ର ନିଜର ସାମାନ୍ୟ ସାମର୍ଥ୍ୟର ପରିଚୟ ପ୍ରଦାନ କରି ଉଭେଇଯାଆନ୍ତି । ମଣିଷକୁ ପୁନଶ୍ଚ ଅସୁଖି କରି ଦିଅନ୍ତି । ମଣିଷ ଏହା ଉପଲବ୍ଧି କରେ ଏବଂ କୌଣସି ଦୀର୍ଘସ୍ଥାୟୀ ସୁଖପ୍ରଦାନ କଲାଭଳି ବସ୍ତୁ ବା ପଦାର୍ଥ ଆଶାରେ ଜୀବନ ବିତାଏ । କିଛି ଦିନ ପରେ ସେ ଅନୁଭବ କରେ ଯେ ଦୀର୍ଘସ୍ଥାୟୀ ସୁଖଟା, ଚିରସ୍ଥାୟୀ । ସେତେବେଳେ ସେ ଭାବେ ଚିରସ୍ଥାୟୀ ବସ୍ତୁ ହିଁ ଚିରସ୍ଥାୟୀ ସୁଖ ପ୍ରଦାନ କରିପାରେ । ଧୀରେ ଧୀରେ ତାହାର ଜ୍ଞାନ ଉଦୟ ହୁଏ ଏବଂ ସେ ବୁଝିପାରେ ଯେ ସଂସାରରେ ଦେଖାଯାଉଥିବା କୌଣସି ପଦାର୍ଥ ଚିରସ୍ଥାୟୀ ସୁଖ ଦେଇପାରନ୍ତି ନାହିଁ କାରଣ ସେଗୁଡ଼ିକ ନିଜେ ଚିରସ୍ଥାୟୀ ନୁହନ୍ତି । ଏହିଭଳି ଅନୁସନ୍ଧାନ କରୁ କରୁ ସେ ଜାଣିପାରେ ସେ ସ୍ଥାୟୀ ସୁଖ ଖୋଜିବା ଏକ ବ୍ୟର୍ଥ ପ୍ରୟାସ ।

କିନ୍ତୁ କେତେକ ଉଚ୍ଚତର ଜ୍ଞାନ ସମ୍ପନ୍ନ ବ୍ୟକ୍ତି ଅଛନ୍ତି ଯେଉଁମାନେ କହନ୍ତି, ନା, ନା ଏଥିରେ ହତାଶ ହେବାର ନାହିଁ । ଚିରସ୍ଥାୟୀ ସୁଖ ମିଳିବାର ଉପାୟ ଅଛି । ତାହାକୁ ଆପଣାଇଲେ ସୁଖ ସମ୍ଭବ । ଗୀତାଜ୍ଞାନ ଅନୁସାରେ 'ଅନିତ୍ୟଂ ଅସୁଖଂ ଲୋକେ ମେମ୍ ପ୍ରାପ୍ୟ ଭଜସ୍ୱ ମାସ୍' । ଅର୍ଥାତ୍ ଏ ସଂସାରଟା ଅନିତ୍ୟ ଓ ଅସୁଖପୂର୍ଣ୍ଣ, ଯଦି ସୁଖ ଚାହୁଁଛ ଭଗବାନଙ୍କୁ ଭଜ ବା ଖୋଜ । କାରଣ ଏଠାରେ ନିତ୍ୟ ବା ଚିରସ୍ଥାୟୀ ବସ୍ତୁ ଏକମାତ୍ର ଭଗବାନ । ଭଗବାନଙ୍କୁ ଖୋଜାଯାଏ ନିରବତା ମାଧ୍ୟମରେ । ନିରବପର ଗଭୀରତମ ପ୍ରଦେଶରେ ଭଗବାନଙ୍କ କଣ୍ଠସ୍ୱର ଶୁଣାଯାଇଥାଏ । ତାଙ୍କ ନିର୍ଦ୍ଦେଶ ମିଳିଥାଏ । ସେ ଯେହେତୁ ସମସ୍ତ ସୁଖର ଗନ୍ତାଘର ତାଙ୍କୁ ଜୀବନର କେନ୍ଦ୍ର କରିପାରିଲେ ପ୍ରକୃତ ସୁଖ, ଶାଶ୍ୱତ ସୁଖ ଓଝ ଜନ୍ମଜନ୍ମାନ୍ତରର ସୁଖ ପ୍ରାପ୍ତ ହେବାର ଆଶା ସୃଷ୍ଟି ନିଶ୍ଚିତ ହୋଇଯାଏ ।

ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି, କାମନାବାସନା ହିଁ ଦୁଃଖର କାରଣ । ସେଗୁଡ଼ିକୁ କମାଇ ପାରିଲେ ଦୁଃଖ ହ୍ରାସ ପାଇବ ଓ ସୁଖାନୁଭୂତି ଲାଭ ହେବ । ମଣିଷର ଯାହା ଆବଶ୍ୟକତା ତାହା ପୂରଣ ହେବ ଦରକାର ସେଥିପାଇଁ ଚେଷ୍ଟା କରିବା ଦରକାର । କିନ୍ତୁ କାମନାବାସନା ଜନିତ ବା ଲୋଭର ବଶବର୍ତ୍ତୀ ହୋଇ ମଣିଷ ଯାହାସବୁ କରିବସେ ତାହାର ଫଳ ସମସ୍ତଙ୍କୁ ଜଣା ତାହା ସବୁ ସୁଖ ନିର୍ବାପକ ବ୍ୟବସ୍ଥା । ଭଗବାନ ବାବାଙ୍କ ଅନ୍ୟତମ ଶିକ୍ଷା ହେଉଛି 'ଅନ୍ୟକୁ ସୁଖ ଦେଇପାରିଲେ ମଣିଷ ନିଜେ ସୁଖ ପାଇପାରିବ । ଏହା ପୁରାପୁରି ଠିକ୍ କଥା । ଆମ ଶାସ୍ତ୍ରମାନେ କହିଛନ୍ତି ଯାହା ଦେଇଥିବ ତାହାହିଁ ପାଇବ । ଅନ୍ୟ ଅର୍ଥରେ ଆମର ଯାହା ଦରକାର ତାହା ଅନ୍ୟକୁ ଦେଲେ ଆମେ ପାଇଥାଉ । ଯଦି ସୁଖ ପାଇବାର ଆମର ଲକ୍ଷ୍ୟ ତେବେ ଅନ୍ୟକୁ ସୁଖ ଦେବା ହିଁ ଏକ ନିଶ୍ଚିତ ମାର୍ଗ । ଦେବାକୁ ହେବ ସବୁକଥା ଆମ ଶକ୍ତି ବା କ୍ଷମତା ଭିତରେ ରହିବା ଉଚିତ । ଅନ୍ୟଜଣେ ସୁଖି ହେବାକୁ ଯଦି ଲକ୍ଷ ଲକ୍ଷ ଟଙ୍କା ମାଗୁଥାଏ, କେତେଜଣ ତାହା କରିପାରିବେ ? ବାବାଙ୍କ ଭାଷାରେ ପରୋପକାର ମାଧ୍ୟମରେ ଜଣେ ସୁଖି ହୋଇପାରେ । ପରର ଆତ୍ମା ସନ୍ତୁଷ୍ଟ ହେଲେ ପରମାତ୍ମା ସନ୍ତୁଷ୍ଟ । ସେଥିପାଇଁ ଦରକାର ସନ୍ତୁଷ୍ଟ ବ୍ୟବହାର ଓ ମୂଲ୍ୟବାନ ପରାମର୍ଶ । ଅସହାୟ ବ୍ୟକ୍ତି ଲୋଡୁଥିବା ସେବା ସହାୟତା ପରର ଆତ୍ମାକୁ ତୃପ୍ତି ଦେଇଥାଏ । ଏହି କର୍ମରେ ନିୟୋଜିତ ହେବାକୁ ହେଲେ ସେବାକୁ ସାମାନ୍ୟ ଅଧିକ ନିଃସ୍ୱାର୍ଥପର ହେବାକୁ ପଡ଼ିଥାଏ । ନିଜ ସୁଖ କମାଇ ଅନ୍ୟର ସୁଖପାଇଁ ବ୍ୟବସ୍ଥା କରିବାରେ ପ୍ରକୃତ ସୁଖ ନିହିତ । ମହାପୁରୁଷମାନେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥ ଜୀବନ ଯାପନ କରନ୍ତି ଏବଂ ତାଙ୍କ ସମ୍ବଳ ଉପଯୋଗ କରି ଦରିଦ୍ର ଅସହାୟ ମାନଙ୍କ ସେବା କରି ସୁଖ ଓ ଆନନ୍ଦ ପାଇଥାନ୍ତି ।

ଅନ୍ୟ ଏକ ମାର୍ଗ ଅଛି ଅବଶ୍ୟ ସଦାସର୍ବଦା ସନ୍ତୁଷ୍ଟ ରହିବାରେ ସୁଖ ଥାଏ । ଯାହାକୁ ଯାହା ମିଳିଛି ସେଥିରେ ଅସନ୍ତୁଷ୍ଟ ନ ହୋଇ ନିଜ କର୍ମକୁ ଦୋଷାରୋପ ନକରି, ଅନ୍ୟମାନଙ୍କ ସୌଭାଗ୍ୟ ସହ ନିଜ ଅବସ୍ଥାକୁ ତୁଳନା ନକରି, ଯାହା ମିଳିଛି ତାହାକୁ ଭଗବାନଙ୍କ ଉପହାର ମନେକରି ଯିଏ ସନ୍ତୁଷ୍ଟ ରହିପାରେ ସେ ସୁଖି ହୁଏ । ଅବଶ୍ୟ ଯାହା ମିଳିଛି ସେଥିରେ ସନ୍ତୁଷ୍ଟ ହୋଇ କୌଣସି ପରିଶ୍ରମ ନକରିବା, ଆଳସ୍ୟରେ ଜୀବନ ବିତାଇବା ଦ୍ୱାରା ଭଗବାନଙ୍କ ମୂଳ ଉପହାରକୁ ବଞ୍ଚାଇ ପାରିବାନାହିଁ । କର୍ମକୁ ହେଳା କରିବା, କର୍ମର ମହତ୍ତ୍ୱ ନ ବୁଝିବା, ଜୀବନ ଓ କର୍ମ ମଧ୍ୟରେ ଥିବା ସମ୍ପର୍କକୁ ମର୍ଯ୍ୟାଦା ନଦେବା ଠିକ୍ ନୁହେଁ । ସୁଖ ପାଇବା ଦିଗରେ ଇନ୍ଦ୍ରିୟ ସଂଯମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନୈତିକ ଜୀବନ ବିନା ସୁଖ ସୁଦୂର ପରାହତ ହୋଇଯିବ । ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି କୌଣସି ପଦାର୍ଥର ଅପଚୟ ମଣିଷକୁ ସୁଖ ଦେଇପାରିବ ନାହିଁ । ତେଣୁ କିଛି ବି ଅପଚୟ କରନାହିଁ । ବିଶେଷକରି, ଖାଦ୍ୟ, ଧନ, ସମୟ ଓ ଶକ୍ତି କେବେହେଲେ ନଷ୍ଟ ହେବା ଉଚିତ ନୁହେଁ । ବର୍ତ୍ତମାନ ସୁଖରେ ଥିବା ବ୍ୟକ୍ତି ଯଦି ଏଗୁଡ଼ିକର ଅପଚୟ କରେ ତେବେ ସେ ଅବିଳମ୍ବେ ଅସୁଖି ହୋଇଯିବ । ଏହାର ସଦ୍‌ବ୍ୟବହାରରେ ହିଁ ସୁଖ ଏଗୁଡ଼ିକ ନଷ୍ଟ ହେବା ଅର୍ଥ ନିଜର ସୁଖ ନଷ୍ଟ ହେବା ।

ସୁଖର ସଂଜ୍ଞା ଦେବାକୁ ଯାଇ ଭଗବାନ ବାବା କହନ୍ତି 'ଭଗବାନଙ୍କ ସହ ସଂଯୁକ୍ତ ହେବା ହିଁ ସୁଖ' । ଏହା ସାଧାରଣ ଲୋକଙ୍କ ପକ୍ଷେ ସମ୍ଭବ ନୁହେଁ, ସାଧକ ମାନଙ୍କ ପକ୍ଷେ ବି କଷ୍ଟକର । ତଥାପି ସଫଳତାର ଆଶା ଅଛି । ଭଗବାନଙ୍କ ସହ ସଂଯୁକ୍ତ ହେବାର ମାର୍ଗରେ ଚାଲିଲେ ଯଥେଷ୍ଟ, ପରିଶେଷରେ ତାହା ଆମକୁ ନେଇ ଗନ୍ତବ୍ୟ ଲକ୍ଷରେ ପହଞ୍ଚାଇ ଦେବ । ସେ ମାର୍ଗରେ ଥିବା ବିଭିନ୍ନ ସୋପାନ ଗୁଡ଼ିକ ନବଧାଭକ୍ତି । ମୁଖ୍ୟତଃ ଭଜନ, କୀର୍ତ୍ତନ, ଦାସ୍ୟଭାବ, ସେବକ ଭାବେ ଜୀବନ ଯାପନକରୁ କରୁ ସାଧାରଣ ବ୍ୟକ୍ତି ସାଧକ ପାଲଟି ଯିବ ଓ ସାଧକ ମୁମୁକ୍ଷୁ ଓ ମୁମୁକ୍ଷୁ ଜୀବନର ଲକ୍ଷ ସୁଖଶାନ୍ତି ପ୍ରାପ୍ତି ହୋଇପାରିବ ।

ସଂପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ', ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫

# ଲକ୍ଷ୍ମୀଙ୍କର ଆଠ ସ୍ୱରୂପ

### ତୁଷାର ରଞ୍ଜନ ସାହୁ

ସୌନ୍ଦର୍ଯ୍ୟ, ଧନ ଓ ଉତ୍ପାଦନର ଦେବୀ ଲକ୍ଷ୍ମୀଙ୍କର ଅନେକ ରୂପ ଅଛି । ଯେମିତି ମା'ଦୁର୍ଗାଙ୍କର ନ'ଟି ରୂପ, ସେମିତି ମା'ଲକ୍ଷ୍ମୀଙ୍କର ଆଠଟି ରୂପ । ସେମାନଙ୍କୁ ଅଷ୍ଟଲକ୍ଷ୍ମୀ କୁହାଯାଏ । ପୁରାଣରେ ବର୍ଣ୍ଣନା ଅଛି ମା'ଲକ୍ଷ୍ମୀ ପ୍ରଦାନ କରୁଥିବା ଧନ ୧୬ ପ୍ରକାରର । ଏହି ଷୋଡ଼ଶ ଧନ ହେଉଛି - ଜ୍ଞାନ, ବୁଦ୍ଧିମତା, ଶକ୍ତି, ବୀରତ୍ୱ, ସୌନ୍ଦର୍ଯ୍ୟ, ପରାକ୍ରମ, ଖ୍ୟାତି, ଅଭିଳାଷା, ନୈତିକତା, ସ୍ୱର୍ଣ୍ଣ, ଶସ୍ୟ, ଖୁସି, ପରମାନନ୍ଦ, ସ୍ୱାସ୍ଥ୍ୟ, ଆୟୁଷ ଓ ପରାକ୍ରମୀ ସନ୍ତାନ । ଲକ୍ଷ୍ମୀଙ୍କର ଅଷ୍ଟସ୍ୱରୂପ ମନୁଷ୍ୟ ନିମନ୍ତେ ଆବଶ୍ୟକ ଏହି ଷୋଡ଼ଶ ଧନର ଆବଶ୍ୟକତା ପୂରଣ କରନ୍ତି । ମା'ଲକ୍ଷ୍ମୀଙ୍କର ଏହି ଆଠ ରୂପ ହେଉଛି - ଆଦି ଲକ୍ଷ୍ମୀ ବା ମହାଲକ୍ଷ୍ମୀ, ଧନ ଲକ୍ଷ୍ମୀ ବା ଐଶ୍ୱର୍ଯ୍ୟ ଲକ୍ଷ୍ମୀ, ଧାନ୍ୟ ଲକ୍ଷ୍ମୀ, ରଜ ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ବୀରଲକ୍ଷ୍ମୀ ବା ଧୈର୍ଯ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ବିଜୟଲକ୍ଷ୍ମୀ ବା ଜୟଲକ୍ଷ୍ମୀ ।

ଆଦି ଲକ୍ଷ୍ମୀ : ଆଦି ଲକ୍ଷ୍ମୀ ଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ । ସେ ମହର୍ଷି ଭୃଗୁଙ୍କ ଝିଅ ଓ ପ୍ରଭୁ ନାରାୟଣଙ୍କ ପତ୍ନୀ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ନାରାୟଣଙ୍କ ସହ ବୈକୁଣ୍ଠରେ ରୁହନ୍ତି । ସେ ନାରାୟଣଙ୍କ ତାଙ୍କୁ ଆଦର କରିବା ଦର୍ଶାଏ ଏ ଜଗତ ତାଙ୍କର ସେବାରେ ତତ୍ପର । ଆଦିଲକ୍ଷ୍ମୀଙ୍କର ଚାରୋଟି ହାତ । ଗୋଟିଏ ହାତରେ ପଦ୍ମପୁଷ୍ପ ଓ ଅନ୍ୟ ହାତରେ ପତାକା ଧରିଥାନ୍ତି । ଗୋଟିଏ ହାତ ଅଭୟ ମୁଦ୍ରାରେ ଥିବାବେଳେ ଅନ୍ୟ ହାତ ବରଦ ମୁଦ୍ରାରେ ଥାଏ । ତାଙ୍କୁ ଆନନ୍ଦ ପ୍ରଦାନକାରିଣୀ ରମା ବୋଲି କୁହାଯାଏ । ତାଙ୍କର ଅନ୍ୟନାମ ଇନ୍ଦିରା । ପଦ୍ମକୁ ହୃଦୟ ସହ ସଂଯୁକ୍ତ କରିଥିବାରୁ ସେ ଶୁଦ୍ଧତାର ପ୍ରତୀକ । ଅଷ୍ଟଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀ । ତାଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରାଧନା କରାଯାଏ ।

ସୁମାନସା ବନ୍ଦିତା, ସୁନ୍ଦରୀ, ମେଧାବୀ ଚନ୍ଦ୍ରସହୋଦରୀ, ହେମମୟେ, ମୁନିଗଣବନ୍ଦିତା, ମୋକ୍ଷ ପ୍ରଦାୟିନୀ ମଞ୍ଜୁଳା ଭାଷିନୀ, ବେଦମାତେ ପଙ୍କଜବାସିନୀ, ଦେବସୁପୁଳିତା, ସାଧୁଗୁଣବର୍ଷିଣି, ଶାନ୍ତିଯୁତେ ଜୟ ଜୟ ହେ, ମଧୁସୂଦନ କାମିନୀ ଆଦିଲକ୍ଷ୍ମୀ, ଜୟ, ପାଳୟମାମ୍ ।

ଧନଲକ୍ଷ୍ମୀ : ଧନ ଅର୍ଥ ସୁନା ବା ଅର୍ଥ ଭାବରେ ବୈଭବ । ଆଧ୍ୟାତ୍ମିକ ଅର୍ଥରେ ଏହା ବଳ, ଇଚ୍ଛାଶକ୍ତି, ପ୍ରତିଭା, ବୀରତ୍ୱ ଓ ଚରିତ୍ରକୁ ବୁଝାଏ । ଧନଲକ୍ଷ୍ମୀ ମନୁଷ୍ୟ ଜଗତର ଏହି କ୍ଷେତ୍ରକୁ ପ୍ରତିନିଧିତ୍ୱ କରନ୍ତି । ତାଙ୍କର ଦୟାରେ ଆମେ ଆବଶ୍ୟକ ପରିମାଣର ଧନ ଓ ସମୃଦ୍ଧି ପାଇପାରିବା । ଏହି ଲକ୍ଷ୍ମୀ ସ୍ୱରୂପାଙ୍କର ୬ଟି ହସ୍ତ ଅଛି । ସେ ଲାଲ ଶାଢ଼ି ପରିଧାନ କରନ୍ତି । ପା ଟି ହାତରେ ଯଥାକ୍ରମେ ଚକ୍ର, ଶଙ୍ଖ, ପବିତ୍ର କଳସ, ଧନୁତୀର ଓ ପଦ୍ମ ଧାରଣ କରିଥାନ୍ତି । ଅଭୟ ମୁଦ୍ରାରେ ଥିବା ଷଷ୍ଠ ହସ୍ତରୁ ସ୍ୱର୍ଣ୍ଣମୁଦ୍ରା ଝୁଲୁଥାଏ । ଧନଲକ୍ଷ୍ମୀଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରଧଡ଼ା କରାଯାଏ । ଦିମିଧିମ ଧିମ୍ଧିମି, ଧୁମ୍ଧିମି, ଧିମ୍ଧିମି, ଧୁମ୍ଧୁଭିନାଦ



ସୁପୂର୍ଣ୍ଣମାୟେ, ଘୁମଘୁମା ଗୁମ୍ଘୁମା, ଗୁନ୍ଘୁମା, ଗୁନ୍ଘୁମା ଶୃଙ୍ଖନିନାଦା ଶୁଭଦାମାତେ, ବିବିଧା ପୁରାନା ଇତିହାସ ସୁପୁଜିତା ବୈଦିକ ମାର୍ଗ ପ୍ରଦର୍ଶାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଶ୍ରୀ ଧନଲକ୍ଷ୍ମୀ, ପାଳୟମମ୍ ।

ଧାନ୍ୟ ଲକ୍ଷ୍ମୀ : ଲକ୍ଷ୍ମୀଙ୍କର ତୃତୀୟ ସ୍ୱରୂପ ଖାଦ୍ୟଶସ୍ୟର ଦେବୀ ଧାନ୍ୟ ଲକ୍ଷ୍ମୀ । ଶରୀର ଓ ମନର ପୋଷଣ ଆବଶ୍ୟକତା ପରିପୂର୍ଣ୍ଣ କରନ୍ତି ଏହି ଲକ୍ଷ୍ମୀ । ସେ ମନୁଷ୍ୟକୁ କୃଷିଜାତ ଧନ ସହ ଶରୀରର ସମସ୍ତ ଆବଶ୍ୟକତା ପୂରଣ ପାଇଁ ପୋଷଣ ପ୍ରଦାନ କରନ୍ତି । ତାଙ୍କର ଦୟା ଥିଲେ କେବେ ଖାଦ୍ୟରେ ଅଭାବ ହୁଏନି । ଧାନ୍ୟଲକ୍ଷ୍ମୀ ସବୁଜ ବସ୍ତ୍ର ପରିହିତା, ଅଷ୍ଟଭୁଜା ବିଶିଷ୍ଟ । ସେ ଦୁଇ ହାତରେ ପଦ୍ମ ଧରିଥାନ୍ତି । ଅନ୍ୟ ହାତମାନଙ୍କରେ ଜାଇଫଳ, ଧାନକେଣ୍ଡା, ଆଖୁ ଓ କଦଳୀ ଧାରଣ କରିଥାନ୍ତି । ଶେଷ ଦୁଇହାତ ଅଭୟ ମୁଦ୍ରା ଓ ବରଦ ମୁଦ୍ରାରେ ଥାଏ । ଧାନ୍ୟ ଲକ୍ଷ୍ମୀଙ୍କୁ - ଐକାଳି କଲ୍ମଷନାସିନୀ, କାମିନୀ ବୈଦିକରୂପିଣୀ ବେଦମୟେ, କ୍ଷୀରସମୁଦ୍‌ଭବା, ମନ୍ତ୍ରମାତେ, ମଙ୍ଗଳଦାୟିନୀ, ଅମ୍ବୁଳବାସିନୀ, ଦେବଗଣଶ୍ରିତାପ୍ରଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଧାନ୍ୟ ଲକ୍ଷ୍ମୀ ଜୟ ପାଳୟମାମ୍ । ସ୍ତୋତ୍ର ଦ୍ୱାରା ଆରାଧନା କରାଯାଏ । ଗଜଲକ୍ଷ୍ମୀ : ହିନ୍ଦୁ ପୁରାଣ ଅନୁଯାୟୀ କ୍ଷୀର ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ଏହି ସ୍ୱରୂପରେ ଉଦ୍ଭବ ହୋଇଥିଲେ । ସେ ଜଳର ଈଶ୍ୱର ବରୁଣଙ୍କ ପୁତ୍ରୀ । ସମୁଦ୍ର ଗର୍ଭରେ ବିଭିନ୍ନ ହୋଇଯାଇଥିବା ଇନ୍ଦ୍ରଙ୍କର ସମ୍ପତ୍ତି ସବୁକୁ ଗଜଲକ୍ଷ୍ମୀ ପୁଣି ତାଙ୍କୁ ଫେରାଇ ଦେଇଥିଲେ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ଧନ, ସମୃଦ୍ଧି, ସୁଖ ପ୍ରାଚୁର୍ଯ୍ୟ ଓ ରାଜକୀୟତାର ପ୍ରଦାୟିନୀ ତଥା ସୁରକ୍ଷାକାରିଣୀ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ସବୁଠାରୁ ସୁନ୍ଦର । ଚାରିହସ୍ତ ବିଶିଷ୍ଟା ଦେବୀ ପଦ୍ମଫୁଲ ଉପରେ ଆସୀନଥାନ୍ତି ଓ ଦୁଇ ପାଖରେ ଦୁଇଟି ଧଳାହାତୀ ଠିଆ ହୋଇ ତାଙ୍କ ଉପରେ କଳସରୁ ଜଳ ଢ଼ାଳୁଥାନ୍ତି । ସେ ଲାଲବସ୍ତ୍ର ପରିଧାନ କରି ଦୁଇ ହାତରେ ପଦ୍ମ ଧାରଣ କରିଥାନ୍ତି । ଅନ୍ୟ ଦୁଇ ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । ଜୟ ଜୟ ଦୁର୍ଗତି ନାଶିନୀ, କାମିନୀ, ସର୍ବଫଳପ୍ରଦା ଶାସ୍ତ୍ରମୟେ, ରଥଗଜତୁରଣ ପଦାତି ସମବୃତା ପରିଜନ ମଣ୍ଡିତା ଲୋକମାତେ, ହରିହରବ୍ରହ୍ମା ସୁପୁଜିତା ସେବିତା ତାପନିବାରିଣୀ, ପଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଶ୍ରୀଗଜଲକ୍ଷ୍ମୀ ପାଳୟମାମ୍ । ଏହି ସ୍ତୋତ୍ରରେ ଗଜଲକ୍ଷ୍ମୀଙ୍କୁ ଆରାଧନା କରାଯାଏ ।

ସନ୍ତାନ ଲକ୍ଷ୍ମୀ : ମା' ଲକ୍ଷ୍ମୀଙ୍କର ଏହି ପଞ୍ଚମ ସ୍ୱରୂପ ପାରିବାରିକ ଜୀବନର ଧନ ସନ୍ତାନର ଦେବୀ । ତାଙ୍କ ଦୟାରେ ଦମ୍ପତି ସ୍ୱାସ୍ଥ୍ୟବାନ, ଦୀର୍ଘାୟୁ ସୁସନ୍ତାନ ପ୍ରାପ୍ତ ହୁଅନ୍ତି । ଏହି ଲକ୍ଷ୍ମୀ ଷଡ଼ଭୂଜା । ଦୁଇ ହାତରେ କଳସ ଧାରଣ କରିଥାନ୍ତି । ଗୋଟିଏ ହାତରେ ଖଡ଼୍‌ଗ ଓ ଅନ୍ୟଟିରେ ଢ଼ାଲଥାଏ । ଶେଷ ଦୁଇହାତ ଅଭୟ ଓ ବରଦ ମୁଦ୍ରାରେ ଥାନ୍ତି । ତାଙ୍କ କୋଳରେ ଶିଶୁଟିଏ ଥାଏ । ଶିଶୁଟି ମଧ୍ୟ ପଦ୍ମଫୁଲ ଧରିଥାଏ । ଏ ଗଜବାହିନୀ, ମୋହିନୀ, ଚକ୍ରିଣୀ, ରାଗବିବର୍ଦ୍ଧିନୀ, ଜନମୟେ ଗୁଣଗବାରିଧି, ଲୋକୈଥେ ଶିନି ସପ୍ତସ୍ୱରମୟା ଗଣମାତେ, ସକଳ ସୁରାସୁର ଦେବ ମୁନିସ୍ୱର, ମାନବବନ୍ଦିତା ପଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ, ସନ୍ତାନଲକ୍ଷ୍ମୀ, ପାଳୟମାମ୍ । ଉପରୋକ୍ତ ସ୍ତୋତ୍ରରେ ସନ୍ତାନଲକ୍ଷ୍ମୀଙ୍କୁ ଆରାଧନା କରାଯାଏ ।

ବୀରଲକ୍ଷ୍ମୀ : ଲକ୍ଷ୍ମୀଙ୍କର ଏହି ଷଷ୍ଠ ସ୍ୱରୂପ ସାହାସ, ଶକ୍ତି, କ୍ଷମତା ପ୍ରଦାନକାରିଣୀ । ଯୁଦ୍ଧରେ ବା ଜୀବନ ଯୁଦ୍ଧରେ ଆସୁଥିବା ବିପଦ ଓ ପ୍ରତିବନ୍ଧକକୁ ଅତିକ୍ରମ କରିବା ନିମନ୍ତେ ବଳ ପରାକ୍ରମ ଲାଭ ନିମନ୍ତେ ବୀରଲକ୍ଷ୍ମୀଙ୍କୁ ପୂଜା କରାଯାଏ । ଜୀବନରେ ସ୍ଥିରତା ପାଇଁ ମଧ୍ୟ ତାଙ୍କୁ ଆରଧନା କରାଯାଏ । ବୀରଲକ୍ଷ୍ମୀ ଅଷ୍ଟଭୂଜା ବିଶିଷ୍ଟ । ସେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରନ୍ତି । ତାଙ୍କ ହାତରେ ଚକ୍ର ଶଙ୍କ, ଧନୁତୀର, ତ୍ରୀଶୂଳ ବା ଖଡ଼ଗ, ସ୍ୱର୍ଣ୍ଣଖଣ୍ଡ ବା ପୁସ୍ତକ ଶୋଭାପାଏ । ଅନ୍ୟ ଦୁଇଟି ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । ଜୟବରବର୍ଷିଣି, ବୈଷ୍ଣବୀ, ଭାର୍ଗବୀ, ମନ୍ତ୍ରସ୍ୱରୂପିଣୀ ମନ୍ତ୍ରାମୟେ, ସୁରଗଣ ପୂଜିତା, ଶୀଘ୍ର ଫଳପ୍ରଦା ଜ୍ଞାନ ବିକାଶିନୀ ଶାସ୍ତ୍ରମାତେ, ଭବ ଭୟ ହାରିଣୀ, ପାପା ବିମୋଚନୀ, ସାଧୁଜନାଶ୍ରିତ ପଦୟୁତେ, ଜୟ ଜୟ ହେ ମଧୁସୂଦନ କାମିନୀ, ଧୈର୍ଯ୍ୟଲକ୍ଷ୍ମୀ, ଜୟ ପାଳୟମାମ୍ । ସ୍ତୋତ୍ର ବୀରଲକ୍ଷ୍ମୀଙ୍କୁ ଆରାଧନା କରାଯାଏ ।

ବିଦ୍ୟାଲକ୍ଷ୍ମୀ : ବିଦ୍ୟାର ଅର୍ଥ ଜ୍ଞାନ ଓ ଶିକ୍ଷା, ଏହା କେବଳ କଲେଜ ଓ ୟୁନିଭର୍ସିଟିର ସାର୍ଟିଫିକେଟ ନୁହେଁ ବରଂ ବାସ୍ତବିକ ଜ୍ଞାନ । ତେଣୁ ଲକ୍ଷ୍ମୀଙ୍କର ଏହି ସ୍ୱରୂପ କଳା ଓ ବିଜ୍ଞାନର ଜ୍ଞାନ ଦାନ କରନ୍ତି । ଜ୍ଞାନର ଦେବୀ ସରସ୍ୱତୀଙ୍କ ପରି ବିଦ୍ୟାଲକ୍ଷ୍ମୀ ଶୁଭ୍ରବସନା, ପଦ୍ମାସନା, ଚାରିଭୁଜା ଧାରିଣୀ । ତାଙ୍କର ଦୁଇଟି ହାତରେ ପଦ୍ମଫୁଲ ଶୋଭାପାଏ । ଅନ୍ୟ ଦୁଇ ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । ତାଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରାଧନା କରାଯାଏ । ପ୍ରରତ ସୁରେଶ୍ୱରୀ, ଭାରତୀ, ଭାର୍ଗବୀ, ଶୋକ ବିନାଶିନୀ, ରତ୍ନମୟେ, ମଣିମାୟା ଭୂଷିତା କର୍ଣ୍ଣ ବିଭୂଷଣ, ଶାନ୍ତି ସମବୃତା, ହାସ୍ୟମୁଖେ, ନବନିଧି ଦାୟିନୀ କଳିମାଳା ହାରିଣୀ, କାମ୍ୟ ଫଳପ୍ରଦା, ହାସ୍ୟ ଯୁଥେ ଜୟ ଜୟ ହେ, ମଧୁସୂଦନ କାମିନୀ ବିଦ୍ୟାଲକ୍ଷ୍ମୀ ପାଳୟମାମ୍ ।

ବିଜୟ ଲକ୍ଷ୍ମୀ : ବିଜୟ ଅର୍ଥ ଜୟ କରିବା । ତେଣୁ ଏହି ସ୍ୱରୂପା ଲକ୍ଷ୍ମୀ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜୟର ପ୍ରତୀକ । କେବଳ ଯୁଦ୍ଧ ନୁହେଁ ପ୍ରତ୍ୟେକ ସଂଘର୍ଷ ଓ ଜୀବନ ଯୁଦ୍ଧରେ ବିଜୟରେ ପ୍ରତୀକ ବିଜୟ ଲକ୍ଷ୍ମୀ । ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ଜୟ କରିବା ପାଇଁ ବିଜୟଲକ୍ଷ୍ମୀଙ୍‌କ ଆରାଧନା କରାଯାଏ । ଦେବୀଙ୍କ ଏହି ସ୍ୱରୂପ ଅଷ୍ଟଭୂଜା ଧାରିଣୀ । ସେ ଲାଲ୍ ଶାଢ଼ି ପିନ୍ଧି ପଦ୍ମ ଉପରେ ଆସୀନ ହୋଇଥାନ୍ତି । ହାତରେ ତାଙ୍କର ଚକ୍ର, ଶଙ୍ଖ, ଖଡ଼୍‌ଗ, ଢ଼ାଲ, ଫାଶ ଓ ପଦ୍ମ ଧରିଥାନ୍ତି । ଶେଷ ଦୁଇହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । ଜୟ କମଳାସିନୀ ସଦ୍‌ଗତି ଦାୟିନୀ ଜ୍ଞାନ ବିକାଶିନୀ ଗଣମୟେ, ଅନୁଧିନା ମାର୍ଚ୍ଚିତା କୁଙ୍କୁମ୍ ଧୂସର ଭୂଷିତା । ବାସିତା ବାଦ୍ୟନୁତେ କନକଧରାସ୍ତୁତି ବୈଭବ ବନ୍ଦିତା ଶଙ୍କରା ହେ ମଧୁସୂଦନ କାମିନୀ ବିଜୟଲକ୍ଷ୍ମୀ ପାଳୟମାମ୍ । ସ୍ତୋତ୍ରରେ ବିଜୟଲକ୍ଷ୍ମୀଙ୍କୁ ଆରାଧନା କରାଯାଏ ।

ରିଲାକ୍ସ, ଏମ୍ପୋରିୟମ ଲେନ୍, ରାଣୀହାଟ, କଟକ, ଦୂରଭାଷ : ୯୮୬୧୦୪୭୫୭୫



## ୱାଙ୍ଗଚୁକ୍ ଗିରଫ୍ ମାମଲା
## କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୬।୧୦:** ଲଦାଖର ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ଗିରଫ ନେଇ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍ । ୱାଙ୍ଗଚୁକଙ୍କ ଗିରଫକୁ ବିରୋଧ କରି ତାଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋ ସୁପ୍ରିମକୋର୍ଟକୁ ଯାଇଥିଲେ । ଲଦାଖରେ ଗତ ସେପ୍ଟେମ୍ବର ୨୪ ତାରିଖରେ ଘଟିଥିବା ହିଂସାକାଣ୍ଡ ପାଇଁ ୱାଙ୍ଗଚୁକଙ୍କୁ ଜାତୀୟ ନିରାପତ୍ତା ଆଇନ ବଳରେ ଗତ ୨୬ ତାରିଖରେ ଗିରଫ କରାଯାଇଛି । ୱାଙ୍ଗଚିକ୍ ଏବେ ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ ଜେଲରେ ଅଛନ୍ତି । ୱାଙ୍ଗଚୁକ୍ ନିର୍ଦ୍ଦୋଷ ଓ ତାଙ୍କୁ ଗିରଫ କରାଯିବା ବେଆଇନ ବୋଲି ଅଭିଯୋଗ କରିଛନ୍ତି ପତ୍ନୀ ଗୀତାଞ୍ଜଳି। ୱାଙ୍ଗଚୁକଙ୍କ ସମ୍ପର୍କରେ ତାଙ୍କୁ କିଛି କୁହାଯାଉନାହିଁ ବୋଲି ପତ୍ନୀ ଗୀତାଞ୍ଜଳି ଆଙ୍ଗମୋ ଅଭିଯୋଗ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୪ ତାରିଖରେ କରାଯିବ । ଏହି ମାମଲାରେ କେନ୍ଦ୍ର ସରକାର, ଲଦାଖ ପ୍ରଶାସନ ଓ ଯୋଧପୁର କେନ୍ଦ୍ରୀୟ ଜେଲ ଅଧୀକ୍ଷକ ପ୍ରତିପକ୍ଷ ଅଛନ୍ତି ।

## ନୌବାହିନୀରେ ସାମିଲ ହେବ ଆଇଏନ୍ଏସ୍ ଆନ୍ଦ୍ରୋଥ

**ନୂଆଦିଲ୍ଲୀ,୬।୧୦:** ଭାରତୀୟ ନୌବାହିନୀରେ ସାମିଲ ହେବ ଆଇଏନ୍ଏସ୍ ଆନ୍ଦ୍ରୋଥ୍ । ବିଶାଖାପାଟନମରେ ଏକ ଭବ୍ୟ ସମାରୋହରେ ଆଇଏନ୍ଏସ୍ ନୌସେନାରେ ସାମିଲ ହେବ। ଆଇଏନ୍ଏସ୍ ଆନ୍ଦ୍ରଥ୍ ହେଉଛି ଏକ ଆଣ୍ଟି ସବମେରାଇନ୍ ୱାଟର କ୍ରାଫ୍ଟ । କୋଲକାତା ସ୍ଥିତ ଜିଆର୍ଏସ୍ଇ ଦ୍ୱାରା ନିର୍ମିତ ଏହି ଜାହାଜରେ ୮୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ଉପାଦାନ ବ୍ୟବହୃତ ହୋଇଛି । ଏହା ଆତ୍ମନିର୍ଭର ଭାରତର ପ୍ରତୀକ । ଏହାର ଲଞ୍ଚ ୨୦୨୩ରେ ହୋଇଥିବା ବେଳେ ଗତ ୧୩ ସେପ୍ଟେମ୍ବରରେ ନୌବାହିନୀକୁ ହସ୍ତାନ୍ତର କରାଯାଇଥିଲା । ଆଇଏନ୍ଏସ୍ ଆର୍ନଲା ପରେ ଏହା ଦ୍ୱିତୀୟ ଜାହାଜ, ଯାହା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା କାର୍ଯ୍ୟ କରିବ । ଏହା ନୌବାହିନୀର ସାମରିକ ଶକ୍ତିବୃଦ୍ଧି ଓ ସ୍ୱଦେଶୀକରଣରେ ସାହାଯ୍ୟ କରିବ । ନୌବାହିନୀ ତରଫରୁ କୁହାଯାଇଛି, ଏହା ସ୍ୱଦେଶୀ ପ୍ରଯୁକ୍ତି ଓ ନବୀନତାର ପ୍ରମାଣ । ଏହି ପଦକ୍ଷେପ ଦ୍ୱାରା ଭାରତର ସମୁଦ୍ରୀୟ ସୀମାନ୍ତର ରକ୍ଷଣ ଅଧିକ ନିରାପଦ ହେବ ।

## ନିଯୁକ୍ତ ହେବାର ମାସକ ମଧ୍ୟରେ
## ଇସ୍ତଫା ଦେଲେ ଫ୍ରାନ୍ସ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୬।୧୦:** ଫ୍ରାନ୍ସରେ ରାଜନୈତିକ ସଙ୍କଟ କମିବାର କୌଣସି ଲକ୍ଷଣ ଦେଖାଯାଉନାହିଁ । ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସମସ୍ୟା କମିବା ପରି ବି ଲାଗୁନାହିଁ । କାହିଁକି ନା, ନିଯୁକ୍ତ ହେବାର ମାତ୍ର ମାସକ ମଧ୍ୟରେ ପ୍ରଧାନମନ୍ତ୍ରୀ ସେବାଷ୍ଟିଏନ ଲେକୋର୍ନୁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ନବନିଯୁକ୍ତ ପ୍ରଧାନମନ୍ତ୍ରୀ ସେବାଷ୍ଟିଏନ ଲେକୋର୍ନୁଙ୍କ ଇସ୍ତଫା ମାକ୍ରନଙ୍କ ପାଇଁ ଏକ ନୂଆ ଚିନ୍ତା ପାଲଟିଛି। ନୂତନ କ୍ୟାବିନେଟ ଘୋଷଣା ହେବାର କିଛି ଘଣ୍ଟା ପରେ ଏହି ଇସ୍ତଫା ୟୁରୋପୀୟ ଦେଶକୁ ଆହୁରି ରାଜନୈତିକ ଅଚଳାବସ୍ଥାରେ ପକାଇ ଦେଇଛି। ଏହା ଉଲ୍ଲେଖନୀୟ ଯେ, ମାକ୍ରନ ଗତ ମାସରେ ହିଁ ଲେକୋର୍ନୁଙ୍କୁ ପ୍ରଧାନମନ୍ତ୍ରୀ ପଦ ପାଇଁ ମନୋନୀତ କରିଥିଲେ । ତେବେ ରବିବାର ବିଳମ୍ବିତ ରାତିରେ ପ୍ରାୟତଃ କୌଣସି ପରିବର୍ତ୍ତନ ବିନା ମାକ୍ରନଙ୍କ ନୂତନ କ୍ୟାବିନେଟ ତାଲିକା ଘୋଷଣା ସମାଲୋଚନାକୁ ଖୋରାକ ଯୋଗାଇଛି । ଏହି ଘୋଷଣାର ମାତ୍ର କିଛି ଘଣ୍ଟା ପରେ ହିଁ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଖବର ପ୍ରକାଶ ପାଇଛି । ଯାହାକି ସଭିଙ୍କୁ ଚକିତ କରିଛି । ସେବାଷ୍ଟିନ୍ ଲେକୋର୍ନୁ ସପ୍ତମ ପ୍ରଧାନମନ୍ତ୍ରୀ ହୋଇଥିଲେ । ରାଷ୍ଟ୍ରପତି ମାକ୍ରୋନ୍ ରବିବାର ରାତିରେ ଏକ ନୂତନ ସରକାର ଘୋଷଣା କରିଥିଲେ । କିନ୍ତୁ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନିଜେ ଇସ୍ତଫା ଦେଇଛନ୍ତି।

## ବିଜେପି ସାଂସଦଙ୍କୁ ଆକ୍ରମଣ

**ମାଲଦା,୬।୧୦:** ପଶ୍ଚିମବଙ୍ଗର ଜଲପାଇଗୁଡ଼ି ଜିଲ୍ଲାର ନାଗରକାଟାରେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବାକୁ ଆସିଥିବା ବିଜେପି ନେତାମାନଙ୍କୁ ସ୍ଥାନୀୟ ଲୋକମାନେ ଆକ୍ରମଣ କରିବା ପରେ ଗଣ୍ଡଗୋଳ ସୃଷ୍ଟି ହୋଇଛି। ବିଜେପିର ପ୍ରତିନିଧି ଦଳ ବନ୍ୟା ପୀଡିତଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରୁଥିବା ସମୟରେ ହଠାତ ପଥର ଫିଙ୍ଗି ଆକ୍ରମଣ ହୋଇଥିଲା। ମାଲଦା ଉତ୍ତରର ବିଜେପି ସାଂସଦ ଖଗେନ୍ ମୁର୍ମୁ ଏହି ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ପଥରମାଡ଼ରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଏବଂ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା। ଉପୁଜିଥିବା ଏହି ହିଂସାରେ ସିଲିଗୁଡ଼ି ବିଧାୟକ ଡାକ୍ତର ଶଙ୍କର ଘୋଷ ମଧ୍ୟ ଆହତ ହୋଇଥିଲେ। ମୁର୍ମୁ ଏବଂ ସ୍ଥାନୀୟ ବିଧାୟକ ଶଙ୍କର ଘୋଷଙ୍କ ସମେତ ଅନ୍ୟ ବିଜେପି ନେତାମାନେ ବନ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରୁଥିବା ସମୟରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଆସନ୍ତାବର୍ଷ ରାଜ୍ୟର ବିଧାନସଭା ନିର୍ବାଚନ ପୂର୍ବରୁ ହୋଇଥିବା ଏହି ଆକ୍ରମଣ ରାଜ୍ୟ ରାଜନୀତିକୁ ପୁଣି ଥରେ ଉଷ୍ମ କରିଛି। ପ୍ରବଳ ବର୍ଷା ଯୋଗୁ ପଶ୍ଚିମଙ୍ଗର ଅନେକ ସ୍ଥାନରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଭୂସ୍ଖଳନ ଯୋଗୁ ମିରିକ-ସୁଖିଆପୋଖରୀ ରାସ୍ତା ସମେତ ପ୍ରମୁଖ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି ଏବଂ ଅନେକ ପାହାଡିଆ ବସତିକୁ ଯୋଗାଯୋଗ ଲାଇନ ବିଚ୍ଛିନ୍ନ ହୋଇଛି। ଭୂସ୍ଖଳନ ଏବଂ ରାସ୍ତା ଅବରୋଧ ଯୋଗୁ ଏହି ଅଞ୍ଚଳରେ ହଜାର ହଜାର ପର୍ଯ୍ୟଟକ ଫସି ରହିଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ରାଜ୍ୟ ସରକାର ସେମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ବ୍ୟବସ୍ଥା କରିବେ ଏବଂ ପର୍ଯ୍ୟଟକମାନଙ୍କୁ ଭୟଭୀତ ନ ହେବାକୁ କିମ୍ବା ଶୀଘ୍ର ବାହାରକୁ ନଯିବାକୁ ଅନୁରୋଧ କରିଛନ୍ତି ।

# ବାଂଲାଦେଶ ହେବ ଦୁଇ ଭାଗ

**ନାପିଦ୍ୱ/ଢାକା,୬।୧୦:** ବାଂଲାଦେଶ ସମ୍ପର୍କରେ ଆରାକାନ ସେନାର ଏକ ବିପଦପୂର୍ଣ୍ଣ ଯୋଜନା ସାମ୍ନାକୁ ଆସିଛି । ଆରାକାନ ସେନାର ଯୋଦ୍ଧାମାନେ ରାଖାଇନକୁ ଏକ ପୃଥକ ଦେଶ କରିବା ଏବଂ ବାଂଲାଦେଶକୁ ଭାଙ୍ଗିବା ପାଇଁ ଏକ ଗୁପ୍ତ ମିଶନରେ କାମ କରୁଛନ୍ତି ।ଆରାକାନ ସେନା ବାଂଲାଦେଶ ଏବଂ ମିଆଁମାର ସୀମାରେ ସକ୍ରିୟ ଅଛି । ସେଠାରେ ଏହା ଜୁମ୍ମା ସେନା ସହିତ ଲଢୁଛି। ବାଂଲାଦେଶର ସ୍ଥାନୀୟ ଖବରକାଗଜ ନୟା ଦିଗନ୍ତ ଅନୁଯାୟୀ, ଆରାକାନ ସେନା ବାଂଲାଦେଶକୁ ଭାଙ୍ଗିବା ଯୋଜନା ଅନୁସାରେ କାମ କରୁଛି । ଏହା ଅନ୍ତର୍ଗତ, ପ୍ରଥମେ ପାହାଡିଆ ଜନଜାତିଙ୍କୁ ଅସ୍ତ୍ରଶସ୍ତ୍ର ଚଳନ କରିବାର ତାଲିମ ଦିଆଯାଉଛି । ଆରାକାନ୍ ସେନା ସମ୍ପର୍କରେ ଏକ ବିପଦପୂର୍ଣ୍ଣ ଯୋଜନା ସାମ୍ନାକୁ ଆସିଛି । ଏହି ଗୋଷ୍ଠୀ ରାଖାଇନକୁ ଏକ ପୃଥକ ରାଜ୍ୟ ଗଠନ କରିବା ଏବଂ ବାଂଲାଦେଶକୁ ଦୁର୍ବଳ କରିବା ପାଇଁ ଏକ ଗୁପ୍ତ ଅଭିଯାନ ଚଳାଇଛି। ରିପୋର୍ଟ ଅନୁଯାୟୀ, ଆରାକାନ୍ ସେନା ବାଂଲାଦେଶ-ମିଆଁମାର ସୀମାରେ ସକ୍ରିୟ ରହି ସ୍ଥାନୀୟ ଜୁମ୍ମା ସେନା ସହିତ ଦୀର୍ଘ ସମୟ ଧରି ଯୁଦ୍ଧରେ ଲିପ୍ତ ରହିଛି । ବାଂଲାଦେଶର ସ୍ଥାନୀୟ ଖବରକାଗଜ, ନୟା ଦିଗନ୍ତ, ରିପୋର୍ଟ କରିଛି ଯେ, ଆରାକାନ୍ ଦ୍ୱାରା ରଣନୀତିକୁ ବ୍ୟବସ୍ଥିତ ଭାବରେ କାର୍ଯ୍ୟକାରୀ କରାଯାଉଛି। ପ୍ରଥମେ, ପାହାଡିଆ ଜନଜାତିମାନଙ୍କୁ ଅସ୍ତ୍ର ବ୍ୟବହାର ପାଇଁ ତାଲିମ ଦିଆଯାଉଛି ଏବଂ ତା'ପରେ ସୀମାନ୍ତ ଅଞ୍ଚଳରେ ସେମାନଙ୍କର ପ୍ରଭାବ ବିସ୍ତାର କରାଯାଉଛି । ଏହି ତାଲିମ ସମୟରେ, ଜନଜାତିମାନଙ୍କୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଗଠନର ଚିନ୍ତାଧାରା ଦ୍ୱାରା ପ୍ରଭାବିତ କରାଯାଉଛି। ପାକିସ୍ତାନରୁ ଅଲଗା ହେବା ପରେ ୧୯୭୧ ମସିହାରେ ବାଂଲାଦେଶ ସୃଷ୍ଟି ହୋଇଥିଲା। ମିଆଁମାରର ଏକ ବୌଦ୍ଧ ପ୍ରଧାନ ରାଜ୍ୟ ରାଖାଇନ୍ ଦୀର୍ଘ ଦିନ ଧରି ଏକ ପୃଥକ ପ୍ରଦେଶ ପାଇଁ ଦାବି କରିଆସୁଛି। ୨୦୧୭ ମସିହାରେ, ଆରାକାନ୍ ସେନା ଏବଂ ରୋହିଙ୍ଗ୍ୟା ସମ୍ପ୍ରଦାୟ ମଧ୍ୟରେ ଏକ ବଡ଼ ସଂଘର୍ଷ ପ୍ରାୟ ୭୦୦,୦୦୦ ରୋହିଙ୍ଗ୍ୟାଙ୍କୁ ସେମାନଙ୍କ ଘର ଛାଡିବାକୁ ବାଧ୍ୟ କରିଥିଲା। ଆରାକାନ୍ ସେନା ଏକ ପୃଥକ ରାଖାଇନ୍ ରାଜ୍ୟ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ସେମାନଙ୍କର ପ୍ରସ୍ତାବିତ ଅଞ୍ଚଳରେ ମିଆଁମାରର ରାଖାଇନ୍ ରାଜ୍ୟ ଏବଂ ଦକ୍ଷିଣ-ପୂର୍ବ ବାଂଲାଦେଶ ଅନ୍ତର୍ଭୁକ୍ତ। ଯଦି ଏହି ଯୋଜନା ସଫଳ ହୁଏ, ତେବେ ବାଂଲାଦେଶର ବନ୍ଦରବାନ ଏବଂ କକ୍ସ ବଜାର ଭଳି ଅଞ୍ଚଳ ଢାକାର ନିୟନ୍ତ୍ରଣରୁ ଖସି ଯାଇପାରେ।

## ମହଙ୍ଗା ବିମାନ ଭଡ଼ାର ସମୀକ୍ଷା କଲା ଡିଜିସିଏ

**ନୂଆଦିଲ୍ଲୀ,୬।୧୦:** ପାର୍ବଣ ସମୟରେ ବିମାନ ଯାତ୍ରା ମହଙ୍ଗା ହୋଇଯାଇଛି। ଦେଶର ପ୍ରାୟ ଅଧିକାଂଶ ସହରକୁ ଯାତାୟାତ ପାଇଁ ଟିକେଟ କ୍ରୟ କରିବା ସମୟରେ ଦର ଦେଖି ଯାତ୍ରୀଙ୍କ ମୁଣ୍ଡବିନ୍ଧା ହେଉଛି । ଏଥିପାଇଁ ଅନେକ ବ୍ୟକ୍ତି ସେମାନଙ୍କ ଯାତ୍ରାକୁ ସ୍ଥଗିତ ରଖୁଛନ୍ତି କିମ୍ବା ରେଳ ଯୋଗେ ଯାତ୍ରା ଭଳି ଯୋଜନା କରୁଛନ୍ତି। ଦେଶର ବିଭିନ୍ନ ଭାଗରୁ ବିମାନ ଯାତ୍ରା ମହଙ୍ଗା ହେବା ନେଇ ଅଭିଯୋଗ ହେବା ପରେ ସରକାରଙ୍କ ନିଦ ଭାଙ୍ଗିଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଅଧୀନ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ବିମାନ ଭଡ଼ାର ସମୀକ୍ଷା କରାଯାଇଛି। ଏୟାରଲାଇନ୍ସଗୁଡ଼ିକ ସହିତ ଏ ନେଇ ଆଲୋଚନା କରିଛି। ପାର୍ବଣ ସିଜନ୍ରେ ବିମାନର କ୍ଷମତା ବାଇବା ସହିତ ବର୍ଦ୍ଧିତ ଚାହିଦା ପୂରଣ ପାଇଁ ଅତିରିକ୍ତ ବିମାନ ଉଡ଼ାଣ ପାଇଁ ପରାମର୍ଶ ଦେଇଛି। ଏହାପରେ ଏୟାରଲାଇନ୍ସଗୁଡ଼ିକ ଅନେକ ମାର୍ଗରେ ନୂଆ ବିମାନ ଉଡ଼ାଣ ନେଇ ଘୋଷଣା କରିଛନ୍ତି। ସୂଚନା ଅନୁଯାୟୀ, ଇଣ୍ଡିଗୋ ୪୨ଟି ସେକ୍ଟରରେ ୭୩୦ଟି ଅତିରିକ୍ତ ବିମାନ ଉଡ଼ାଣ କରିବ। ସେହିଭଳି ଏୟାର ଇଣ୍ଡିଆ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ ମିଳିତଭାବେ ୨୦ଟି ସେକ୍ଟରରେ ପ୍ରାୟ ୪୮୬ଟି ଅତିରିକ୍ତ ବିମାନ ଉଡ଼ାଣ କରିବେ଼। ସ୍ପାଇସଜେଟ୍ ୩୮ଟି ସେକ୍ଟରରେ ୫୪୬ଟି ଅତିରିକ୍ତ ବିମାନ ଉଡ଼ାଣ କରିବ ବୋଲି ଜଣାଯାଇଛି। ପାର୍ବଣ ସିଜନ୍ରେ ଯାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିମାନ ଭଡ଼ା ଉପରେ ଡିଜିସିଏ ଲଗାତାର ତୀକ୍ଷ୍ଣ ନଜର ରଖିବ ବୋଲି କହିଛି।

## ଦୀପାବଳି ଏବଂ ଛଟ ପାଇଁ
## ମହଙ୍ଗା ହେବନାହିଁ ବିମାନ ଟିକେଟ

**ନୂଆଦିଲ୍ଲୀ,୬।୧୦:** ପାର୍ବଣ ଋତୁ ଆସିବା ସହିତ ହେଉଥିବା ଅତ୍ୟଧିକ ମୂଲ୍ୟ ବୃଦ୍ଧିକୁ ରୋକିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ପାର୍ବଣ ଋତୁରେ ବିମାନ ଭଡ଼ା ଉପରେ ନଜର ରଖିବାକୁ ଏବଂ ଭଡ଼ା ବୃଦ୍ଧି ହେଲେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରଣାଳୟ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)କୁ ନିର୍ଦ୍ଦେଶ ଦେଇଛି । ଅତିରିକ୍ତ ବିମାନ ଚଳାଚଳ ପାଇଁ ବିମାନ କମ୍ପାନୀଗୁଡ଼ିକୁ ମଧ୍ୟ ନିର୍ଦ୍ଦେଶ ଦେଇଛି । ପାର୍ବଣ ଋତୁରେ ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ, ଟିକେଟ୍ ଅଭାବ କିମ୍ବା ବର୍ଦ୍ଧିତ ମୂଲ୍ୟକୁ ଏଡ଼ାଇବା ପାଇଁ ଡିଜିସିଏ ବିମାନ କମ୍ପାନୀଗୁଡ଼ିକୁ ପରାମର୍ଶ ଦେଇଛି ଏବଂ ଅତିରିକ୍ତ ବିମାନ ଚଳାଚଳ ଆରମ୍ଭ କରିବାକୁ ପରାମର୍ଶ ଦେଇଛି । ବିମାନ କମ୍ପାନୀଗୁଡ଼ିକ ଡିଜିସିଏକୁ ଜଣାଇଛି ଯେ ସେମାନେ ପାର୍ବଣ ଋତୁରେ ଅତିରିକ୍ତ ବିମାନ ଯୋଡ଼ିବେ। ପାର୍ବଣ ଋତୁରେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ମୋଟାମୋଟି ଭାବରେ ଭାରତୀୟ ବିମାନ କମ୍ପାନୀଗୁଡ଼ିକ ୧୭୦୦ରୁ ଅଧିକ ଅତିରିକ୍ତ ବିମାନ ଚଳାଚଳ କରିବାକୁ ପ୍ରସ୍ତୁତ ଅଛନ୍ତି । ପାର୍ଲାମେଣ୍ଟର ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି) ବର୍ତ୍ତମାନ ପର୍ବ ଏବଂ ଛୁଟିଦିନଗୁଡ଼ିକରେ ବିମାନ ଭଡ଼ା ବୃଦ୍ଧି ଉପରେ ଅସନ୍ତୋଷ ପ୍ରକାଶ କରିବା ପରେ ଏହି କଡ଼ାକଡ଼ି କରାଯାଇଛି । କମିଟି ଘରୋଇ ବିମାନ ଭଡ଼ା ନିୟନ୍ତ୍ରଣ କରିବା ଏବଂ ବ୍ୟସ୍ତବହୁଳ ରୁଟରେ ଅଧିକ ବିମାନ ଚଳାଚଳ କରିବାକୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)କୁ ସୁପାରିଶ କରିଛି । ଡିଜିସିଏ କମିଟିକୁ କହିଛନ୍ତି ଯେ ସର୍ବାଧିକ ଚାହିଦା ସମୟରେ ଅତ୍ୟଧିକ ଭଡ଼ା ବୃଦ୍ଧିକୁ ରୋକିବା ପାଇଁ ଏହା ଏକ ବ୍ୟବସ୍ଥା ଉପରେ କାମ କରୁଛି । ଏହି ପଦକ୍ଷେପ ଆଗାମୀ ପାର୍ବଣ ଋତୁରେ ଯାତ୍ରୀମାନଙ୍କୁ ସୁଲଭ ମୂଲ୍ୟରେ ବିମାନ ଯାତ୍ରାର ମଜା ନେବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।

## ଲିଙ୍ଗାୟତଙ୍କୁ ନେଇ ସିଦ୍ଧରମୈୟାଙ୍କ ବିବାଦୀୟ ମନ୍ତବ୍ୟ

**ନୂଆଦିଲ୍ଲୀ,୬।୧୦:** ଲିଙ୍ଗାୟତଙ୍କ ଉପରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ମନ୍ତବ୍ୟ ପରେ ରାଜ୍ୟରେ ଲିଙ୍ଗାୟତବାଦ ପ୍ରସଙ୍ଗ ପୁଣି ଥରେ ଉଷ୍ମ ହୋଇଛି । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏକ ପ୍ରମୁଖ ବିବୃତିରେ ଲିଙ୍ଗାୟତବାଦକୁ ହିନ୍ଦୁ ଧର୍ମଠାରୁ ପୃଥକ ଏକ ସ୍ୱାଧୀନ ଧର୍ମ ଭାବରେ ବର୍ଣ୍ଣନା କରିଛନ୍ତି। ତାଙ୍କର ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ରାଜ୍ୟରେ ଏକ ସାମାଜିକ-ଶିକ୍ଷା ସର୍ଭେ ଚାଲିଛି ଏବଂ ଲିଙ୍ଗାୟତ ସମ୍ପ୍ରଦାୟ ସେମାନଙ୍କର ପରିଚୟକୁ ଏକ ପୃଥକ ଧର୍ମ ଭାବରେ ପଞ୍ଜିକୃତ କରିବା ଉଚିତ୍ କି ହିନ୍ଦୁ ଧର୍ମ ମଧ୍ୟରେ ଏକ ଜାତି ଭାବରେ ପଞ୍ଜିକୃତ କରିବା ଉଚିତ ସେ ବିଷୟରେ ଦ୍ୱନ୍ଦ୍ୱରେ ଅଛନ୍ତି । ଏହି ବିବୃତି କର୍ଣ୍ଣାଟକ ରାଜନୀତିରେ ଏକ ନୂତନ ବିତର୍କ ସୃଷ୍ଟି କରିଛି । ଲିଙ୍ଗାୟତ ମଠସ ଆସୋସିଏସନ ଦ୍ୱାରା ଆୟୋଜିତ ବାସବ ସାଂସ୍କୃତିକ ଅଭିଯାନ ୨୦୨୫ର ସମାପନୀ ସମାରୋହ ସମୟରେ ଏହି ବିବାଦ ଉପୁଜିଛି। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଛନ୍ତି ଯେ, ଜାତି ପ୍ରଥା ସମାଜରେ ରହିଛି ।



ସମାଜ ସଂସ୍କାରକ ବାସଭନ୍ନ ଏହାକୁ ମୂଳୋତ୍ପାଟନ କରିବା ପାଇଁ ଏକ ପୃଥକ ଧର୍ମ ପ୍ରତିଷ୍ଠା କରିଥିଲେ । କଂଗ୍ରେସ ଦଳ ଲିଙ୍ଗାୟତମାନଙ୍କୁ ଏକ ପୃଥକ ଧର୍ମ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରୁଥିବା ବେଳେ, ବିରୋଧୀ ବିଜେପି ହିନ୍ଦୁତ୍ୱକୁ ସୁଦୃଢ଼ କରିବା ପାଇଁ ହିନ୍ଦୁ ଧର୍ମ ମଧ୍ୟରେ ନିଜକୁ ଏକ ଜାତି ଭାବରେ ଚିହ୍ନଟ କରିବାକୁ ସମ୍ପ୍ରଦାୟକୁ ଅନୁରୋଧ କରୁଛି । ସିଦ୍ଧରମୈୟା ତାଙ୍କ ଭାଷଣରେ ଜାତି ବ୍ୟବସ୍ଥାକୁ କଡ଼ା ସମାଲୋଚନା କରିଛନ୍ତି । ସେ କହିଛନ୍ତି, ଚତୁର୍ବର୍ଣ୍ଣ ବ୍ୟବସ୍ଥା ଅନୁସାରେ ମୁଁ ଜଣେ ଶୁଦ୍ର । କେବଳ ମୁଁ ଜଣେ ଶୁଦ୍ର ହୋଇଥିବାରୁ ମୋତେ ଶିକ୍ଷା ଏବଂ ସମାନତା ଭଳି ସୁଯୋଗରୁ ବଞ୍ଚିତ କରାଯାଇପାରିବ ନାହିଁ । ସେ ସ୍ପଷ୍ଟ କରିଛନ୍ତି ଯେ, କେହି ତାଙ୍କ ଜାତି ଆଧାରରେ ମହାନ କିମ୍ବା ପ୍ରସିଦ୍ଧ ହୋଇପାରନ୍ତି ନାହିଁ । ଜ୍ଞାନ କୌଣସି ଗୋଟିଏ ବ୍ୟକ୍ତିଙ୍କ ସମ୍ପତ୍ତି ନୁହେଁ ଏବଂ ଏହାକୁ କାହାକୁ ମନା କରାଯାଇପାରିବ ନାହିଁ। ସମାଜ ସଂସ୍କାରକ ରାମ ମନୋହର ଲୋହିଆଙ୍କୁ ମନେ ପକାଇ ସିଦ୍ଧରମୈୟା କହିଛନ୍ତି, ଏକ ମାନବିକ ସମାଜ ଗଠନର ଲକ୍ଷ୍ୟ ହାସଲ କରିବା ପାଇଁ ଆମ ସମସ୍ତଙ୍କୁ ଏକତ୍ରିତ ହେବାକୁ ପଡିବ ।

# ୟୁରୋପକୁ ଘାରିଛି ରୁଷ ଭୟ

**ନୂଆଦିଲ୍ଲୀ,୬।୧୦:** ରୁଷର ଘନ ଘନ ଏୟାରଷ୍ଟ୍ରାଇକ୍ ପରେ ୟୁରୋପ ନିଜର ସୁରକ୍ଷାକୁ ନେଇ ବିପଦ ଅନୁଭବ କରୁଛି । କିଛି ସପ୍ତାହ ତଳେ ନାଟୋ ସହଯୋଗୀଙ୍କ ବିରୋଧରେ ରୁଷର ଏୟାରଷ୍ଟ୍ରାଇକ୍ ପରେ ୟୁରୋପରେ ପୁଟିନ୍ଙ୍କ ରଣନୀତିକୁ ନେଇ ଚର୍ଚ୍ଚା ବଢି ଯାଇଛି । ବ୍ରିଟେନର ପୂର୍ବତନ ଗୁଇନ୍ଦା ଅଧିକାରୀ ଓ ପ୍ରତିରକ୍ଷା ବିଶେଷଜ୍ଞ ଫିଲିପ୍ ଇନଗ୍ରାମ୍ ରୁଷ ଅନୁପ୍ରବେଶକୁ ପୁଟିନ୍ଙ୍କ ବିପଦଜନକ ଚାଲ୍ ବୋଲି କହିଛନ୍ତି । ଇନଗ୍ରାମଙ୍କ କହିବା ଅନୁସାରେ, ଏହା ପଛରେ କ୍ରେମଲିନର ପ୍ରକୃତ ଉଦେଶ୍ୟ ହେଉଛି ଆତଙ୍କ ସୃଷ୍ଟି କରିବା । ପୁଟିନ୍ ୟୁରୋପକୁ ଅକ୍ଟୋପସ୍ ଭଳି ଚାରିଆଡୁ ଚାପିଦେବାକୁ ଚାହାନ୍ତି । ବିଶେଷଜ୍ଞଙ୍କ ମତରେ ରୁଷ ଅନୁପ୍ରବେଶକାରୀ ଏକ ଛଳନା । ପୁଟିନ୍ ୟୁକ୍ରେନରେ ଚାଲିଥିବା ଯୁଦ୍ଧ ବାହାନାରେ ପାଶ୍ଚାତ୍ୟ ଧନ ଓ ସମ୍ବଳକୁ କମ୍ କରିବାର ଚେଷ୍ଟା କରୁଛନ୍ତି । ଫିଲିକ୍ କହିଛନ୍ତି, ୟୁରୋପୀୟ ନେତା ବୈଠକରେ ଏହା ଜାଣିବାକୁ ଚେଷ୍ଟା କରୁଛନ୍ତି, କିଭଳି ଜବାବ୍ ଦିଆଯିବ । ଅନ୍ୟପକ୍ଷେ ରୁଷ ଲଗାତାର ମଜବୁତ ହେବାରେ ଲାଗିଛି । ସେ ଦାବି କରିଛନ୍ତି, ପୁଟିନଙ୍କ ଉକସାଇବା ଭଳି ଗତିବିଧି ନାଟୋକୁ ପ୍ରଭାବିତ କରିବାର ଏକ ଚାଲ୍ । ବ୍ରିଟିସ୍ ମିଡିଆ ଆଉଟଲେଟ୍ 'ଦ ସନ୍'ର କାର୍ଯ୍ୟକ୍ରମ ବ୍ୟାଟଲ୍ ପ୍ଲାନ୍ସ ଏକ୍ସପୋଜଡ୍' ରେ ଫିଲିପ୍ କହିଛନ୍ତି , ଆମେ ନାଟୋର



ବାୟୁସୀମାକୁ ଉଲଂଘନ କରୁଥିବା ରୁଷ ବିମାନ ସଂଖ୍ୟାରେ ବୃଦ୍ଧି ଦେଖିବାକୁ ପାଇଛୁ। ଯାହାଦ୍ୱାରା ମେଣ୍ଟର ରାଜନୀତି ଓ ସେନା ଉଭୟ ସୀମା ପାର ହୋଇଯାଇଛନ୍ତି। ଏହାର ପରୀକ୍ଷା ହେଉଛି। ସେ କହିଛନ୍ତି, ରୁଷ ମିଗ୍-୩୧ ଯୁଦ୍ଧ ବିମାନ ଏସ୍ତୋନିଆ ବାୟୁକ୍ଷେତ୍ରରେ ୧୨ ମିନିଟ୍ ପର୍ଯ୍ୟନ୍ତ ଅନୁପ୍ରବେଶ କରିଥିଲା, ଯାହାଦ୍ୱାରା ପୁରା ୟୁରୋପ ଭୟଭୀତ ହୋଇ ପଡିଥିଲା । ଗତ ଦୁଇ ସପ୍ତାହରେ ୟୁରେଗ ଯୁଦ୍ଧ ବିମାନ ମୁହାଁମୁହିଁ ହେବା, ରହସ୍ୟମୟ ଡ୍ରୋନ୍ ଓ ସାଇବର ଆଟାକକୁ ଦେଖି ପ୍ରମୁଖ ବିମାନ ବନ୍ଦରେ ପରିଚାଳନା ଠପ୍ ହୋଇଯାଇଥିଲା । ଏଥିରେ ଡେନମାର୍କ ମଧ୍ୟ ରହିଛି, ଯେଉଁଠି ଡ୍ରାନ୍ ଚାଲିବା କାରଣ ତାଙ୍କର ଏକ ବିମାନ ବନ୍ଦର ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ବନ୍ଦ କରିବାକୁ ପଡିଥିଲା । ଫିଲିପ୍ କହିଛନ୍ତି, ନିକଟରେ ଅନୁପ୍ରବେଶକୁ ରୋକିବା ପାଇଁ ୟୁରୋପ ଡ୍ରୋନ୍ ୱାଲ ନାମକ ସୁରକ୍ଷା ବଳ । ତିଆରି କରିବକୁ ଯୋଜନା କରୁଛି । ଏହା ବହୁ ସ୍ତରୀୟ ଏୟାର ଡିଫେନ୍ସ ସିଷ୍ଟମ ଭଳି ହେବ । ଏହା ଆକ୍ରମଣ କରିବାକୁ ଆସୁଥିବା ଡ୍ରୋନକୁ ଟ୍ରାକ୍ କରିବା ସହ ତାକୁ ନଷ୍ଟ କରିବ।

## ସାଇବର ଅପରାଧୀଙ୍କ ଟାର୍ଗେଟରେ ଛୋଟ ପିଲା

**ନୂଆଦିଲ୍ଲୀ,୬।୧୦:** ଆଜିର ଡିଜିଟାଲ୍ ଯୁଗରେ ଛୋଟ ପିଲାମାନେ ମୋବାଇଲ୍ ଫୋନ୍ ଏବଂ ଇଣ୍ଟରନେଟ୍ ସହିତ ଅଧିକ ସମୟ ଧରି ଯୋଡ଼ି ହୋଇ ରହୁଛନ୍ତି । ମୋବାଇଲ୍ ଫୋନ୍ ସେମାନଙ୍କର ଏକ ପ୍ରକାର ନିଶା କହିଲେ ଅତ୍ୟୁକ୍ତି ହେବ ନାହିଁ । କମ୍ ବୟସର ପିଲା ମୋବାଇଲ୍ ଫୋନ୍ ଏବଂ ଇଣ୍ଟରନେଟ୍ ବ୍ୟବହାର କରିପାରିବେ କିନ୍ତୁ ଏକ ସୀମିତ ପର୍ଯ୍ୟନ୍ତ । କାରଣ ଛୋଟ ପିଲାମାନେ ବହୁତ ସରଳ ହୋଇଥାଆନ୍ତି , ଯେଉଁଥିପାଇଁ ସାଇବର ଅପରାଧୀମାନେ ସହଜରେ ଟାର୍ଗେଟ୍ କରନ୍ତି । ସାଇବର ଅପରାଧୀମାନେ ପିଲାମାନଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରନ୍ତି, ଯେପରିକି ବ୍ୟକ୍ତିଗତ ଡାଟା ଚୋରି, ମୋବାଇଲ୍ ଫୋନ୍ ମାଧ୍ୟମରେ ଟଙ୍କା ହଡ଼ପ ଏବଂ କେତେକ ସମୟରେ ଶାରୀରିକ ଏବଂ ମାନସିକ ନିର୍ଯାତନା ମଧ୍ୟ ଦେଇଥାଆନ୍ତି । ନିକଟରେ ଅଭିନେତା ଅକ୍ଷୟ କୁମାର ପ୍ରକାଶ କରିଛନ୍ତି ଯେ ତାଙ୍କ ୧୩ ବର୍ଷୀୟ ଝିଅ ନିତାରା କୁମାରଙ୍କୁ ଅନଲାଇନ୍ ଭିଡିଓ ଗେମ୍ ଖେଳୁଥିବା ସମୟରେ ଜଣେ ଅଜଣା ବ୍ୟକ୍ତି ଅଶ୍ଳୀଳ ଫଟୋ ମାଗିଥିଲେ । ନିତାରା ତୁରନ୍ତ ଯାଇ ତାଙ୍କ ମାଆଙ୍କୁ କହି , ଏଥିରୁ ବର୍ତ୍ତିପାରିଥିଲେ । କିନ୍ତୁ ପ୍ରତିଦିନ ଏପରି ଘଟଣା ଘଟୁଛି ଯେଉଁଥିରେ ଛୋଟ ପିଲାମାନେ ସାଇବର ଅପରାଧୀଙ୍କ ଶିକାର ହୁଅନ୍ତି । NCRB ରିପୋର୍ଟ ଅନୁସାରେ ଦେଶରେ ସାଇବର ଅପରାଧ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଯେଉଁଥିରେ ଶିଶୁମାନଙ୍କ ବିରୁଦ୍ଧରେ ଅପରାଧ ମଧ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି । ରିପୋର୍ଟ ଅନୁସାରେ ୨୦୨୩ରେ ଶିଶୁମାନଙ୍କ ବିରୁଦ୍ଧରେ ସାଇବର ଅପରାଧର ପ୍ରାୟ ୧ ଲକ୍ଷ ୭୭ ହଜାର ୩୩୫ ମାମଲା ପଞ୍ଜିକୃତ ହୋଇଥିଲା । ଯାହାକି ପୂର୍ବ ବର୍ଷ ତୁଳନାରେ ୯.୨ ପ୍ରତିଶତ ବୃଦ୍ଧି ପାଇଛି । NCRB ରିପୋର୍ଟ ଅନୁଯାୟୀ, ୨୦୨୧ରୁ ୨୦୨୨ ପର୍ଯ୍ୟନ୍ତ ଶିଶୁମାନଙ୍କ ବିରୁଦ୍ଧରେ ସାଇବର ଅପରାଧ ପ୍ରାୟ ୩୨ ପ୍ରତିଶତ ବୃଦ୍ଧି ପାଇଛି । ସାଇବର ଅପରାଧୀମାନେ ସୋସିଆଲ ମିଡିଆ, ବିଭିନ୍ନ ଆପ୍ ଏବଂ ଅନଲାଇନ୍ ଗେମ୍ ଭଳି ପ୍ଲାଟଫର୍ମ ମାଧ୍ୟମରେ ଛୋଟ ପିଲାମାନଙ୍କୁ ଟାର୍ଗେଟ କରନ୍ତି । ବିଭିନ୍ନ ପ୍ରକାର ଲୋଭ ଦେଖାଇ ସେମାନଙ୍କ ପିତାମାତାଙ୍କ ବିଷୟରେ ବ୍ୟକ୍ତିଗତ ସୂଚନା ସଂଗ୍ରହ କରନ୍ତି । ତା'ପରେ ସେମାନେ ଏହି ସୂଚନାକୁ ଟଙ୍କା ଆଦାୟ, ବ୍ଲାକମେଲ୍ କିମ୍ବା ବ୍ୟାଙ୍କ ଆକାଉଣ୍ଟ ହ୍ୟାକ୍ କରିବା ପାଇଁ ବ୍ୟବହାର କରନ୍ତି ।

## ବଦଳିଲା ନିୟମ: ମତଦାନ କେନ୍ଦ୍ରକୁ ନେଇପାରିବେ ମୋବାଇଲ

**ନୂଆଦିଲ୍ଲୀ,୬।୧୦:** ବିହାର ବିଧାନସଭା ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା ହୋଇଛି । ନିର୍ବାଚନ କମିଶନ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବିଧାନସଭା ନିର୍ବାଚନର ତାରିଖ ଘୋଷଣା କରିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ବିହାର ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟ ପାଇଁ ଭୋଟଗ୍ରହଣ ନଭେମ୍ବର ୬ ତାରିଖରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଭୋଟଗ୍ରହଣ ନଭେମ୍ବର ୧୧ ତାରିଖରେ ହେବ । ୧୪ ତାରିଖରେ ଭୋଟଗଣନା କରାଯିବ ତେବେ ମୋବାଇଲକୁ ନେଇ ଥିବା ପୂର୍ବ ନିୟମ ଏଥର ବଦଳିଛି । ବାସ୍ତବରେ ଯେତେବେଳେ ଭୋଟରମାନେ ଭୋଟ ଦେବାକୁ ବୁଥ୍ ଯାଆନ୍ତି, ସେମାନେ ସବୁବେଳେ ଏକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ଯଦି ସେମାନେ ସେମାନଙ୍କର ମୋବାଇଲ୍ ଫୋନ୍ ନେଇଥାନ୍ତି, ତେବେ ସେମାନଙ୍କୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଏନାହିଁ । ଫଳସ୍ୱରୂପ, ଭୋଟରମାନେ ପ୍ରାୟତଃ ଘରେ ସେମାନଙ୍କର ଫୋନ୍ ଛାଡ଼ି ଦିଅନ୍ତି । ତେବେ ଏଥର, ନିର୍ବାଚନ କମିଶନ ବିହାର ବିଧାନସଭା ନିର୍ବାଚନ ପାଇଁ ନିୟମ ପରିବର୍ତ୍ତନ କରିଛନ୍ତି। ଆସନ୍ତୁ ଜାଣିବା ଏହି ନୂତନ ନିୟମ କ'ଣ । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରି କହିଛନ୍ତି ଯେ ସାରା ଦେଶର ଭୋଟରମାନେ ଏବେ ଭୋଟ ଦେବା ସମୟରେ ସେମାନଙ୍କର ମୋବାଇଲ୍ ଫୋନ୍ ବୁଥ୍ ଭିତରକୁ ନେଇପାରିବେ । ଏହି ପରିବର୍ତ୍ତନ ୨୦୨୫ରେ ବିହାର ବିଧାନସଭା ନିର୍ବାଚନ ସହିତ ଆରମ୍ଭ ହେବ ଏବଂ ତା'ପରେ ଏହା ସମଗ୍ର ଭାରତରେ କାର୍ଯ୍ୟକାରୀ ହେବ ।

### ଜୋତା ଫିଙ୍ଗିବା ଘଟଣା
## ଅଭିଯୁକ୍ତ ଓକିଲଙ୍କୁ ନିଲମ୍ବିତ କଲା ବାର କାଉନସିଲ

**ନୂଆଦିଲ୍ଲୀ,୬।୧୦: :** ସୋମବାର ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ବିଆର ଗଭାଇଙ୍କୁ ଆକ୍ରମଣ କରିବା ଘଟଣାରେ ବାର କାଉନସିଲ ଅଫ ଇଣ୍ଡିଆ ଓକିଲ ରାକେଶ କିଶୋରଙ୍କୁ ନିଲମ୍ବିତ କରିଛି। ପ୍ରାସଙ୍ଗିକ ଆଇନଗତ ବ୍ୟବସ୍ଥା ଅନୁଯାୟୀ ବହୁ ଜଲଦି ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳୁଛି ।ଖାଲି ଏତିକି ନୁହେଁ, ଅଭିଯୁକ୍ତ ଓକିଲଙ୍କ ବିରୁଦ୍ଧରେ ବାର କାଉନସିଲ ପକ୍ଷରୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଏହି ନୋଟିସ ଗ୍ରହଣ କରିବାର ୧୫ ଦିନ ମଧ୍ୟରେ ତାଙ୍କୁ ଏନେଇ ଉତ୍ତର ରଖିବାକୁ ଆଦେଶ ମଧ୍ୟ ଦିଆଯାଇଛି । ଏହି କାରଣ ଦର୍ଶାଅ ନୋଟିସରେ କଣ ପାଇଁ ତାଙ୍କ ନିଲମ୍ବନ ଆଦେଶକୁ କାର୍ଯ୍ୟକାରୀ କରାଯିବନାହିଁ ଓ ଅନ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ତା ବିଷୟରେ ଉତ୍ତର ରଖିବାକୁ କୁହାଯାଇଛି ।ଏହି ନିଲମ୍ବନ ଯୋଗୁଁ ରାକେଶ ଆଗକୁ ଦେଶର କୌଣସି ବି କୋର୍ଟରେ ମାମଲା ଲଢିପାରିବେ ନାହିଁ। ବାର କାଉନସିଲ ଅଫ ଦିଲ୍ଲୀ ତତ୍କାଳ ପ୍ରଭାବରେ ଏହି ଆଦେଶକୁ କାର୍ଯ୍ୟକାରି କରିବାକୁ ଆଦେଶ ଦେଇଛି ।ଏହାସହ ରାକେଶଙ୍କ ଏହି ଆଦେଶର ଏକ ଏକ ନକଲ ଦେଶର ସମସ୍ତ କୋର୍ଟ ଓ ଟ୍ରିବୁନାଲକୁ ପଠାଇବାକୁ ମଧ୍ୟ ନୋଟିସ ଜାରି କରାଯାଇଛି । ସୂଚନା ମୁତାବକ, ମୁଖ୍ୟ ବିଚାରପତି ବି.ଆର ଗବାଇଙ୍କ ଖଣ୍ଡପୀଠର ଶୁଣାଣୀ ସମୟରେ ଓକିଲ ଜଣକ ହଠାତ ଉଗ୍ର ହୋଇପଡିଥିଲେ ଏବଂ ଅଦାଲତରେ ହଙ୍ଗାମା କରିବା ଆରମ୍ଭ କରିଥିଲେ ।

# ତେଜସ୍ୱୀଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଲେ ଓୱେସି

**ନୂଆଦିଲ୍ଲୀ,୬।୧୦:** ବିହାର ବିଧାନସଭା ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା ହୋଇଛି ନିର୍ବାଚନ କମିଶନ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବିଧାନସଭା ନିର୍ବାଚନର ତାରିଖ ଘୋଷଣା କରିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ବିହାର ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ପାଇଁ ଭୋଟଗ୍ରହଣ ନଭେମ୍ବର ୬ ତାରିଖରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଭୋଟଗ୍ରହଣ ନଭେମ୍ବର ୧୧ ତାରିଖରେ ହେବ । ୧୪ ତାରିଖରେ ଭୋଟଗଣନା କରାଯିବ । ତେବେ ବିହାରରେ ଏବେ ରାଜନୈତିକ ବୟାନବାଜି ଜୋର ଧରିଛି ଅସଦୁଦ୍ଦିନ ଓୱେସିଙ୍କ ଦଳ (ଏଆଇଏମଆଇଏମ) କହିଛି ଯେ ମହାଗଠବନ୍ଧନ ସହିତ ମେଣ୍ଟ କରି ୨୦୨୫ ବିହାର ବିଧାନସଭା ନିର୍ବାଚନରେ ଲଢ଼ିବାକୁ ଚାହୁଁଥିଲୁ, କିନ୍ତୁ ଆରଜେଡିଠାରୁ ସବୁଜ ସଙ୍କେତ ପାଇନାହୁଁ । ଏହି ପରିପ୍ରେକ୍ଷୀରେ, ଅସଦୁଦ୍ଦିନ ଓୱେସି ଆଜି ଦରଭଙ୍ଗାରେ ଆୟୋଜିତ ଏକ ରାଲିରେ ତେଜସ୍ୱୀ ଯାଦବ ଏବଂ ଆରଜେଡି ଉପରେ କଠୋର ଆକ୍ରମଣ କରିଥିଲେ। ସାଂସଦ ଅସଦୁଦ୍ଦିନ ଓୱେସି କହିଛନ୍ତି, ତେଜସ୍ୱୀ ଯାଦବ କହିଥିଲେ ଯେ ତାଙ୍କ ବାପା ଚିଠି ପାଇଥିବେ, ସେ ଚିଠି ପାଇଁନାହାନ୍ତି ତେଣୁ ଆମେ ତାଙ୍କୁ ମଧ୍ୟ ଚିଠି ଲେଖିବାକୁ କହିଥିଲୁ । ଅଖତାରୁଲ ଇମାନ ଚିଠି ଲେଖିଥିଲେ ଏବଂ ଡ୍ରମ୍ ବଜାଇ ତାଙ୍କ ଘରକୁ ଯାଇ ଏହାକୁ ପହଞ୍ଚାଇ କହିଲେ, 'କାନ ଖୋଲି ଶୁଣ, ଆମେ ଦେଉଛୁ ।'ଅସଦୁଦ୍ଦିନ ଓୱେସି ଆହୁରି କହିଛନ୍ତି, ଅଖତାରୁଲ ଇମାନ (ଏଆଇଏମଆଇଏମର ବିହାର ରାଜ୍ୟ ସଭାପତି) ଚିଠିରେ ଯାହା ଲେଖିଥିଲେ ଯେ ଆମକୁ ଛଅଟି ଆସନ ଦିଅ। ସେ ଏହା ମଧ୍ୟ ଲେଖିଥିଲେ ଯେ ଯଦି ଆପଣ (ତେଜସ୍ୱୀ ଯାଦବ) ମୁଖ୍ୟମନ୍ତ୍ରୀ ହୁଅନ୍ତି ତେବେ ଆମେ ମନ୍ତ୍ରୀ ପଦ ଚାହୁଁନାହୁଁ । ଆପଣ ନିଜେ ନିଷ୍ପତ୍ତି ନିଅନ୍ତୁ ଯେ ମୁଁ ଏଥିରୁ କ'ଣ ଲାଭ ପାଇବି... ଏଥିରୁ କ'ଣ ଲାଭ ପାଇବି । ଆରଜେଡି ଉପରେ ଆକ୍ରମଣ କରି ଏଆଇଏମଆଇଏମର ରାଷ୍ଟ୍ରୀୟ ଅଧ୍ୟକ୍ଷ କହିଛନ୍ତି, ଆମ ଏବଂ ସେମାନଙ୍କ ମଧ୍ୟରେ କେବଳ ଗୋଟିଏ ପାର୍ଥକ୍ୟ ଅଛି, ଆମେ କହୁଛୁ ଯେ ଆମେ ଏହା ଚାହୁଁଛୁ କିନ୍ତୁ ଏହା ପରେ ମଧ୍ୟ ସେମାନେ କଥା ହେବାକୁ ପ୍ରସ୍ତୁତ ନୁହଁନ୍ତି ତେଣୁ ବିହାରର ଲୋକମାନେ ଜାଣିସାରିଛନ୍ତି ଯେ କିଏ ପୁଣି ମୋଦୀ-ନୀତୀଶ ସରକାର ଗଠନକୁ ରୋକିବାକୁ ଚାହୁଁଛି ଏବଂ କିଏ ଆଣିବାକୁ ଚାହୁଁଛି। ତେଜସ୍ୱୀ ଶୁଣନ୍ତୁ... ଆରଜେଡି ନେତାଗଣ ଶୁଣନ୍ତୁ, ଆମେ ଆପଣଙ୍କୁ କହୁଛୁ ଯେ ଆପଣଙ୍କର ମୂର୍ଖତା ଆପଣଙ୍କୁ କ୍ଷତି କରିବ ।



# ଜିନ୍ଦଲ ମୁମ୍ବାଇରେ ତାହାର ପ୍ରଥମ ଷ୍ଟେନଲେସ୍ ଷ୍ଟିଲ୍ ଫେବ୍ରିକେସନ୍ ଏକକ ଉନ୍ମୋଚନ କଲା

ଭୁବନେଶ୍ୱର, ୬।୧୦ (ନି.ପ୍ର) : ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍ ମୁମ୍ବାଇର ପାଟଲଗଙ୍ଗା ଅଂଚଳରେ ଓ୍ୱାଶିଭାଲିରେ ତାହାର ପ୍ରଥମ ଷ୍ଟେନଲେସ୍ ଷ୍ଟିଲ୍ ଫେବ୍ରିକେସନ୍ ଏକକ ଉନ୍ମୋଚନ କରିଛି, ଯାହା ଏକୀକୃତ ଭିତିଭୂମି ଶ୍ରେଷ୍ଠତ୍ୱରେ ନୂଆ ମାନଦଣ୍ଡ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ୪ ଲକ୍ଷ ବର୍ଗଫୁଟ ବିଶିଷ୍ଟ ଏହି ସୁବିଧା ବ୍ରିଜ୍ କ୍ଷେତ୍ରର ଆବଶ୍ୟକତା ପୂରଣ କରିବ ଏବଂ ବିଭିନ୍ନ ପ୍ରକାରର ଗାର୍ଡର ସମେତ ଗୁରୁତ୍ୱପୂର୍ଣ୍ଣ ଉପାଦାନ ନିର୍ମାଣ ଉପରେ ଧ୍ୟାନ ଦେବ। ଏହି ଏକକଟି ଶ୍ରୀ ତରୁଣ ଖୁଲବେ, ସିଇଓ ଓ ସିଏଫଓ, ଜିନ୍ଦଲ୍ ଷ୍ଟେନଲେସ୍ ଙ୍କ ଦ୍ୱାରା ଉଦଘାଟିତ ହୋଇଛି ଏବଂ ତାଙ୍କ ସହିତ ଜିନ୍ଦଲ ଷ୍ଟେନଲେସ୍‌ର ବିକ୍ରୟ ମୁଖ୍ୟ ଶ୍ରୀ ରାଜୀବ ଗର୍ଗ ଉପସ୍ଥିତ ଥିଲେ।



୧୨୫ କୋଟି ଟଙ୍କାରୁ ଅଧିକ ପ୍ରାରମ୍ଭିକ ନିବେଶ ସହିତ ନିର୍ମିତ ଏହି ସୁବିଧା କମ୍ପାନୀ ପାଇଁ ଏକ କୌଶଳଗତ ଅଗ୍ରଗତି ଚିହ୍ନିତ କରୁଛି, ଯାହା ଷ୍ଟେନଲେସ୍ ଷ୍ଟିଲ୍ ସାମଗ୍ରୀ ଯୋଗାଣକାରୀରୁ ଆରମ୍ଭ କରି ଭାରତର ଦ୍ରୁତ ବିକାଶମାନ ଭିତିଭୂମି କ୍ଷେତ୍ର ପାଇଁ ସମ୍ପୂର୍ଣ୍ଣ ଫେବ୍ରିକେସନ୍ ସମାଧାନ ପ୍ରଦାନ କରିବାକୁ ଏହାର ଅବସ୍ଥାନକୁ ମଜବୁତ କରୁଛି। ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ଏହି ଏକକ ବାର୍ଷିକ ୧୮,୦୦୦ ଟନ୍ ଫେବ୍ରିକେସନ୍ କ୍ଷମତା ହାସଲ କରିବ ବୋଲି ଆଶା କରାଯାଉଛି, ଯାହା ଚଳିତ ଆର୍ଥିକ ବର୍ଷରେ ଆନୁମାନିକ ୪,୦୦୦ ଟନ୍‌ରୁ ଅଧିକ, ଯାହା ଦୀର୍ଘମିଆଦି ଓ ଉଚ୍ଚ-ଗୁଣସମ୍ପନ୍ନ ବ୍ରିଜ୍ ଭିତିଭୂମିର ବୃଦ୍ଧିଶୀଳ ଚାହିଦାକୁ ପୂରଣ କରିବ। କ୍ଷମତା ବୃଦ୍ଧି ବ୍ୟତୀତ, ଏହି ଏକକ ସିଧାସଳଖ ୨୫୦ରୁ ଅଧିକ ଚାକିରି ସୃଷ୍ଟି କରିବ ଏବଂ ୧୫୦ରୁ ଅଧିକ ପରିବାରକୁ ପରୋକ୍ଷ ଭାବେ ଉପକୃତ କରିବ, ସହିତ ଏହା ଦକ୍ଷତା ବିକାଶର ଏକ ଶ୍ରେଷ୍ଠତ୍ୱ କେନ୍ଦ୍ର ଭାବେ କାର୍ଯ୍ୟ କରିବ, ଯାହା ଭାରତର ଶ୍ରମଶକ୍ତିକୁ ଆଗାମୀ ଭିତିଭୂମି ପାଇଁ ସଜ୍ଜିତ କରିବ।

ଏହି ବିକାଶ ସମ୍ପର୍କରେ ମନ୍ତବ୍ୟ ପ୍ରଦାନ କରି ଜିନ୍ଦଲ ଷ୍ଟେନଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, "ଏହି ଫେବ୍ରିକେସନ୍ ଏକକ ଆମ ଗ୍ରାହକମାନଙ୍କୁ ଏକୀକୃତ ସମାଧାନ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ବ୍ରିଜ୍ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଜକ, ଯାହା ଲୋକ, ବ୍ୟବସାୟ ଓ ଦେଶର ଅର୍ଥନୈତିକ କାର୍ଯ୍ୟକଳାପକୁ ସଂଯୋଗ କରେ। ଏହି ଫେବ୍ରିକେସନ୍ ଏକକ ସହିତ, ଆମେ ନିଶ୍ଚିତ କରୁଛୁ ଯେ ଏହି ଗୁରୁତ୍ୱପୂର୍ଣ୍ଣ ଗଠନଗୁଡ଼ିକ ଗୁଣବତା, ନିର୍ଭରଯୋଗ୍ୟତା ଏବଂ ଦୀର୍ଘକାଳୀନ ମାନଦଣ୍ଡରେ ନିର୍ମିତ ହେଉଛି, ଯାହା ଭାରତର ବ୍ୟାପକ ଇନଫ୍ରାଷ୍ଟ୍ରକଚର ବୃଦ୍ଧିକୁ ସମର୍ଥନ କରେ।" ଉଦ୍‌ଘାଟନ ଉତ୍ସବରେ ମନ୍ତବ୍ୟ ପ୍ରଦାନ କରି ଜିନ୍ଦଲ ଷ୍ଟେନଲେସ୍‌ର ସିଇଓ ତଥା ସିଏଫଓ ଶ୍ରୀ ତରୁଣ ଖୁଲବେ କହିଛନ୍ତି, "ଷ୍ଟେନଲେସ୍ ଷ୍ଟିଲ୍ ଭଳି ସୁସ୍ଥିର ସାମଗ୍ରୀର ଗୁଣବତାକୁ ନିର୍ଭରଯୋଗ୍ୟ, ଉଚ୍ଚ-ଗୁଣସମ୍ପନ୍ନ ଫେବ୍ରିକେସନ୍‌ରେ ପରିଣତ କରିବା ପାଇଁ ପ୍ରଶିକ୍ଷିତ ଫେବ୍ରିକେଟର ଇକୋସିଷ୍ଟମ୍ ବିକାଶ କରିବା ଦୀର୍ଘଦିନ ଧରି ଏକ ଚ୍ୟାଲେଞ୍ଜ ଥିଲା। ଏହି ସୁବିଧାର ଉଦ୍ଘାଟନ ସହିତ, ଆମେ ସେହି ବ୍ୟବଧାନକୁ ଦୂର କରୁଛୁ। ଆମେ ସାମଗ୍ରୀର ଶ୍ରେଷ୍ଠତ୍ୱ, ଦକ୍ଷ ଫେବ୍ରିକେସନ୍ ଏବଂ ସୁଚାରୁ ପ୍ରକ୍ରିୟାକୁ ଏକତ୍ର କରି, ନିର୍ବିକଳ୍ପ, ସମୟୋପଯୋଗୀ ଏବଂ ଉଚ୍ଚମାନର ଭିତିଭୂମି ସମାଧାନ ପ୍ରଦାନ କରୁଛୁ।" ଜିନ୍ଦଲ ଷ୍ଟେନଲେସ୍ ଦୀର୍ଘ ସମୟ ଧରି ଦେଶର କେତେକ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରକଳ୍ପକୁ ଷ୍ଟେନଲେସ୍ ଷ୍ଟିଲ୍ ଯୋଗାଣ କରି ଏକ ବିଶ୍ୱସ୍ତ ଅଂଶୀଦାର ହୋଇ ରହିଛି। ଏହି ଅଗ୍ରଣୀ ଫେବ୍ରିକେସନ୍ ଏକକର ଉଦ୍‌ଘାଟନ ସହିତ, କମ୍ପାନୀ କେବଳ ଉଚ୍ଚ-ଗୁଣସମ୍ପନ୍ନ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନ କରିବା ନୁହେଁ, ବରଂ ଗାର୍ଡର, ଆର୍ଚ, ନଟ୍ ଓ ବୋଲ୍ଟ, ହ୍ୟାଣ୍ଡେଲ ଏବଂ ଅନ୍ୟାନ୍ୟ ଗଠନମୂଳକ ଅଂଶ ଭଳି ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍ ଉପାଦାନଗୁଡ଼ିକୁ ସିଧାସଳଖ ଫେବ୍ରିକେଟ୍ କରି ଏବଂ ଭିତିଭୂମି ବିକାଶକାରୀମାନଙ୍କୁ ସମ୍ପୂର୍ଣ୍ଣ ସେବା ପ୍ରଦାନ କରି ଏକ ନିଷ୍ପାଦକ ପଦକ୍ଷେପ ଆଗକୁ ନେଇଛି। କମ୍ପାନୀ ଭାରତର ଅନ୍ୟାନ୍ୟ ଅଂଚଳରେ ଫେବ୍ରିକେସନ୍ ସୁବିଧାର ଭବିଷ୍ୟତ ବିସ୍ତାର ଯୋଜନା କରୁଛି। ଜିନ୍ଦାଲ ଷ୍ଟେନଲେସ୍‌ର ଇଏସ୍‌ଜି ଲକ୍ଷ୍ୟ ସହିତ ସମନ୍ୱିତ, ମୁମ୍ବାଇ ଫେବ୍ରିକେସନ୍ ଏକକ ପରବର୍ତୀ ପର୍ଯ୍ୟାୟରେ ସୌରଶକ୍ତି ସମର୍ଥିତ ହେବ, ଯାହା ନିରନ୍ତରତାକୁ ଆହୁରି ବୃଦ୍ଧି କରିବ।

# ଏନଏସଇ ମଲ୍ଟିସ୍ପେଶାଲିଟି ହସ୍ପିଟାଲ ବ୍ଲକ ଓ ବୋନ ମାରୋ ଟ୍ରାନ୍ସପ୍ଲାଂଟ ସେଂଟର ପାଇଁ ଭୂମି ପୂଜା

ଭୁବନେଶ୍ୱର,୬।୧୦ (ନି.ପ୍ର) : ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନଏସଇ) ଏହାର ସିଏସଆର ଅଭିଯାନର ଅଂଶ ଭାବେ ନଭି ମୁମ୍ବାଇରେ ଏକ ଉଲ୍ଲେଖନୀୟ ଜି+୧୧-ଷ୍ଟୋରେ କ୍ୟାନ୍‌ସର ହସ୍ପିଟାଲ ପ୍ରକଳ୍ପ ସହିତ ମଲ୍ଟିସ୍ପେଶାଲିଟି ବ୍ଲକ ଓ ୬୦-ବେଡ୍ ବୋନ ମାରୋ ଟ୍ରାନ୍ସପ୍ଲାଂଟ (ବିଏମଟି) ସେଂଟର ପାଇଁ ଟାଟା ମେମୋରିଆଲ ସେଂଟର (ଟିଏମସି) ସହ ହାତ ମିଳାଇଛି। ଏହି ସେଂଟର ଦକ୍ଷିଣ ଏସିଆର ଅନ୍ୟତମ ସର୍ବବୃହତ ଓ ଦେଶର ସର୍ବବୃହତ ସେଂଟର ହେବ। ଏହା ବାର୍ଷିକ ହାରାହାରି ୧.୩ ଲକ୍ଷ ଓପିଡି ରୋଗୀଙ୍କୁ ସେବା ଯୋଗାଇବ ବୋଲି ଆକଳନ କରାଯାଉଛି





ଏବଂ ଏଠାରେ ପ୍ରତି ବର୍ଷ ୬୦୦ରୁ ଅଧିକ ଜୀବନ ରକ୍ଷାକାରୀ ବିଏମଟି ପଦ୍ଧତି ପରିଚାଳନା କରିବା ପାଇଁ କ୍ଷମତା ରହିବ। ଏହି ପ୍ରକଳ୍ପକୁ ୨.୪ ଲକ୍ଷ ବର୍ଗଫୁଟ ଅଂଚଳରେ ୩୮୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ଏହା ଜୁଲାଇ ୨୦୨୭ ସୁଦ୍ଧା ପରିଚାଳନା ଆରମ୍ଭ କରିବାର ସମ୍ଭାବନା ରହିଛି। ଲାର୍ସେନ ଆଣ୍ଡ ଟର୍ବୋ (ଏଲ୍‌ଆଣ୍ଡଟି) ଇପିସି ମୋଡରେ ଏହି ପ୍ରକଳ୍ପର ନିର୍ମାଣ କରିବ। ଏହି ସେଂଟର ପାଇଁ ଏନଏସଇ ଓ ଟିଏମସିର ପ୍ରତିନିଧି ଓ ହିତାଧିକାରୀଙ୍କ ଉପସ୍ଥିତିରେ ଭୂମି ପୂଜା ସମାରୋହ ଅନୁଷ୍ଠିତ ହୋଇଯାଇଛି।

ଏନଏସଇ ପକ୍ଷରୁ ଟାଟା ମେମୋରିଆଲ ସେଂଟର ଦ୍ୱାରା ସ୍ଥାପିତ ନଭି ମୁମ୍ବାଇର ଆଡ୍‌ଭାନ୍ସଡ ସେଂଟର ଫର ଟ୍ରିଟମେଂଟ, ରିସର୍ଚ୍ଚ ଆଣ୍ଡ ଏଜୁକେଶନ ଇନ କ୍ୟାନସର (ଏସିଟିଆରଇସି) ସହ ସହଭାଗିତା କରାଯାଇଛି। ନଭି ମୁମ୍ବାଇରେ ଏସିଟିଆରଇସି କ୍ୟାମ୍ପସରେ ଏକ ଜି+୧୧ ଷ୍ଟୋରେ ମଲ୍ଟିସ୍ପେଶାଲିଟି ହସ୍ପିଟାଲ ବ୍ଲକ ଆଣ୍ଡ ବୋନ ମାରୋ ଟ୍ରାନ୍ସପ୍ଲାଂଟ ସେଂଟର୍ ବିକଶିତ କରିବା ପାଇଁ ଏହି ସହଭାଗିତା ହୋଇଛି। ମାର୍ଚ୍ଚ ୨୦୨୩ରେ ଏନଏସଇ ବୋର୍ଡ ଏହି ପ୍ରକଳ୍ପକୁ ଅନୁମୋଦନ ଦେଇଥିଲା ଏବଂ ଟିଏମସି ସହ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା।

ଏସମ୍ପର୍କରେ ଏନଏସଇର ଏମଡି ଓ ସିଇଓ ଆଶିଷ କୁମାର ଚୌହାନ କହିଛନ୍ତି, "ଏନଏସଇ ଏହି ଉଲ୍ଲେଖନୀୟ ପଦକ୍ଷେପରେ ଟାଟା ମେମୋରିଆଲ ସେଂଟର ସହ ସହଭାଗିତା କରି ସମ୍ମାନିତ ଅନୁଭବ କରୁଛି। ଆମର ଲକ୍ଷ୍ୟ ହେଉଛି କ୍ୟାନସର ରୋଗୀ ଓ ସେମାନଙ୍କ ପରିବାରର ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିବା ଏବଂ ଭାରତରେ କ୍ୟାନସର ବିରୋଧୀ ଲଢେଇରେ ସାର୍ଥକ ଯୋଗଦାନ ଦେବା।" ଟାଟା ମେମୋରିଆଲ ସେଂଟରର ନିର୍ଦ୍ଦେଶକ ଡଃ ସୁଦୀପ ଗୁପ୍ତା କହିଛନ୍ତି, "ନୂଆ ହସ୍ପିଟାଲ ବ୍ଲକ କ୍ୟାନସର ରୋଗୀଙ୍କଠାରେ କୋମର୍ବିଡିଟିଜ ବା ସହରୋଗଗୁଡିକର ଚିକିତ୍ସା ପାଇଁ ସ୍ୱତନ୍ତ୍ର ସେବା କ୍ଷେତ୍ରରେ ରହିଥିବା ଜରୁରୀ ଅନ୍ତରକୁ ଦୂର କରିବ । ଏହି ପ୍ରକଳ୍ପର ଏକ ପ୍ରମୁଖ ଆକର୍ଷଣ ହେଉଛି ୬୦ଟି ଶଯ୍ୟା ବିଶିଷ୍ଟ ବୋନ ମାରୋ ଟ୍ରାନ୍ସପ୍ଲାଂଟ (ବିଏମଟି) ୟୁନିଟର ଅନ୍ତର୍ଭୁକ୍ତିକରଣ, ଯାହା ଦକ୍ଷିଣ ଏସିଆରେ ବିଏମଟି ପାଇଁ ଅନ୍ୟତମ ସର୍ବବୃହତ ସେଂଟର ହେବ।"

ସେହିପରି ଏସିଟିଆରଇସିର ନିର୍ଦ୍ଦେଶକ ଡଃ ପଙ୍କଜ ଚତୁର୍ବେଦୀ କହିଛନ୍ତି, "ଟିଏମସି ଦେଶର କୋଣଅନୁକୋଣରୁ ଆସୁଥିବା ଅସଂଖ୍ୟ କ୍ୟାନସର ରୋଗୀଙ୍କୁ ଆଧୁନିକ, ସୁଲଭ ଓ ଜୀବନ ରକ୍ଷାକାରୀ ଚିକିତ୍ସା ପ୍ରଦାନ କରୁଛି। ଏଥିରେ ଆମର ଭୂମିକା ହେଉଛି କୋମୋର୍ବିଡିଟିଗୁଡିକ ପାଇଁ ସ୍ୱତନ୍ତ୍ର ଚିକିତ୍ସା କ୍ଷେତ୍ରରେ ରହିଥିବା ଜରୁରୀ ଅନ୍ତରକୁ ଦୂର କରିବାରେ ସାହାଯ୍ୟ କରିବା ଏବଂ ପହଂଚଯୋଗ୍ୟ ବୋନ ମାରୋ ଟ୍ରାନ୍ସପ୍ଲାଂଟ ସେବା ପାଇଁ ଜରୁରୀ ଆବଶ୍ୟକତାକୁ ପୂରଣ କରିବା।" ଏସିଟିଆରଇସିର ଉପ ନିର୍ଦ୍ଦେଶକ ଓ ବିଏମଟି ସ୍ପେଶାଲିଷ୍ଟ ଡଃ ନବିନ ଖତ୍ରି କହିଛନ୍ତି, "ବିଏମଟି ଏକ ଗୁରୁତ୍ୱପୂର୍ଣ୍ଣ ଓ ଜଟିଳ ଚିକିତ୍ସକୀୟ ପଦ୍ଧତି। ନୂଆ ୬୦-ବେଡ ବିଏମଟି ୟୁନିଟ ସହ ଏହି ନୂଆ ଫ୍ୟାସିଲିଟି ଏସିଟିଆରଇସିକୁ ଦକ୍ଷିଣ ଏସିଆର ପ୍ରଥମ ଧରଣର ଅନ୍ୟତମ ସର୍ବବୃହତ ସେଂଟରରେ ପରିଣତ କରିବ ଏବଂ ଏହା ସୁଲଭ ମୂଲ୍ୟରେ ଜୀବନ ରକ୍ଷାକାରୀ ଚିକିତ୍ସା ପ୍ରଦାନ କରିବ।"

# ସେପ୍ଟେମ୍ବରରେ ସର୍ବାଧିକ ମାସିକ ବିକ୍ରି ରେକର୍ଡ ହାସଲ କରିଛି ସୋନାଲିକା

ଭୁବନେଶ୍ୱର,୬।୧୦ (ନି.ପ୍ର) : ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ, ସୋନାଲିକା ଟ୍ରାକ୍ଟର୍ସ ଏହାର ହେଭି-ଡ୍ୟୁଟି, ଟେକ୍ନୋଲୋଜି-ପରିଚାଳିତ ଟ୍ରାକ୍ଟରଗୁଡିକ ସହ ଦେଶବ୍ୟାପୀ କୃଷକଙ୍କ ପାଇଁ ପୁଣିଥରେ ପାର୍ବଣ ଖୁସି ଆଣିଛି। କମ୍ପାନୀ ଗତ ସେପ୍ଟେମ୍ବର ମାସରେ ୨୦,୭୮୬ଟି ଟ୍ରାକ୍ଟର ବିକ୍ରି କରି ସର୍ବୋଚ୍ଚ ମାସିକ ବିକ୍ରି ରେକର୍ଡ ହାସଲ କରିଛି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ମଜବୁତ ଘରୋଇ ଚାହିଦା ଏବଂ ଭାରତୀୟ କୃଷକଙ୍କ ପାଇଁ ଦକ୍ଷତା, ଉତ୍ପାଦକତା ଓ ଲାଭ ବୃଦ୍ଧି କରୁଥିବା କଷ୍ଟମାଇଜଡ୍ ସଲ୍ୟୁଶନ ପ୍ରଦାନ କରିବା ପ୍ରତି ସୋନାଲିକାର ଦୃଢ ପ୍ରତିବଦ୍ଧତା ଯୋଗୁଁ ସମ୍ଭବ ହୋଇଛି। ପାର୍ବଣ ଋତୁ ଜାରି ରହିଥିବା ବେଳେ ସୋନାଲିକା ପକ୍ଷରୁ ଗତ ଅଗଷ୍ଟ ୨୦୨୫ରୁ ଏହାର ସର୍ବବୃହତ ବାର୍ଷିକ ଅଫର 'ହେଭି ଡ୍ୟୁଟି ଧମାକା'ର ପରିଚାଳନା କରାଯାଉଛି। ନିକଟରେ କେନ୍ଦ୍ର ସରକାର ଟ୍ରାକ୍ଟରଗୁଡିକ ଉପରେ ଜିଏସ୍‌ଟି ହାରକୁ





୧୨%ରୁ ୫%କୁ ହ୍ରାସ କରିବା ପରେ ତାହା କୃଷକଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି ଏବଂ ହେଭି-ଡ୍ୟୁଟି ଟ୍ରାକ୍ଟରକୁ ଅଧିକ ସୁଲଭ ଓ ପହଂଚଯୋଗ୍ୟ କରିଛି। ବିଶ୍ୱର ଏକ ନମ୍ବର ଇଂଟିଗ୍ରେଟେଡ ଟ୍ରାକ୍ଟର ମାନୁଫ୍ୟାକ୍‌ଚରିଂ ପ୍ଲାଂଟ ଦ୍ୱାରା ସମର୍ଥିତ ସୋନାଲିକା ଉତ୍କୃଷ୍ଟମାନର ଟ୍ରାକ୍ଟର ଓ ଦେଶବ୍ୟାପୀ ସଠିକ ସମୟରେ ଡେଲିଭରିର ଗ୍ୟାରେଂଟି ପ୍ରଦାନ କରିବା ଜାରି ରଖିଛି। ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, "ଆମେ ଗତ ସେପ୍ଟେମ୍ବରରେ ୨୦,୭୮୬ଟି ଟ୍ରାକ୍ଟର ବିକ୍ରି କରି ଗର୍ବର ସହ ସର୍ବାଧିକ ମାସିକ ବିକ୍ରି ରେକର୍ଡ ହାସଲ କରିଛୁ। ଏହା ଆମର ଅଭିବୃଦ୍ଧି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ସର୍ବୋତମ କୃଷି ଟେକ୍ନୋଲୋଜି ସହ କୃଷି ସମୁଦାୟକୁ ସେବା ପ୍ରଦାନ କରିବା ପାଇଁ ଦମ୍ ବା ଶକ୍ତିକୁ ସୂଚିତ କରୁଛି। ଏହି ସଫଳତା ଭାରତର କୃଷକମାନଙ୍କ ଉତ୍ସାହ ସହ ଜଡିତ ଯାହାଙ୍କର ସ୍ୱପ୍ନ ଆମକୁ ନିଜ ମହତ୍ୱାକାଂକ୍ଷାକୁ ସଫଳତାରେ ପରିଣତ କରିବା ପାଇଁ ଅନୁପ୍ରାଣିତ କରିଛି। ଚଳିତ ବିସ୍ତାରିତ ମୌସୁମୀ ଋତୁ ଓ ଜିଏସଟି ସଂଶୋଧନ କୃଷକଙ୍କ ଭାବନାକୁ ପ୍ରେରିତ କରିବା ଏବଂ ନୂତନ ଯୁଗର ଟେକ୍ନୋଲୋଜି ଟ୍ରାକ୍ଟର ଆପଣାଇ ନିଜକୁ ଅପ୍‌ଗ୍ରେଡ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ଅଟେ।"

# ଶଙ୍କେଶ ଜୁଏଲର୍ସ ପକ୍ଷରୁ ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ

ଭୁବନେଶ୍ୱର,୬।୧୦ (ନି.ପ୍ର) : ଶଙ୍କେଶ ଜୁଏଲର୍ସ ଲିମିଟେଡ୍ ପକ୍ଷରୁ ଇନିସିଆଲ ପବ୍ଲିକ ଅଫର୍ (ଆଇପିଓ) ମାଧ୍ୟମରେ ଅର୍ଥ ସଂଗ୍ରହ ପାଇଁ ପୁଞ୍ଜି ବଜାର ନିୟାମକ ସଂସ୍ଥା ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଙ୍ଗ୍ ପ୍ରୋସ୍ପେକ୍ଟସ୍ (ଡିଆରଏଚପି) ଦାଖଲ କରାଯାଇଛି। ୨୦୦୫ରେ ସ୍ଥାପିତ ଏହି କମ୍ପାନି କର୍ପୋରେଟ୍ ଗହଣା ବ୍ରାଣ୍ଡଗୁଡିକ ପାଇଁ ଡିଜାଇନ୍, ଉପାଦାନ ସଂଗ୍ରହ ଏବଂ ଚୂଡ଼ାନ୍ତ ଗହଣା ତିଆରି ପ୍ରକ୍ରିୟା ପରିଚାଳନା କରୁଥିବା ଏକ ପ୍ରଧାନ କଂଟ୍ରାକ୍ଟର ଭାବେ କାର୍ଯ୍ୟ କରୁଛି। କମ୍ପାନି ମୁଖ୍ୟତଃ ଏକ ଆସେଟ୍-ଲାଇଟ୍ ବ୍ୟବସାୟ ମଡେଲ୍ ଉପରେ ଆଧାରିତ ହୋଇ କାର୍ଯ୍ୟ କରୁଛି ଯେଉଁଠାରୁ ସେମାନେ କାରିଗରମାନଙ୍କର ଅନୁଭୂତିର ସଦୁପଯୋଗ କରି ସେମାନଙ୍କ ଗ୍ରାହକମାନଙ୍କ ଆବଶ୍ୟକତା ଅନୁଯାୟୀ ଗହଣା ତିଆରି କରୁଛନ୍ତି। ୨୦୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କମ୍ପାନି ଭାରତର ୨୧ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଂଚଳରେ ବିକ୍ରୟ କରି ନିଜର ଉପସ୍ଥିତି ଜାହିର କରିଛି। ପ୍ରସ୍ତାବିତ ଆଇପିଓରେ ୩୦,୦୦୦,୦୦୦ ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର ଫର ସେଲ୍‌ରେ ଅଂଶଧନକାରୀମାନେ ୧୦,୦୦୦,୦୦୦ ଇକ୍ୱିଟି ସେୟାର ବିକ୍ରି କରିବେ। ଅଫର ଫର ସେଲ୍‌ରେ କାନ୍ତିଲାଲ ଖୀମରାଜ ଜୈନ ଏବଂ ମନୋଜ କାନ୍ତିଲାଲ ଜୈନ ପ୍ରତିଷ୍ଠାତା ଭାବେ ଇକ୍ୱିଟି ସେୟାର ବିକ୍ରି କରିବେ। କମ୍ପାନି ଏହାର କିଛି ଇକ୍ୱିଟି ସେୟାରର ପ୍ରି-ଆଇପିଓ ପ୍ଲେସମେଂଟ୍ କରିବାକୁ ଯୋଜନା ରଖିଛି। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସହଗୃହୀତ ହେବ ସେଥିରୁ ୧୫୮ କୋଟି ଟଙ୍କାକୁ କମ୍ପାନି ଏହାର କିଛି ଋଣକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପରିଶୋଧ କରିବା, ୩୮ କୋଟି ଟଙ୍କାକୁ କମ୍ପାନିର କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତା ପୂରଣ କରିବାରେ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରାଯିବ। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନି ପରିଚାଳନାରୁ ୧,୪୦୩.୮୩ କୋଟି ଟଙ୍କା ଆୟ ଏବଂ ୪୦.୩୧ କୋଟି ଟଙ୍କାର ଟିକସ ପରବର୍ତୀ ଲାଭ ହାସଲ କରିଥିଲା। ଏହି ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ଆର୍ଯ୍ୟମାନ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ ଏବଂ ସ୍ମାର୍ଟ ହରାଇଜନ୍ କ୍ୟାପିଟାଲ୍ ଆଡଭାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍।

# ପ୍ରଥମ ଥର ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ରେ ରାଡିଏଲ୍ ଇବିୟୁଏସ୍-ଗାଇଡେଡ୍ କ୍ରାୟୋବାୟୋପ୍ସି ପ୍ରକ୍ରିୟାରେ ଚିକିତ୍ସା

ଭୁବନେଶ୍ୱର, ୬।୧୦ (ନି.ପ୍ର) : ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ -୨, ଫୁଲନଖରା। ରାଜ୍ୟରେ ପ୍ରଥମ ଥର ପାଇଁ ସମ ହସ୍ପିଟାଲ-୨ରେ ଏଣ୍ଡୋବ୍ରୋଙ୍କିଆଲ୍ ଅଲ୍‌ଟ୍ରାସାଉଣ୍ଡ (ଇବିୟୁଏସ)- ଗାଇଡେଡ କ୍ରାୟୋବାୟୋପ୍ସି ପ୍ରକ୍ରିୟାରେ ଫୁସ୍‌ଫୁସ୍‌ରେ ସୃଷ୍ଟି ହୋଇଥିବା କ୍ଷତ ସ୍ଥାନର ମାଂସ ପରୀକ୍ଷା ପାଇଁ କଢ଼ାଯାଇଛି। ଜଣେ ୭୫ ବର୍ଷୀୟା ବୃଦ୍ଧା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ସହ କଫ ଏବଂ ହେମୋପଟାଇସିସ ଭଳି ସମସ୍ୟାରେ ୨ ମାସ ହେବ ପୀଡ଼ିତ ଥିଲେ। ଛାତିରେ ସିଟି ସ୍କାନ୍ ଦ୍ୱାରା ବାମ ପଟ ଫୁସଫୁସରେ ଏକ କ୍ଷତ ଥିବା ଜଣାପଡ଼ିଥିଲା। ଚିରାଚରିତ ବାୟୋପ୍ସି ପ୍ରକ୍ରିୟାରେ ଚିକିତ୍ସାରେ ସମସ୍ୟା ଉପୁଜୁଥିବା ବେଳେ ଏହି ଅତ୍ୟାଧୁନିକ ରାଡିଏଲ୍ ଇବିୟୁଏସ ଏବଂ କ୍ରାୟୋବାୟୋପ୍ସି ଦ୍ୱାରା ଡାକ୍ତରୀ ଟିମ ଉଚ୍ଚମାନର ଟିସ୍ୟୁ ନମୂନା ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ପରବର୍ତୀ ସମୟରେ ହିଷ୍ଟୋପାଥୋଲଜି ଦ୍ୱାରା ଏହି କ୍ଷତ ଟ୍ୟୁବରକ୍ୟୁଲାର ଥିବାର ଜଣାପଡ଼ିବା ସହ ଉପଯୁକ୍ତ ଚିକିତ୍ସାର ରାସ୍ତା ବାହାରିପାରିଥିଲା। ଏହି ପ୍ରକ୍ରିୟାରେ ପଲମୋନାରୀ ମେଡିସିନ ବିଭାଗର ଆସୋସିଏଟ ପ୍ରଫେସର ଡାକ୍ତର ସ୍ୱଦେଶ କୁମାର ମହାନ୍ତି ନେତୃତ୍ୱ ନେଇଥିବା ବେଳେ ତାଙ୍କୁ ଡାକ୍ତର ରଚିତା ମହାନ୍ତି ଏବଂ ଡାକ୍ତର ସୂର୍ଯ୍ୟ ଶଙ୍କର ମେହେର ଓ ଆନେସ୍‌ଥେସିଆ ବିଭାଗ ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିଲା। ଏହା କେବଳ ଏକ ଡାକ୍ତରୀ ସଫଳତା ନୁହେଁ ବରଂ ଆନ୍ତର୍ଜାତିକ ପଲମୋନାରୀ ମେଡିସିନ କ୍ଷେତ୍ରରେ ଓଡ଼ିଶା ପାଇଁ ଏକ ବଡ଼ ପଦକ୍ଷେପ ବୋଲି ଡାକ୍ତର ମହାନ୍ତି କହିଛନ୍ତି। ଏହି ପଦ୍ଧତି ଦ୍ୱାରା ଫୁସଫୁସର ଗଭୀରତମ ସ୍ଥାନରେ ଥିବା କ୍ଷତ ନିକଟରେ ପହଂଚିପାରିବା ସହ ଏହାର ନମୂନା ସଂଗ୍ରହ କରିବାରେ ମଧ୍ୟ ସମ୍ଭବ ହୋଇପାରୁଥିବା ଡାକ୍ତର ମହାନ୍ତି କହିଛନ୍ତି।

# ଏୟାରଟେଲ ବିଜନେସ ପକ୍ଷରୁ ଭାରତୀୟ ରେଳପଥ ନିରାପତ୍ତା ପରିଚାଳନା କେନ୍ଦ୍ର ସହ ଚୁକ୍ତିନାମା

ଭୁବନେଶ୍ୱର,୬।୧୦ (ନି.ପ୍ର) : ଏୟାରଟେଲ ବିଜନେସ ପକ୍ଷରୁ ଭାରତୀୟ ରେଳପଥର ଡିଜିଟାଲ ମେରୁଦଣ୍ଡକୁ ସୁରକ୍ଷିତ ରଖିବା ପାଇଁ ସମ୍ପୂର୍ଣ୍ଣ, ଶିଳ୍ପ ନେତୃତ୍ୱପୂର୍ଣ୍ଣ ସୁରକ୍ଷା ସେବା ଯୋଗାଇବା ପାଇଁ ଭାରତୀୟ ରେଳପଥ ସୁରକ୍ଷା ପରିଚାଳନା କେନ୍ଦ୍ର (ଆଇଆରଏସଓସି) ଠାରୁ ଏକ ବହୁ ବର୍ଷୀୟ ଚୁକ୍ତିନାମା ହାସଲ କରିଛି। ଦେଶର ରେଳ ସେବାଗୁଡିକ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସମ୍ପଦ ଅଟେ ଯାହା ପ୍ରତିଦିନ ୧୩,୦୦୦ରୁ ଅଧିକ ଟ୍ରେନ୍ ଚଳାଚଳ କରିବ ସହିତ ୨୦ ନିୟୁତରୁ ଅଧିକ ଯାତ୍ରୀଙ୍କୁ ସେବା ପ୍ରଦାନ କରୁଛି ଏବଂ ପ୍ରତିଦିନ ଲକ୍ଷ ଲକ୍ଷ ଡିଜିଟାଲ କାରବାର ସକ୍ଷମ କରିବା ଏବଂ ବାର୍ଷିକ ୧.୫ ବିଲିୟନରୁ ଅଧିକ ଟନ୍ ମାଲ ପରିବହନ କରୁଛି। ଗ୍ରାହକମାନଙ୍କ ସମ୍ବେଦନଶୀଳ ପରିଚୟ, ଦେୟ ବିବରଣୀ ଏବଂ ଟିକଟିଂ, ଟ୍ରେନ୍ ଟ୍ରାକିଂ, ମାଲ ପରିବହନ ଏବଂ ସଙ୍କେତ ପ୍ରଣାଳୀ ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରୀ ଡାଟାବେସ୍ ସହିତ ଏହି ବିପୁଳ ପ୍ରବାହିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ସୁରକ୍ଷିତ ରଖିବା ବର୍ତମାନର ବଢୁଥିବା ସାଇବର ବିପଦର ଯୁଗରେ ଅତ୍ୟନ୍ତ ଜରୁରୀ। ଉନ୍ନତ ଏବଂ କେନ୍ଦ୍ରୀଭୂତ ସୁରକ୍ଷା ନିୟନ୍ତ୍ରଣ ସହିତ ଏୟାରଟେଲ ବିଜନେସ ରେଳବାଇର ବିସ୍ତୃତ ଡାଟାବେସକୁ ସୁରକ୍ଷିତ କରିବା ପାଇଁ ବହୁ-ସ୍ତରୀୟ ସୁରକ୍ଷା ଗଠନ କରିବ। ଏକ ସ୍ଥିତିସ୍ଥାପକ ଏବଂ ନିୟମାନୁଯାୟୀ ସୁରକ୍ଷିତ ବ୍ୟାକଏଣ୍ଡ ନିଶ୍ଚିତ କରିବ। ଏୟାରଟେଲ ବିଜନେସ ଦେଶର ରେଳ ସେବାଗୁଡିକର ଏଣ୍ଡ ଟୁ ଏଣ୍ଡ ଡିଜିଟାଲ କାର୍ଯ୍ୟକାରିତାକୁ ମଧ୍ୟ ସୁରକ୍ଷିତ ରଖିବ ଯେଉଁଥିରେ ୨୬ଟି ସ୍ଥାନରେ ବିସ୍ତାରିତ ୧,୬୦,୦୦୦ କର୍ମଚାରୀ ରହିଛନ୍ତି। ଏହି ପ୍ରଯୁକ୍ତି ଷ୍ଟାକ ବଜାରର ନେତୃତ୍ୱଶୀଳ ପ୍ରଯୁକ୍ତି ସହିତ ଉନ୍ନତ 'ମେକ ଇନ ଇଣ୍ଡିଆ' ସାଇବର ସୁରକ୍ଷା ଉତ୍ପାଦକୁ ସାମିଲ କରିବ ଏବଂ ଗୁରୁତ୍ୱପୂର୍ଣ୍ଣ ମୂଳଢାଞ୍ଚା ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଏକ ସାର୍ବଭୌମ, ସମ୍ପୂର୍ଣ୍ଣ ନିୟମାନୁଯାୟୀ ଏବଂ ଏଆଇ-ସମନ୍ୱିତ ସୁରକ୍ଷା ପରିବେଶ ପ୍ରଦାନ କରିବ। ଏୟାରଟେଲ ବିଜନେସର ସିଇଓ ଏବଂ ନିର୍ଦ୍ଦେଶକ ଶ୍ରୀ ଶରତ ସିଂହ କହିଛନ୍ତି ଯେ, 'ଏୟାରଟେଲ ବିଜନେସରେ ଆମେ ବୁଝିଛୁ ଯେ ବର୍ତମାନର ବଢୁଥିବା ସାଇବର ବିପଦର ସମୟରେ ଯାହା କାର୍ଯ୍ୟକାରିତାର ନିରବିଚ୍ଛିନ୍ନତା, ତଥ୍ୟର ସମଗ୍ରତା ଏବଂ ଯାତ୍ରୀ ସୁରକ୍ଷାକୁ ନଷ୍ଟ କରିପାରେ ସେଠାରେ ଉନ୍ନତ ସୁରକ୍ଷା ପ୍ରଣାଳୀଗୁଡିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଆମେ ଆଇଆରଏସଓସି ଦ୍ୱାରା ଭାରତର ସବୁଠାରୁ ଜଟିଳ ଏବଂ ବିସ୍ତୃତ ଡିଜିଟାଲ ମୂଳଢାଞ୍ଚା, ବିଶାଳ ରେଳ ନେଟୱାର୍କ ଏବଂ ଡାଟାବେସକୁ ସୁଦୃଢ଼ କରିବା ପାଇଁ ବିଶ୍ୱସ୍ତ ଭାବରେ ଚୟନ କରାଯାଇଥିବାରୁ ଗର୍ବିତ। ଆମର ମଜଭୁତ ସୁରକ୍ଷା ସ୍ତର ଟିକଟିଂ ଏବଂ ତଥ୍ୟ ପରିଚାଳନାରେ ସୁରକ୍ଷା ଦକ୍ଷତାକୁ ଉନ୍ନତ କରିବ, ସମସ୍ତ ରେଳ ଡିଜିଟାଲ କାର୍ଯ୍ୟକାରିତାକୁ ବିକଶିତ ହେଉଥିବା ସାଇବର ବିପଦଠାରୁ ରକ୍ଷା କରିବ ଏବଂ ପ୍ରତିଦିନ ଲକ୍ଷ ଲକ୍ଷ ରେଳ ଯାତ୍ରୀଙ୍କୁ ସୁରକ୍ଷିତ ଏବଂ ନିରବିଚ୍ଛିନ୍ନ ଡିଜିଟାଲ ସେବା ପ୍ରଦାନ କରିବ। ରେଳ ବୋର୍ଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସୂଚନା ପ୍ରଯୁକ୍ତି) ଶ୍ରୀ ଦିଲୀପ କୁମାର କହିଛନ୍ତି ଯେ, 'କାର୍ଯ୍ୟକାରିତା, ରକ୍ଷଣାବେକ୍ଷଣ, ଉତ୍ପାଦନ ଏବଂ ସମ୍ପତ୍ତି କ୍ରୟ ପାଇଁ ଡିଜିଟାଲ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି ଉପରେ ବଢୁଥିବା ନିର୍ଭରଶୀଳତା ପାଇଁ ସାଇବର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଇଆରଏସଓସି ସ୍ଥାପନ କରିବା ଦ୍ୱାରା ଆଇଆରର ସମ୍ପତ୍ତିଗୁଡିକୁ ଅବିରତ ଭାବରେ ନିରୀକ୍ଷଣ କରିବା, ସାଇବର ସୁରକ୍ଷା ବିପଦଗୁଡିକୁ କାର୍ଯ୍ୟକାରୀ ଭାବରେ ଚିହ୍ନଟ ଏବଂ ପ୍ରତିକ୍ରିୟା ଦେବା, ବିପଦ ବୁଦ୍ଧିମତା ସଂଗ୍ରହ କରିବା ଏବଂ ଜାତୀୟ ସାଇବର ସୁରକ୍ଷା ସଂସ୍ଥାଗୁଡିକ ସହିତ ଯଥାର୍ଥ ସହଯୋଗ ନିଶ୍ଚିତ କରିବା ପାଇଁ ଏକ କେନ୍ଦ୍ରୀଭୂତ ସୁରକ୍ଷା କାର୍ଯ୍ୟାଳୟ ପ୍ରଦାନ କରିବାରେ ସାହାଯ୍ୟ କରିବ। ଏଥିସହିତ ସୂଚନା ପ୍ରଯୁକ୍ତି ସମ୍ବନ୍ଧୀୟ ସମ୍ପତ୍ତିର କାର୍ଯ୍ୟକାରିତା ଏବଂ ରକ୍ଷଣାବେକ୍ଷଣକୁ ସୁଗମ କରିବ, ସେବା ବିତରଣକୁ ଉନ୍ନତ କରିବ ଏବଂ ଯାତ୍ରୀଙ୍କ ଆଗ୍ରହକୁ ନିରବିଚ୍ଛିନ୍ନ ସେବା ପ୍ରଦାନ କରି ସୁରକ୍ଷିତ ରଖିବ।'

# ଫୋନପେ ଏବଂ ମାଷ୍ଟରକାର୍ଡ ମଧ୍ୟରେ ସହଭାଗିତା

ଭୁବନେଶ୍ୱର : ଗ୍ରାହକମାନଙ୍କ ମଧ୍ୟରେ ସ୍ମାର୍ଟଫୋନ ମାଧ୍ୟମରେ କଂଟାକ୍ଟଲେସ ପେମେଂଟର ଗ୍ରହଣୀୟତା ବୃଦ୍ଧି ପାଉଥିବାରୁ ଭାରତରେ ମାଷ୍ଟରକାର୍ଡର କାର୍ଡଧାରକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଫିଚର ଚାଲୁ କରିବାକୁ ଫୋନପେ ଏବଂ ମାଷ୍ଟରକାର୍ଡ ସେମାନଙ୍କ ମଧ୍ୟରେ ଏକ ପାରସ୍ପରିକ ସହଯୋଗିତା ସ୍ଥାପନ କରିଛନ୍ତି। ଏହି ନୂତନ ଫିଚରଟି ମାଷ୍ଟରକାର୍ଡର କାର୍ଡଧାରକମାନଙ୍କୁ ପେମେଂଟ ଟର୍ମିନାଲଗୁଡ଼ିକରେ ସେମାନଙ୍କ ଏନଏଫସିର ସୁବିଧା ଥିବା ସ୍ମାର୍ଟଫୋନକୁ ଟାପ କରି ଫୋନପେ ଆପ ମାଧ୍ୟମରେ ଷ୍ଟୋରରେ ପେମେଂଟ କରିବାର ସୁଯୋଗ ପ୍ରଦାନ କରିବ। ଏହି ସହଯୋଗିତାର ମୂଳ ଉଦ୍ଦେଶ୍ୟ ହେଉଛି ଏନଏଫସିର ସୁବିଧା ଥିବା ଆଣ୍ଡ୍ରଏଡ ସ୍ମାର୍ଟଫୋନଗୁଡ଼ିକ ମାଧ୍ୟମରେ ପାରମ୍ପରିକ ଖୁଚୁରା ଦୋକାନଗୁଡ଼ିକରେ ଏକ ସୁରକ୍ଷିତ ତଥା ସମସ୍ୟାବିହୀନ 'ଟାପ ଏଣ୍ଡ ପେ'ର ଅନୁଭୂତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ଟୋକନାଇଜଡ ଇ-କମର୍ସ ଟ୍ରାଞ୍ଜାକସନକୁ ସପୋର୍ଟ କରିବା। କାର୍ଡଧାରକମାନେ ଭାରତରେ ଜାରି ହୋଇଥିବା ସେମାନଙ୍କ କ୍ରେଡିଟ, ଡେବିଟ ଏବଂ ପ୍ରିପେଡ ମାଷ୍ଟରକାର୍ଡଗୁଡ଼ିକୁ ସେମାନଙ୍କ ସ୍ମାର୍ଟଫୋନରେ ଅତି ସହଜରେ ସେଭ କରି କାର୍ଡ-ଆଧାରିତ ପେମେଂଟର ସମସ୍ତ ସୁବିଧା ଉପଭୋଗ କରିପାରିବେ। ବର୍ତମାନଠାରୁ ମାଷ୍ଟରକାର୍ଡର କାର୍ଡଧାରକମାନେ ବିଭିନ୍ନ ଶକ୍ତିଶାଳୀ ଫିଚରଗୁଡ଼ିକର ବ୍ୟବହାର କରିପାରିବେ ଯେପରିକି ଷ୍ଟୋରରେ ସୁରକ୍ଷିତ ଉନ୍ନତ ଠକେଇ ସୁରକ୍ଷା ପାଇଁ ଡିଭାଇସଭିତିକ ଟୋକନାଇଜେସନ ବ୍ୟବହାର କରାହୋଇଥିବା ଆଣ୍ଡ୍ରଏଡ ସ୍ମାର୍ଟଫୋନଗୁଡ଼ିକରେ ଫୋନପେ ଆପ ମାଧ୍ୟମରେ ଭାରତ ଏବଂ ବିଦେଶରେ ଏନଏଫସି-ଯୁକ୍ତ ଟର୍ମିନାଲଗୁଡ଼ିକରେ କଂଟାକ୍ଟଲେସ ପେମେଂଟ କରିପାରିବେ। ଫୋନପେ ଆପ ମାଧ୍ୟମରେ ଆପଣଙ୍କ ମାଷ୍ଟରକାର୍ଡ ବ୍ୟବହାର କରି ନିରାପଦରେ ସପିଂ କରିପାରିବେ, ଯେଉଁଥିରେ ପ୍ରତ୍ୟେକ ଟ୍ରାଞ୍ଜାକସନକୁ ଟୋକନାଇଜ କରି ଆପଣଙ୍କ ଡିଭାଇସ ସହିତ ଯୋଡ଼ାଯାଏ ଯାହା ଦ୍ୱାରା ଚୋରି ହୋଇଥିବା ପରିଚୟର ତଥ୍ୟ ଅନ୍ୟ କେଉଁଠି ବ୍ୟବହାର ହୋଇପାରିବ ନାହିଁ। ଟୋକନାଇଜେସନରେ ମାଷ୍ଟରକାର୍ଡର ବିଶ୍ୱସ୍ତରୀୟ ଦକ୍ଷତା ଏବଂ ଫୋନପେ'ର ସହଜ ଓ ସରଳ ୟୁଜର ଅଭିଜ୍ଞତା ଦ୍ୱାରା ସମର୍ଥିତ ହୋଇଥିବାରୁ ଆପଣଙ୍କ କାର୍ଡକୁ କେବଳ ଥରେ ମାତ୍ର ସେଭ କରି ପ୍ରତ୍ୟେକ ଥର ଏକ ଦ୍ରୁତ, ସୁରକ୍ଷିତ ଚେକଆଉଟର ଅନୁଭୂତିକୁ ଉପଭୋଗ କରନ୍ତୁ।

# କୋକା-କୋଲା ଇଣ୍ଡିଆ ଉତ୍ସବମୁଖର ପଡ଼ୋଶୀ ସମୂହ ପର୍ବପର୍ବାଣୀ ପାଳନ ଅବସରରେ ସତେଜତା ପ୍ରଦାନ କରିଛି

ଭୁବନେଶ୍ୱର,୬।୧୦ (ନି.ପ୍ର) : ଉତ୍ସବ ଋତୁର ବର୍ଣ୍ଣାଢ଼୍ୟତା ଯେହେତୁ ଓଡ଼ିଶାକୁ ଆଲୋକିତ କରୁଅଛି, ଏହାର ପ୍ରତ୍ୟେକ ଗଳି କନ୍ଦି, ବଜାର ତଥା ପଡ଼ୋଶୀ ସମୂହ ରଙ୍ଗ, ହସଖୁସିର ସହିତ ଏକତ୍ରିତ ହୋଇ ଉଜ୍ଜ୍ୱଳ ହୋଇ ଉଠିଛନ୍ତି। କୋକା-କୋଲା ଇଣ୍ଡିଆ ଲୋକ ତଥା ସମ୍ପ୍ରଦାୟର ପାଳନ କରୁଅଛି, ଯେଉଁମାନେ କି ଏହି କାର୍ଯ୍ୟକ୍ରମକୁ ଆହୁରି ଅଧିକ ବିଶେଷତା ପ୍ରଦାନ କରିଛନ୍ତି, ସେହି ସତେଜତାକୁ ସୁନିଶ୍ଚିତ କରି ଯାହାକି ସର୍ବଦା ସେହି ସ୍ଥାନରେ ପହଂଚିବା ସହିତ ଏକ ସ୍ଥାନ ସୃଷ୍ଟି କରିଛି ଯେଉଁଠାରେ କି ପରିବାର ଏବଂ ସାଙ୍ଗ ସାଥୀ ମାନେ ଏକାଠି ହୋଇ ପରସ୍ପର ମଧ୍ୟରେ ସାଧାରଣ ଖୁସିକୁ ଦେଇ ଚାଲିଛନ୍ତି। ଏହି 'ଲୋକାଲି ୟୁର୍ସ' ଅଭିଯାନ ସହିତ ଏହାର କେନ୍ଦ୍ରରେ ରହି, କମ୍ପାନୀ ଅବିରତ ଭାବରେ ଏହାର ପଡ଼ୋଶୀ ଲୋକ ସମୂହ ପ୍ରଥମ ଉପସ୍ଥାପନକୁ ମଜବୁତ କରିବା ସହିତ ଏହି ଥଣ୍ଡା ପାନୀୟକୁ ଅଧିକ ଗ୍ରହଣୀୟ ଯୋଗ୍ୟ କରିବା ସହିତ ଏହାର ମୁଖ୍ୟ ବିଶେଷତ୍ୱକୁ ସ୍ଥାନୀୟ ବିକ୍ରେତାଙ୍କ ଦ୍ୱାରା ଉଜ୍ଜ୍ୱଳ କରିବା ସହିତ ଏହା ସେହି ସମ୍ପ୍ରଦାୟ ଗୁଡ଼ିକୁ ଅଧିକ ନିକଟତର କରିପାରିଛି। ଗ୍ରାହକ ମାନଙ୍କ ଯାତ୍ରା ସହିତ ବିବିଧ ସ୍ପର୍ଶ କେନ୍ଦ୍ର ସୃଷ୍ଟି କରି କୋକା-କୋଲା ଇଣ୍ଡିଆ ଦୈନନ୍ଦିନ ଭାବରେ ଏହାକୁ ଦୃଷ୍ଟିପଟକୁ ଆଣି ଏହାର ଅଂଶବିଶେଷ ଭାବରେ ଖୁବ୍ ଭଲ ଭୂମିକା ଗ୍ରହଣ କରିଛି ନିଜସ୍ୱ ଏକ ମାଇଲଖୁଂଟ ପ୍ରତିଷ୍ଠା କରିବା ସହିତ ଏହାକୁ ସମସ୍ତଙ୍କ ସହିତ ଏକାଠି କରି। ଏହି ଋତୁରେ ଏକ ଅନନ୍ୟ ବିବିଧତାକୁ ସ୍ୱୀକାର କରିବା ସହିତ ମାଜାର 'ସରୋଦ ସେରା ଆବାସୋନ' ଯାହାକି ଏକ ଆବାସିକ ଲୋକ ମଙ୍ଗଳକାରୀ ପ୍ରତିଷ୍ଠାନ (ଆରଡ଼ବ୍ଲୁଏ) ଏହାର ବିଭିନ୍ନ ପଦକ୍ଷେପ





ସହିତ ରହିଥିବା ଘରୋଇ ସୋସାଇଟି ଗୁଡ଼ିକୁ ସେମାନଙ୍କର ଯତ୍ନ ତଥା ଏକାଠି କରିବା ପାଇଁ ସମ୍ପ୍ରଦାୟ ମଧ୍ୟରେ ଏକ ଉତମ ସଦ୍‌ଭାବନା ପ୍ରତିଷ୍ଠା କରିଛି। ୫ଟି ବିଭାଗ ମଧ୍ୟରେ ପ୍ରତିଯୋଗୀତା ଜରିଆରେ ଏହି ସୋସାଇଟି ଛୋଟ ଛୋଟ ସଫଳତା ଉପରେ ଆଲୋକପାତ କରିବା ସହିତ ଦୈନନ୍ଦିନ କାର୍ଯ୍ୟକୁ ଏକ ଅର୍ଥପୂର୍ଣ୍ଣ ପାଳନ ସହିତ ପ୍ରତିଷ୍ଠା କରିପାରିଛି। ଏଭଳି ଏକ ଆବାସିକ-ପରିଚାଳିତ ଉତ୍ସର୍ଗୀକୃତ ଯୋଜନାକୁ ଅନୁମୋଦିତ କରି, ଏହି କାର୍ଯ୍ୟକ୍ରମ ସେହି ଲୋକ ମାନଙ୍କୁ ସମ୍ମାନିତ କରିଛି ଯେଉଁମାନେ କି ଏଭଳି ଏକ ସଂଯୋଗୀ କରଣକୁ ସକ୍ରିୟ ଭାବରେ ଲାଳନ ପାଳନ କରିଛନ୍ତି।

କରନ ଅଚ୍‌ପାଲ, ଉପ ସଭାପତି - ଫ୍ରାଞ୍ଚାଇଜ ଅପରେସନସ, ଡ଼େଭଲପିଙ୍ଗ ମାର୍କେଟ, କୋକା-କୋଲା ଇଣ୍ଡିଆ ଏବଂ ସାଉଥ-ୱେଷ୍ଟ ଏସୀଆ ମତବ୍ୟକ୍ତ କରି କହିଛନ୍ତି, "ଆମ ପ୍ରଣାଳୀରେ ରହିଥିବା ଦୃଢ଼ତା ଆମର ସକ୍ଷମତା ଉପରେ ନିର୍ଭର କରିଥାଏ ଯାହାକି ସମ୍ପ୍ରଦାୟ ମଧ୍ୟରେ ପ୍ରତିଧ୍ୱନିତ ହେବା ସହିତ ଏହି ପର୍ବାଣୀର ଋତୁରେ ପାଳନର ଅବସର ଏହାର ସବୁଠାରୁ ଉଚ୍ଚ ସ୍ତରକୁ ଚାଲି ଯାଇଥାଏ। ଆମର ଧ୍ୟାନ ସେହି କ୍ଷେତ୍ରରେ ସୁନିଶ୍ଚିତ ହୋଇଥିଲା ଯାହାକି ତୀବ୍ରତାର ଅନୁବାଦକୁ ସୁନିଶ୍ଚିତ କରିବା ସହିତ ଗ୍ରାହକ ମାନଙ୍କର ନିର୍ଭରଯୋଗ୍ୟ ଉପଲବ୍ଧତା, ଶକ୍ତିଶାଳୀ ମୁହୂର୍ତ ଯାହାକି ଆମର ସହଭାଗୀତା ମାନଙ୍କ ପାଇଁ ଉଦ୍ଦିଷ୍ଟ ଥାଏ ଏହାକୁ ନେଇ ଆଗେଇଥାଏ। ଏହି ପର୍ବାଣୀ ଋତୁରେ ଆମେ ଏକ ମୂଲ୍ୟଯୁକ୍ତ ସୃଷ୍ଟିକୁ ଆବଶ୍ୟକ କରିଥାଉ ସେମାନଙ୍କର ସଶକ୍ତିକରଣକୁ ସମ୍ପ୍ରଦାୟ ମଧ୍ୟରେ ରହିଥିବା ପାଳନ ଠାରୁ ଏହା ଆହୁରି ଉର୍ଦ୍ଧ୍ୱକୁ ଯାଇଥାଏ।"



# କଟକରେ ଶାନ୍ତି, ଶୃଙ୍ଖଳା ରକ୍ଷା କରିବାକୁ ଅପିଲ କଲେ ପିସିସି ସଭାପତି

ଭୁବନେଶ୍ୱର,୬।୧୦ (ନି.ପ୍ର) : ଦୀର୍ଘ ବର୍ଷ ଧରି ଧର୍ମ ବର୍ଣ୍ଣ ନିର୍ବିଶେଷରେ କଟକରେ ଭାଇଚାରା ଭିତ୍ତିରେ ଦଶହରା ପର୍ବ ପାଳନ କରିଥାନ୍ତି ।ତେବେ ଭାଇଚାରାର ସହର କଟକ ଦରଘା ବଜାରରେ ଦଶହରା ଭସାଣି ସମୟରେ ଯେଉଁଳି ଘଟଣା ଘଟିଲା ଏହାକୁ ନେଇ ଓଡିଶା ପିସିସି ସଭାପତି ଭକ୍ତ ଚରଣ ଦାସ ଉଦବେଗ ପ୍ରକାଶ କରିଛନ୍ତି। ଏଥି ସହ ଦଶହରା ଭସାଣି ସମୟରେ ଘଟିଥିବା ଗୋଷ୍ଠୀ ସଂଘର୍ଷକୁ ପିସିସି ସଭାପତି ଶ୍ରୀ ଦାସ ନିନ୍ଦା କରିବା ସହ ଏହି ଘଟଣାରେ ଜଡିତ ଥିବା ଦୋଷୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ଏକ ଭିଡିଓ ବାର୍ତ୍ତାରେ ଶ୍ରୀ ଦାସ କହିଛନ୍ତି ଯେ ଏହି ଘଟଣାକୁ ଯେତେ କଡା ଭାଷାରେ ନିନ୍ଦା କଲେ ମଧ କମ୍ ହେବ।



ସଭାପତି ଶ୍ରୀ ଦାସ ଆହୁରି କହିଛନ୍ତି ଯେ ଜଗତଜନନୀ ମା' ଦୁର୍ଗାଙ୍କ ଭସାଣି ସମୟରେ ଢେଲାପଥର ମାଡ କରି ଲୋକଙ୍କୁ ଗୁରୁତର ଆହତ କରିବା ଘଟଣା ହଜାରେ ବର୍ଷର ସହର କଟକର ସହାବସ୍ଥାନର ସମୃଦ୍ଧ ପରମ୍ପରା ଓ ସଂପ୍ରୀତିକୁ ଆହତ କରିଛି। ଏହା କଟକର ଐତିହ ଓ ସଂସ୍କୃତି ପାଇଁ ଆଦୌ ଠିକ ନୁହେଁ। ସେ କହିଛନ୍ତି ଯେ କଟକ ଜିଲ୍ଲାରେ ବହୁ ସ୍ୱାଧୀନତା ସଂଗ୍ରାମୀ ଓ ମହା ମନିଷୀମାନେ ଜନ୍ମ ଗ୍ରହଣ କରିଛନ୍ତି। ଓଡିଶାର ନିର୍ମାତାମାନେ ଓଡିଶାର ସଂସ୍କୃତି ଓ ପରମ୍ପରାକୁ ନିର୍ମାଣ କରିଛନ୍ତି। ସେହି ସମୟରୁ କଟକ ସହରରେ ଭାଇଚାରା ରହି ଆସିଛି। ଆଜି କଟକରେ ଏଭଳି ଯେଉଁ ଘଟଣା ଘଟିଲା ଏହାର ଆଉ ପୁନରାବୃତି ନ ହେଉ ଏବଂ କଟକ ସହରରେ ଶାନ୍ତି ଶୃଙ୍ଖଳା କିପରି ବଜାୟ ରହିବ ଏ ନେଇ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି ଶ୍ରୀ ଦାସ ନିବେଦନ କରିଛନ୍ତି।

ଶ୍ରୀ ଦାସ କହିଛନ୍ତି ଆଇନ ଶୃଙ୍ଖଳା ରକ୍ଷା କରିବା ପୋଲିସର ଦାୟୀତ୍ୱ। ଜିଲ୍ଲା ପ୍ରଶାସନ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ସେ ନିବେଦନ କରିଛନ୍ତି। ଅପରାଧୀମାନେ କୌଣସି ଜାତି,ଧର୍ମର ନୁହଁନ୍ତି। ଆମର ସଂସ୍କୃତିକ ପରମ୍ପରା ପାଇଁ ଅପରାଧୀକୁ ନେଇ କୌଣସି ଜାତି ବା ଧର୍ମକୁ ନିନ୍ଦା କରିବା ଆଦୌ ଠିକ ନୁହେଁ ବୋଲି ପିସିସି ସଭାପତି କହିଛନ୍ତି। ଦୁର୍ବୃତ୍ତମାନେ ଯେଉଁ ଗୋଷ୍ଠୀ, ସଂପ୍ରଦାୟ ବା ଦଳର ହୁଅନ୍ତୁ ନା କାହିଁକି, ସେମାନଙ୍କ ବିରୋଧରେ କଡାରୁ କଡା କାର୍ଯ୍ୟାନୁଷ୍ଠାନ କରିବା ଜରୁରି ବୋଲି ପିସିସି ସଭାପତି କହିଛନ୍ତି।

ଦଳମତ ଓ ସଂପ୍ରଦାୟ ନିର୍ବିଶେଷରେ ସରକାର ଓ ପ୍ରଶାସନ ସଂକୀର୍ଣ୍ଣତାର ଉର୍ଦ୍ଧ୍ୱକୁ ଯାଇ ଏହି ଘଟଣାରେ ଦୃଷ୍ଟାନ୍ତ ସୃଷ୍ଟି କରନ୍ତୁ ଏବଂ ସମାଜରେ ସୌହାର୍ଦ୍ଦ୍ୟ ଓ ସଦଭାବନା ବଜାୟ ରଖିବାକୁ ପିସିସି ସଭାପତି ନିବେଦନ କରିଛନ୍ତି।

# ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଓ କୁମାର ଉତ୍ସବ ପାଳିତ

ଖଣ୍ଡପଡ଼ା, ୬।୧୦ (ନିପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ସହ ଗ୍ରାମାଞ୍ଚଳରେ କୁମାର ପୂର୍ଣ୍ଣମୀ ଉତ୍ସବ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଗ୍ରାମାଞ୍ଚଳରେ ଏହି କାର୍ଯ୍ୟକ୍ରମକୁ ମହାସମାରୋହରେ ପାଳନ କରିଛନ୍ତି କୁମାରୀମାନେ। ଭାଦ୍ରବ ପୂର୍ଣ୍ଣମୀ ଠାରୁ ଆଶ୍ୱିନ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ କୁମାରୀମାନେ ଏକମାସ ଧରି ଜହ୍ନିଓଷା ଭାବେ ପାଳନ କରିବା ସହ ପୂର୍ଣ୍ଣମୀ ଜହ୍ନକୁ ଦେଖି ବ୍ରତ ସମାପନ କରିଥାନ୍ତି। ଏହି ଏକମାସ ବିନା ଆମିଷ ଭକ୍ଷଣରେ ପ୍ରତିଦିନ ତୁଳସୀ ଚଉରା ମୂଳେ ଓଷାକୁ ନିଷ୍ଠାର ସହ ପାଳିଥାନ୍ତି ଏବଂ ବିଶ୍ୱାସ ରହିଛି ଯେ ପୂର୍ଣ୍ଣମୀ ଜହ୍ନକୁ ଦେଖି ସୁନ୍ଦର ଓ ଗୁଣବାନ ବରଟିଏ କାମନା କଲେ ମନସ୍କାମନା ମଧ ପୂରଣ ହୋଇଥାଏ। ଏହି ତିଥିରେ ଚନ୍ଦ୍ର ଅନ୍ୟଦିନ ଅପେକ୍ଷା ଅଧିକ



ବଡ ଏବଂ ଉଜ୍ଜ୍ୱଳ ଦେଖାଯାଇଥାନ୍ତି। ସକାଳୁ ପ୍ରଥମେ ସ୍ନାନ ସହ ସୁର୍ଜ୍ୟପୂଜା କରିଥିବାବେଳେ ସନ୍ଧ୍ୟାରେ ଖଇ, ଛେନା, କଦଳୀରେ ପ୍ରସ୍ତୁତ ଜହ୍ନ ଆକୃତିର ଭୋଗକୁ ଚଉରାମୂଳେ ପୂଜା କରିଥିଲେ। ବ୍ଲକ ଅନ୍ତର୍ଗତ ବନମାଳିପୁର, ବେଣାଗାଡିଆ, ମଙ୍ଗଳପୁର ଆଦି ବିଭିନ୍ନ ଗ୍ରାମରେ କୁମାରୀମାନେ ଚଳିତବର୍ଷ କୁମାର ଉତ୍ସବ ପାଳନ କରିବା ସହ ଓଷା ସମାପନ କରିଛନ୍ତି। ସେହିପରି ଖଣ୍ଡପଡ଼ା ସହରାଞ୍ଚଳ ଅନ୍ତର୍ଗତ ରଥଗଡା ଛକ, ଜଗନ୍ନାଥ ମନ୍ଦିର ପରିସର, ବଜାରସାହି, ବରକୋଳି ଆଦି ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ମଧ ପାରମ୍ପରିକ ରୀତିନୀତି ସହ ସମାପ୍ତ ହୋଇଛି। ଅନ୍ୟପକ୍ଷରେ ରାଣୀଛେଲି ପଞ୍ଚାୟତ ଅଧୀନ ମଙ୍ଗଳପୁର ଗ୍ରାମରେ କୁମାର ଉତ୍ସବ ଧୂମଧାମରେ ପାଳନ କରାଯାଇଥିବା ସ୍ଥାନୀୟ ଗ୍ରାମବାସୀଙ୍କ ସୂତ୍ରରୁ ସୂଚନା ମିଳିଛି।

# ଜେକେ କାଗଜ କଳ ତରଫରୁ ଶାରଦୀୟ ଦୁର୍ଗାପୂଜା ମହାଆଡମ୍ବରରେ ପାଳିତ

ରାୟଗଡ,୬।୧୦ (ନି.ପ୍ର) : ପ୍ରତିବର୍ଷ ଭଳି ଚଳିତ ବର୍ଷ ରାୟଗଡ ଜିଲ୍ଲାର ଜେକେ କାଗଜ କଳ ତରଫରୁ ଶାରଦୀୟ ଦୁର୍ଗାପୂଜା ଜେକେ କାଗଜ କଳର ପୂଜା ପଡିଆ ଠାରେ ମହାଆଡମ୍ବର ସହକାରେ ପାଳନ କରାଯାଇଛି କ୍ଷ ଚଳିତ ବର୍ଷ ପୂଜା ମଣ୍ଡପକୁ କେଦାରନାଥ ମନ୍ଦିର ଆକୃତିରେ କରାଯାଇଛି ଯାହାକି ଜନସାଧାରଣଙ୍କ ମଧ୍ୟରେ ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଜେକେ କାଗଜ କଳର କାର୍ଯ୍ୟନିର୍ବାହୀ ଉପସଭାପତି ତଥା ପୂଜା କମିଟିର ଅଧକ୍ଷକ ଶ୍ରୀ ବିନୟ ଦ୍ୱିବେଦୀଙ୍କ ନେତୃତ୍ୱରେ ମାଙ୍କ ପୂଜାକାର୍ଯ୍ୟ ସୁରୁଖୁରୁରେ ଆଗେଇଚାଲିଛି । ଚଳିତ ବର୍ଷ ଷଷ୍ଠୀ ଠାରୁ ପୂଜାଅର୍ଚ୍ଚନା ଆରମ୍ଭ କରାଯାଇଛି । ପୂଜା ପେଣ୍ଡାଲ ଓ ମା ଦୁର୍ଗାଙ୍କୁ ଦର୍ଶନ କରିବା ପାଇଁ ଜିଲ୍ଲାର ଦୂରଦୂରାନ୍ତରୁ ଜନସାଧାରଣଙ୍କ ଭିଡ଼ ଦେଖିବାକୁ ମିଳିଛି । ଚଳିତ ବର୍ଷ ମଧ ଦୋକାନ ବଜାର ହୋଇଥିବା ଦେଖିବାକୁ ମିଳିଛି । ବିଜୟା ଦଶମୀ ଦିନ ଲଘୁଚାପ ଜନିତ ଭୀଷଣ ବର୍ଷା ସତ୍ୱେ ରାବଣ ପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂଜା କମିଟିର ଅଧକ୍ଷ ଶ୍ରୀ ବିନୟ ଦ୍ୱିବେଦୀ ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ ।



ରାବଣ ପୋଡି ଦେଖିବା ଓ ରଙ୍ଗାରଙ୍ଗ ଆତସବାଜି ଦେଖିବାକୁ ପ୍ରବଳ ଜନ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ଚଳିତ ବର୍ଷ ତା. ୨୮/୦୯/୨୦୨୫ରିଖ ଠାରୁ ତା. ୦୭/୧୦/୨୦୨୫ ରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ପୂଜା ପେଣ୍ଡାଲ ନିକଟରେ ଥିବା ମଞ୍ଚରେ ସ୍ଥାନୀୟ କଳାକାର ଓ ବାହାରୁ ଆସିଥିବା ଅତିଥି କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଲୋକଙ୍କ ଉତ୍ସାହ ଓ ଭିଡ଼ ଦେଖିବାକୁ ମିଳିଥିଲା । ଜିଲ୍ଲା ପୋଲିସ ପ୍ରଶାସନ ତରଫରୁ ହୋଇଥିବା ଭିଡକୁ ନିୟନ୍ତ୍ରଣ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୋଲିସ ମୃତୟନ କରାଯାଇଥିଲା । ଏହି ଅବସରରେ ଜେକେ କାଗଜ କଳର ଉପସଭାପତି (ବାଣିଜ୍ୟ)ଶ୍ରୀ ବିଶ୍ୱଜିତ ଦ୍ୱିବେଦୀ, ପୂଜକମିଟିର ସମ୍ପାଦକ ଶ୍ରୀ ସନ୍ଦୀପ ପାଣ୍ଡେ, ସହ ସମ୍ପାଦକ ଶ୍ରୀ ଶୈଳେନ୍ଦ୍ର ସାମନ୍ତରାୟ ଏବଂ ପୂଜା କମିଟିର ଅନ୍ୟ ସଦସ୍ୟ ମାନେ ୧୦ ଦିନ ଧରି କରାଯାଇଥିବା ପୂଜା ଓ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଲିଙ୍ଗରାଜ ପାସେଞ୍ଜର ହଲଟରେ ୪ବର୍ଷ ୪ମାସର ଧାରଣା

ଭୁବନେଶ୍ୱର,୬।୧୦ (ନି.ପ୍ର) : ମିଳିତ କ୍ରିୟାନୁଷ୍ଠାନ କମିଟି ଓ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ସମାଜସେବୀ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଲିଙ୍ଗରାଜ ପାସେଞ୍ଜର ହଲଟରେ ଦୀର୍ଘ ୪ବର୍ଷ ୪ମାସ ହେଲା ଧାରଣା ଦିଆଚାଲିଛି। ବିଭିନ୍ନ ଆଲୋଚ୍ୟ ପ୍ରସଙ୍ଗ ଯଥା ଲିଙ୍ଗରାଜଙ୍କ ନାମରେ ଟ୍ରେନ ନାମକରଣ, ଲିଙ୍ଗରାଜ ପାସେଞ୍ଜର ହଲଟକୁ ପୂର୍ଣ୍ଣ ଷ୍ଟେସନର ମାନ୍ୟତା, ଦୂରଗାମୀ ଟ୍ରେନର ଏଠାରେ ରହଣି, ଷ୍ଟେସନ କାର୍ଯ୍ୟ ତ୍ୱରାନ୍ୱିତ କରିବା, ଷ୍ଟେସନ ନିକଟରେ ୫ଟଙ୍କିଆ ଆହାର କେନ୍ଦ୍ର ଖୋଲିବା, ଶିଶୁ ସ୍ତନ୍ୟପାନ ଗୃହ ନିର୍ମାଣ କରିବା ତଥା ଏଠାରେ ଏକ




ସ୍ଥାୟୀ ଅଟୋଷ୍ଟାଣ୍ଡର ବ୍ୟବସ୍ଥା କରିବା ଆଦି ପାଇଁ ପୁଣି ଦାବି ଜୋର ଧରିଛି। ଆଜିର ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଡ଼ଃ ସୁଦର୍ଶନ ବଳିୟାର ସିଂ, ସୁରେଶ କୁମାର ଦାଶ, ଗିରିଜା ଶଙ୍କର ମହାପାତ୍ର, ରଙ୍କନିଧି ପଟ୍ଟନାୟକ, ଦାମୋଦର ସାମନ୍ତରାୟ, ଉଲ୍ଲାସ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ବନ୍ୟା ଯୋଗୁଁ ଧନ ଜୀବନ ନଷ୍ଟ, ଏ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ଓ ଜନ ପ୍ରତିନିଧିଙ୍କ ଦେଖା ନାହିଁ

କଳାହାଣ୍ଡି,୬।୧୦ (ନିପ୍ର) : ଗତ ଦୁଇ ତାରିଖ ଦିନ ଲଗାଣ ବର୍ଷା ଯୋଗୁଁ ଥୁଆମୂଳ ରାମପୁର ରେ ସର୍ବାଧିକ ୩୫୨ମି ମି ବର୍ଷା ହେବା ଫଳରେ ଅଞ୍ଚଳର ବିଭିନ୍ନ ଜାଗାରେ ପାହାଡ଼ ଅତଡା ଖସି ଚାଷଜମି କ୍ଷତିଗ୍ରସ୍ତ ହୋଇ ଲୋକଙ୍କ ପାଚିଲା ଧାନ ନଷ୍ଟ ହେବା ସହିତ ହେକ୍ଟର ହେକ୍ଟର ଜମି ପାହାଡ଼ ର ମାଟି ପଥର ପୋତି ହୋଇ ରହିଛି। ଯାହା ଫଳରେ ଚାଷୀ ମାନଙ୍କ ନିଦ ହଜି ଯାଇଛି। କର୍ଲାପାଟ ଅଞ୍ଚଳକୁ ପଞ୍ଚାୟତ ର ସରପଞ୍ଚ ବିଶ୍ୱନାଥ ମାଝୀ ପରି ଦର୍ଶନ କରୁଛନ୍ତି, କିଆପଦର୍ ଅଞ୍ଚଳ କୁ ସରପଞ୍ଚ ଲଖିଧର ମାଝୀ ପରି ଦର୍ଶନ କରିବା ବ୍ୟତୀତ ଜିଲ୍ଲା ଓ ବ୍ଲକ ସ୍ତରୀୟ ପ୍ରଶାସନ ସମେତ ନିଜ ଅଞ୍ଚଳର ତଥା ଜିଲ୍ଲା ର ଜନ ପ୍ରତିନିଧି ମାନେ ଆମ ଏହି ତିନୋଟି ପଞ୍ଚାୟତ କର୍ଲାପାଟ ,କିଆପଦର ଓ ଗୁଣପୁର କୁ ଆସୁନାହାନ୍ତି କି ଆମକଥା ଶୁଣୁ ନାହାନ୍ତି ବୋଲି ଅଞ୍ଚଳ ର ଅଧିବାସୀ



କ୍ଷୋଭ ପ୍ରକାଶ କରିଛନ୍ତି। କିନ୍ତୁ ଏହି ତିନୋଟି ପଞ୍ଚାୟତ ରେ ହିଁ ଅଧିକ ରୁ ଅଧିକ ଜମିବାଡ଼ି କ୍ଷତିଗ୍ରସ୍ତ ହୋଇଥିବା ଜଣା ପଡ଼ିଛି। ଏବଂ ଏହି କର୍ଲାପାଟ ପଞ୍ଚାୟତ ର ସେମେଲପଦର , ପୁରୁଣାଗୁମା, ଚଉଦଗୁଡ଼ା, ପେରମଞ୍ଜି, କୁଆଙ୍ଗ, ବଡ଼ ଟିକ୍ରଗୁଡ଼ା, କିଆପଦର ପଞ୍ଚାୟତ ର ସାପମୁଣ୍ଡି , ପୋଡ଼ାପଦର, ଡାଲଗୁମା , ଭଟାଗୁଡ଼ା, ଗୁଣପୁର ପଞ୍ଚାୟତ ର ମଦାଙ୍ଗଗୁଡ଼ା, ମେର୍କାତରା , ଭଳି ଅନେକ ଗ୍ରାମ ର ଗାଆଁ ପାଖର ପାହାଡ଼ ଅତଡା ଖସି ଜାଇ ପାହାଡ଼ର ସମସ୍ତ ଗଛଡାଳ, ମାଟି ପଥର ଆସି ଚାଷଜମିରେ ପୋତି ହୋଇ ନଷ୍ଟ କରିଦେଇ ଥିବା ଲୋକେ ପ୍ରକାଶ କରିଛନ୍ତି। ଜନପ୍ରତିନିଧି ମାନେ ଏହି ଅଞ୍ଚଳ ପରିଦର୍ଶନ ରେ ଆସୁଛନ୍ତି ବୋଲି ଚର୍ଚ୍ଚା ହେବାରୁ କ୍ଷତିଗ୍ରସ୍ତ ହୋଇଥିବା ଲୋକେ କାମଧନ୍ଦା ଛାଡ଼ି ଆମ କ୍ଷତି ପୂରଣ ପ୍ରଦାନ ଦାବୀ ଜଣାଇବୁ ବୋଲି ମୁଖ୍ୟରାସ୍ତା ରେ ଆସି ରୁଣ୍ଡ ହେଉଛନ୍ତି ତଥାପି ଜନପ୍ରତିନିଧି ଙ୍କ ଦେଖା ଦର୍ଶନ ମିଳୁ ନ ଥିବା ଲୋକେ ବିରକ୍ତି ହୋଇ ଚର୍ଚ୍ଚା କରୁଛନ୍ତି ଯେ ଭୋଟ ଭିକ୍ଷା ମାଗିବାକୁ ଘର ଘର ବୁଲି ଆସୁଥିଲେ ତାହା ବର୍ତ୍ତମାନ ଭୁଲି ଗଲେଣି ବୋଲି ପରସ୍ପରରେ ଆଲୋଚନା ଜୋର୍ ଧରୁଛି ।

# କାର୍ତ୍ତିକ ବ୍ରତ ପାଇଁ ମା ମାନେ ରହିଲେ ହବିଷ୍ୟାଳୀ କେନ୍ଦ୍ରରେ

## ଜିଲ୍ଲାପାଳ ତଦାରଖ କଲେ ସମସ୍ତ କେନ୍ଦ୍ର ଓ କଥା ହେଲେ ମା ମାନଙ୍କ ସହ

ପୁରୀ ୬।୧୦ (ନି.ପ୍ର) : ଚଳିତ ବର୍ଷ ର କାର୍ତ୍ତିକ ବ୍ରତ ବା ରାଇଦାମୋଦର ବ୍ରତ ଅକ୍ଟୋବର ୭ ତାରିଖ ଠାରୁ ଆରମ୍ଭ ହେବ।ଏହି ବ୍ରତ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ।ଗତକାଲି ସଂଧ୍ୟା ଠାରୁ ଅନଲାଇନ ମାଧ୍ୟମରେ ଆବେଦନ କରି ଯୋଗ୍ୟ ବିବେଚିତ ହୋଇଥିବା ହବିଷ୍ୟାଳୀ ମା ମାନେ ନିର୍ଦ୍ଧାରିତ କେନ୍ଦ୍ର ମାନଙ୍କ ରେ ପଞ୍ଜୀକରଣ କରାଇ ନିଜ ନିଜ ରୁମକୁ ଯାଇଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସକାଳୁ ସମସ୍ତ କେନ୍ଦ୍ର ପରିଦର୍ଶନ କରିଥିଲେ।ପଞ୍ଜୀକରଣ କାର୍ଯ୍ୟ ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା କୁ ଜିଲ୍ଲାପାଳ ଅନୁଧାନ କରି ଦାୟିତ୍ୱ ରେ ଥିବା ଅଧିକାରୀ ମାନଙ୍କୁ ବିବିଧ ପରାମର୍ଶ ଦେଇଥିଲେ।ଯେପରି କୌଣସି କ୍ଷେତ୍ରରେ ହବିଷ୍ୟାଳୀ ମା ମାନଙ୍କ ର ଅସୁବିଧା ନ ହୁଏ ସେଥି ପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ପରେ ହବିଷ୍ୟାଳୀ ମା ମାନଙ୍କ ସହ, ସ୍ୱେଚ୍ଛାସେବୀ ମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ।ବିଭିନ୍ନ କେନ୍ଦ୍ର ରେ ବରିଷ୍ଠ ଅଧିକାରୀ ମାନଙ୍କ ତତ୍ତ୍ୱାବଧାନରେ ଅନ୍ୟାନ୍ୟ ବିଭାଗର ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ, ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା ପ୍ରମୁଖ କାର୍ଯ୍ୟରତ ଅଛନ୍ତି।ଆଜି ସଂଧ୍ୟା ସୁଦ୍ଧା ୧୯୫୦ ଜଣ ହବିଷ୍ୟାଳୀ ମା ପଞ୍ଜୀକରଣ କରି ବିଭିନ୍ନ କେନ୍ଦ୍ର ରେ ରହିଥିବାର ସୂଚନା ମିଳିଛି।



# ମୋଦିଜୀଙ୍କ ଆହ୍ୱାନ କ୍ରମେ ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

ଦଶପଲ୍ଲା ୬।୧୦(ନି.ପ୍ର) : ଦଶପଲ୍ଲା ବ୍ଲକର ଘୁଗୁଡ଼ିପଡ଼ା ଗ୍ରାପର ଶିବମନ୍ଦିର ପ୍ରାଙ୍ଗଣରେ ଓ ନଛି ପୁର ଗ୍ରାପ ର ପଥୁରିଆ ଷ୍ଟେସନ ପାଖ ପଡିଆ ରେ ଭାରତୀୟ ଜନତା ପାର୍ଟୀ ର କାର୍ଯ୍ୟକର୍ତ୍ତା ଙ୍କୁ ନେଇ ବୈଠକ ଆଲୋଚନା ହୋଇଥିଲା ଉକ୍ତ ବୈଠକ ରେ ଡବଲ ଇଂଜିନ ସରକାର ଙ୍କ ବିକାଶ ମୂଳକ କାମ, ଯୋଜନା ଲୋକମାନଙ୍କୁ ଅବଗତ କରାଇବା, ଅନ୍ତୋଦ୍ୟ ଯୋଜନା ଗୃହ, ପ୍ରଧାନମନ୍ତ୍ରୀ ଆବାସ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଆଦିବାସୀ ଅଂଚଳ ର ବିକାଶ ପାଇଁ ପଦକ୍ଷେପ, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ, ସଂସ୍କୃତି ପରମ୍ପରା କୁ ବଞ୍ଚାଇ ରଖିବା ପାଇଁ ପଦକ୍ଷେପ, ଶିକ୍ଷା ପାଇଁ ପିଲା ଙ୍କୁ ମାଗଣା ସୁବିଧା,ସବକା ସାଥ ସବକା ପ୍ରୟାସ ସବକା ବିକାଶ, ସମସ୍ତ ଜନସାଧାରଣଙ୍କ ସୁଖ ଦୁଃଖ ରେ ଭାଗିଦାରୀ ହେବା, ଦଳିତ ନିଷ୍ପେସିତ ଲୋକଙ୍କୁ ସହାୟ ହେବା, ମଠ ମନ୍ଦିର



ପର୍ଯ୍ୟଟନ ସ୍ଥଳୀର ଉନ୍ନତି କରିବା ସୁରକ୍ଷା ଦେବା, ଶହୀଦ ଯବାନଙ୍କୁ ସମ୍ମାନ ଦେବା,ସ୍ୱଦେଶୀ ଜିନିଷ ବ୍ୟବହାର କରିବା, ଘର ଘର ସ୍ୱଦେଶୀ ପ୍ରତି ଘରେ ସ୍ୱଦେଶୀ ସଚେତନ କରିବା ଆୟୁଷ୍ମାନ କାର୍ଡ, ସୁଭଦ୍ରା ଯୋଜନା, ବିଷୟରେ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଯାଇ ଥିଲା ମାନନୀୟ ସାଂସଦ ଶ୍ରୀ ସୁକାନ୍ତ କୁମାର ପାଣି ଗ୍ରାହୀ ଙ୍କ ନେତୃତ୍ୱ ରେ ବ୍ଲକ ପ୍ରତିନିଧି ଶ୍ରୀ କିଶୋର ଚନ୍ଦ୍ର ଦଳ ବେହେରା, ମଣ୍ଡଳ ସଭାପତି ଭାଗ୍ୟଲକ୍ଷ୍ମୀ ଦାଶ, ଜ୍ଞାନ ରଞ୍ଜନ ସାହୁ, ବିଦେଶ ମଲ୍ଲିକ, ବିଜୟ କେତନ ଶତପଥୀ ପଞ୍ଚାୟତ ପ୍ରମୁଖ, ଅନିରୋଧ ସାହୁ, ଗୌରାଙ୍ଗ ଦେହୁରୀ, ଅଲେଖ ନାୟକ, ବାନାମ୍ବର ନାୟକ, ଗୋପୀନାଥ ସାହୁ, ବିଜୟ ବାଘ ପ୍ରମୁଖ ନଛିପୁର ଗ୍ରାପ, ପଦ୍ମ ପ୍ରଧାନ, ଶରତ ସାହୁ, ଫଗୁଆ ପ୍ରଧାନ, ସଂସାରୀ ସାହୁ ଆଦି କାର୍ଯ୍ୟକର୍ତ୍ତା। ଉପସ୍ଥିତ ଥିଲେ ଏବଂ ଶିବମନ୍ଦିର ପ୍ରାଙ୍ଗଣରେ ଅଁଳା ଗଛ ରୋପଣ କରିବା ସହିତ ସ୍ୱଚ୍ଛ ଗଛ ସେବା ବିଷୟରେ ଆଲୋଚନା କରି ଶ୍ରୀ ଦଳବେହେରା ଧନ୍ୟବାଦ ଦେଇ ସଭା ସାଙ୍ଗ କରା ଯାଇ ଥିଲା ।

# ମାଁ ଡୋକରି ଦେବୀଙ୍କ ଯାତ୍ରା ଅନୁଷ୍ଠିତ

ଥୁଆମୂଳ ରାମପୁର :୬।୧୦ (ନି.ପ୍ର) : ବଣ ପାହାଡ ଘେରା କୁଳୁ କୁଳୁ ନାଦ ଜଙ୍ଗଲ ଝରଣା ସହ ପ୍ରାକୃତିକ ଖଣିଜ ସମ୍ପଦ ରେ ପରିପୂର୍ଣ୍ଣ କଳାହାଣ୍ଡି ଜିଲ୍ଲା ଥୁଆ ମୂଳ ରାମପୁର ବ୍ଲକ ନାକରୁଣ୍ଡି ପଞ୍ଚାୟତ ର ମୋହନଗିରି ଠାରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ ଦେଶ ବିଦେଶ ଓ ଅନ୍ୟ ଜିଲ୍ଲା ମଧ୍ୟରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମରେ କୁମାର ପୂର୍ଣ୍ଣିମା ଦିନ ଅଞ୍ଚଳର ଇଷ୍ଟ ଦେବୀ ଡୋକରି ଙ୍କ ଯାତ୍ରା ଅନୁଷ୍ଠିତ ହୋଇଛି । ଏହା ଏକ ବହୁ ପୁରାତନ ପ୍ରତ୍ୟକ୍ଷ ଶକ୍ତିପୀଠ। ପୁରାତନ କାଳରେ ନାଗବଂଶୀୟ ରାଜା ଆସି ପ୍ରଥମେ ଏହି ମୋହନଗିରୀର ଏହି ପୀଠରେ ଡୋକରି ଦେବୀଙ୍କ ସ୍ଥାପନା କରି ପୂଜା ଅର୍ଚ୍ଚନା ଆରମ୍ଭ କରି ଆସୁଥିଲେ ।ପାହାଡ଼ ପର୍ବତ ରେ ଭରା ପ୍ରାକୃତିକ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ସିଜିମାଳି ପାହାଡ଼, ଓ ଏପଟେ କଳାହାଣ୍ଡି ଇତିହାସ ରେ ଉଲ୍ଲେଖ ଥିବା ଖଣ୍ଡିଆଳ ଜଳ ପ୍ରପାତ, ଖଣ୍ଡୁଆଳ ଦେବୀଙ୍କ ବିରାଟ ଗୁମ୍ଫା ଖଣ୍ଡୁଆଳ ପାହାଡ଼ କୁ ସ୍ପର୍ଶ କରୁ ଥିବା ଏହି ମୋହନଗିରି ଗାଁ କୁ ଲାଗିରହିଥିବା ବିରାଟ ବିରାଟ ବୃକ୍ଷ ଜଙ୍ଗଲ ମଧ୍ୟରେ ଦେବୀଙ୍କ ସର୍ବ ପୁରାତନ ଆସ୍ଥାନ ରହିଛି। ପ୍ରତିବର୍ଷ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନେ ଏହି ଅଞ୍ଚଳ ତଥା ଅନ୍ୟ ଜିଲ୍ଲା ମଧ୍ୟରୁ ତାଙ୍କର ମନସ୍କାମନା ପୂରଣ ପାଇଁ ଦେବୀଙ୍କ ପାଖରେ ଶରଣାର୍ଥୀ ହୋଇ ମାନସିକ କରିଥାନ୍ତି । ମନସ୍କାମନା



ପୂର୍ଣ୍ଣ ହେଲେ ଏହି ଯାତ୍ରା ସମୟରେ ଶହ ଶହ ଭକ୍ତମାନସିକ ଧାରୀ ଆସି ବଳି ପୂଜା ଦେଇଥାନ୍ତି ଓ ମାଁ ଙ୍କୁ ସନ୍ତୁଷ୍ଟ କରିଥାନ୍ତି । ପ୍ରତିବର୍ଷ ଭଳି ଏବର୍ଷ ମଧ ଦେଢ଼ ଶହ ରୁ ଉର୍ଦ୍ଧ ବୋଦା ବଳି , ପାରା, କୁକୁଡ଼ା ପୂଜା ସାଙ୍ଗକୁ ଗୋଟିଏ ପୋଡ଼ ବଳି ପଡ଼ିଥିଲା । ଏଠାରେ ଦୁଇ ଦିନ ଧରି ପୂଜାର୍ଚ୍ଚନା କରି ମାନସିକ ଧାରୀଙ୍କ ବଳି ପୂଜା କରାଯାଇଥାଏ । ଏହି ଡୋକରୀ ଦେବୀଙ୍କ ମୁଖ୍ୟ ପୂଜକ କର୍ଲାପାଟ ର ସୁଦର୍ଶନ ପୁଝାରୀ , ବିଘ୍ନେଶ୍ୱର ପୁଝାରୀ , ଚତୁର୍ଭୁଜ ପାତ୍ର ଥିବା ବେଳେ ସହଯୋଗୀ ଭାବେ ଗୁଣପୁର ର ଘେନୁ ପ୍ରଧାନୀ, କର୍ଲାପାଟ ର ସତ୍ୟ ନାରାୟଣ ବାଣୁଆ, ଆକାଶ ଦଣ୍ଡସେନା , କାର୍ତ୍ତିକ ନାୟକ, ଶରତ ଚନ୍ଦ୍ର ସିଂହ , ପେରମଞ୍ଜି ର ଶଶି ଶେଖର ସିଂହ , ପୁରୁଣାଗୁମା ର ଦ ଧ୍ ମ ନ୍ ନ ସିଂହ,ମୋହନଗିରି ର ସାନ ମାଝୀ, ଚିନ୍ତାମଣି ନାଏକ, ଅଖିଳ ନାଏକ , ନାରନ ଗୌଡ ସହ ଗାଁ କମିଟି ସାମିଲ ରହିଥିଲେ। ଏବଂ ପ୍ରତିବର୍ଷ ମାଁ ଙ୍କ ନୃତ୍ୟ , ପୂଜା ବିଧି ରେ ପୂର୍ବ ପୁରୁଷନୁକ୍ରମେ ଏହି ମୋହନଗିରୀ ବାସୀ ଅଖିଳ ନାଏକ ଓ ତାଙ୍କ ମହୁରୀ, ନିଶାନ ବାଦ୍ୟ ଦଳ ମାଁ ଙ୍କ ମନ୍ଦିର ପ୍ରାଙ୍ଗଣରେ ଆସି ବାଜା ବଜାଇ ଦେବୀଙ୍କୁ ଖୁସି କରାଇ ଥାନ୍ତି । ମୋହନଗିରୀ ଗ୍ରାମବାସୀ ଙ୍କ ସହଯୋଗ ରେ ଦେବୀଙ୍କ ଏକ ଗୃହ ନିର୍ମାଣ କରି ସେଠାରେ ପୂଜା କରାଯାଉଛି ହେଲେ ଦୁଃଖର ବିଷୟ ଏହା ଅଞ୍ଚଳର ପ୍ରସିଦ୍ଧ ପ୍ରତ୍ୟକ୍ଷ ମାଁ ଡୋକରୀ ଦେବୀ ଙ୍କ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ସମାଗମ ହୋଇ ଶହ ଶହ ବଳିପୂଜା ଦେଇ ଯାତ୍ରା ହେଉ ଥିଲେ ବି ପ୍ରଶାସନ ର ଦୃଷ୍ଟି ପଡୁନାହିଁ କି କୌଣସି ଅନୁଦାନ ଦେବାରେ ଚେଷ୍ଟା ମଧ କରି ନାହାନ୍ତି । ପ୍ରତି ସହରାଞ୍ଚଳରେ କି ରାସ୍ତା କଡ଼ ଗ୍ରାମମାନଙ୍କରେ ପ୍ରଶାସନ ତରଫରୁ ଲକ୍ଷ୍ୟ ଲକ୍ଷ ଟଙ୍କାର ଅନୁଦାନ ରେ ଦେବୀ ପୀଠ, ଠାକୁରାଣୀ ମନ୍ଦିର ତିଆରି ହେଉଅଛି । ସେଥିପାଇଁ ଡୋକରୀ ମାଁ ଙ୍କ ମନ୍ଦିର ଓ ଭକ୍ତ ମାନଙ୍କ ପାଇଁ ବିଶ୍ରାମ କକ୍ଷ ତିଆରି କରିବା , ମନ୍ଦିର ପାଖରେ ପାଣିର ସୁବିଧା ପାଇଁ ଅନୁଦାନ ପ୍ରଦାନ ପାଇଁ ଦାବି ଜଣାଇଛନ୍ତି। ତାହା କେବେ ସରକାରୀ ସହାୟତା ମିଳିବ ଦେଖିବାକୁ ବାକି ରହିଲା।

# ଏସିଆର ପ୍ରମୁଖ ଟେଲିକମ୍ କାର୍ଯ୍ୟକ୍ରମ ଆଇଏମସି ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୦୭ ଅକ୍ଟୋବର (ହି.ସ ) କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଶ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ ଆଜି ଦ୍ୱାରକାର ଯଶୋଭୂମିରେ, ଯେଉଁଠାରେ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି) ୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି, ସେହି ସ୍ଥାନ ପରିଦର୍ଶନ କରିଛନ୍ତି ଏବଂ ୮ ଅକ୍ଟୋବର, ୨୦୨୫ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଉଦଘାଟନ କରିବା ପୂର୍ବରୁ ଚୂଡ଼ାନ୍ତ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ସିନ୍ଧିଆ ନୂଆଦିଲ୍ଲୀର ଶିବାଜୀ ଷ୍ଟାଡିୟମରୁ ସ୍ଥାନକୁ ଯାତ୍ରା କରିଥିଲେ ଏବଂ ବିମାନବନ୍ଦର ମେଟ୍ରୋ ମାଧ୍ୟମରେ ଫେରିଥିଲେ ।

ଗସ୍ତ ସମୟରେ, କେନ୍ଦ୍ରମନ୍ତ୍ରୀ ପ୍ରଦର୍ଶନୀ କ୍ଷେତ୍ର ପରିଦର୍ଶନ କରିଥିଲେ, ଅଂଶଗ୍ରହଣକାରୀ ଷ୍ଟାର୍ଟଅପ୍ ଏବଂ ପ୍ରଦର୍ଶକମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ଦୂରସଂଚାର ବିଭାଗ (ଡିଓଟି), ସେଲ୍ୟୁଲାର ଅପରେଟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ (ସିଓଏଆଇ) ଏବଂ ଅଂଶୀଦାର ଏଜେନ୍ସିଗୁଡ଼ିକର ବରିଷ୍ଠ ଅଧିକାରୀମାନଙ୍କ ସହିତ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଥିଲେ । ସେ ଗଣମାଧ୍ୟମକୁ ମଧ୍ୟ ସମ୍ବୋଧିତ କରିଥିଲେ, ଆଇଏମସି ୨୦୨୫ର ବ୍ୟାପକତା, ମହତ୍ତ୍ୱାକାଂକ୍ଷା ଏବଂ ବିଶ୍ୱସ୍ତରୀୟ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ସିନ୍ଧିଆ କହିଛନ୍ତି ଯେ, ଆଇଏମସି ୨୦୨୫ ସଂଯୋଗୀକରଣ ପାଇଁ ଏକ ନୂତନ ଉଦାହରଣ ପ୍ରଦାନ କରିବ, ଯେଉଁଠାରେ ଦୂରସଂଚାର କେବଳ ଭାରତ ଭିତରେ ନୁହେଁ ବରଂ ଭାରତକୁ ବିଶ୍ୱ ସହିତ ସଂଯୋଗ କରିବା ପାଇଁ ୫ଜି, ଏଆଇ, ଏମଏଲ, ଆଇଓଟି ଏବଂ ସାଟେଲାଇଟ ଯୋଗାଯୋଗ ଭଳି ପ୍ରଯୁକ୍ତି ବିଦ୍ୟା ଲାଗି ରାଜପଥ ଏବଂ ପଥ ପାଲଟିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରଯୁକ୍ତି ସଶକ୍ତିକରଣର ଏହି ଦୃଷ୍ଟିକୋଣ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଗତ ଏଗାର ବର୍ଷ ଧରି ଏକ ସତର୍କତାର ସହିତ ପ୍ରସ୍ତୁତ ରଣନୀତି ଥିଲା, ଯାହାର ଲକ୍ଷ୍ୟ ଏକ ଆତ୍ମନିର୍ଭରଶୀଳ, ସଶକ୍ତ ଏବଂ ଅଭିନବ ଭାରତର ଗଠନ, ଯାହା ବିଶ୍ୱ ପ୍ରଗତିକୁ ଆଗେଇ ନେଉଛି ।



ଚଳିତ ବର୍ଷର ଇଣ୍ଡିଆ ମୋବାଇଲ୍ କଂଗ୍ରେସ ଯଶୋଭୂମିରେ ୪.୫ ଲକ୍ଷ ବର୍ଗଫୁଟ ପରିସର ମଧ୍ୟରେ ବିସ୍ତାରିତ ହେବା ସହ ୪୦୦ ପ୍ରଦର୍ଶକଙ୍କ ସମେତ ୧୫୦ରୁ ଅଧିକ ଦେଶରୁ ୧.୫ ଲକ୍ଷରୁ ଅଧିକ ପରିଦର୍ଶକ, ୭,୦୦୦ରୁ ଅଧିକ ପ୍ରତିନିଧି ଏବଂ ଅଂଶଗ୍ରହଣକାରୀଙ୍କୁ ଆତିଥ୍ୟ ପ୍ରଦାନ କରିବ । କେନ୍ଦ୍ରମନ୍ତ୍ରୀ ଶ୍ରୀ ସିନ୍ଧିଆ କହିଥିଲେ ଯେ , 'ଆଇଏମସି ଏକ ଜାତୀୟ ପ୍ଲାଟଫର୍ମରୁ ଆଗକୁ ବୃଦ୍ଧି ପାଇ 'ଏକ ଏସୀୟ ଏବଂ ବିଶ୍ୱସ୍ତରୀୟ ପ୍ରଯୁକ୍ତି ଆଧାରିତ କଂଗ୍ରେସ ' ହୋଇଛି , ଯାହା ଡିଜିଟାଲ୍ କ୍ଷେତ୍ରରେ ଭାରତର ବର୍ଦ୍ଧିତ କ୍ଷମତା ଏବଂ ନେତୃତ୍ୱକୁ ପ୍ରତିଫଳିତ କରେ" ।

କେନ୍ଦ୍ରମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଆଇଏମସି ୨୦୨୫ରେ ଛଅଟି ପ୍ରମୁଖ ବିଶ୍ୱସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ, ପ୍ରତ୍ୟେକଟି ଡିଜିଟାଲ ନବସୃଜନର ସୀମାକୁ ପ୍ରତିନିଧିତ୍ୱ କରିବ । ଏଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ହେଉଛି :

ଅନ୍ତର୍ଜାତୀୟ ଭାରତ ୬ଜି ସିମ୍ପୋଜିୟମ, ଯାହା ଭାରତ ୬ଜି ମେଂଟ ମାଧ୍ୟମରେ ୬ଜି ଗବେଷଣା କ୍ଷେତ୍ରରେ ଭାରତର ନେତୃତ୍ୱକୁ ପ୍ରଦର୍ଶିତ କରିବ ;

ନେଟୱାର୍କ ଏବଂ ସେବାଗୁଡ଼ିକରେ କୃତ୍ରିମ ବୁଦ୍ଧିମତାର ପରିବର୍ତ୍ତନକାରୀ ପ୍ରଭାବ ଉପରେ ଧ୍ୟାନ କେନ୍ଦ୍ରିତ କରି ଅନ୍ତର୍ଜାତୀୟ ଏଆଇ ସମ୍ମିଳନୀ ;

ସାଇବର ସୁରକ୍ଷା ସମ୍ମିଳନୀ, ଯାହା ୧.୨ ବିଲିୟନରୁ ଅଧିକ ଟେଲିକମ୍ ଉପଭୋକ୍ତାଙ୍କୁ ସୁରକ୍ଷା ଦେବାର ଗୁରୁତ୍ୱକୁ ଉଲ୍ଲେଖ କରେ ;

ସାଟକମ୍ ଶିଖର ସମ୍ମିଳନୀ, ଯେଉଁଠାରେ ଭାରତରେ ସାଟେଲାଇଟ୍ - ଆଧାରିତ ଯୋଗାଯୋଗ ସେବାର ନୂତନ ଯୁଗ ଉପରେ ଆଲୋଚନା କରାଯିବ ;ଆଇଏମସି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ, ପ୍ରାୟ ୫୦୦ ଷ୍ଟାର୍ଟଅପ୍ ଏବଂ ୩୦୦ ଉଦ୍ୟୋଗ ପୁଞ୍ଜୀପତି, ଘରୋଇ ଇକ୍ୱିଟି ନିବେଶକ ଏବଂ ଶିଳ୍ପ ନେତାମାନଙ୍କୁ ଏକତ୍ରିତ କରୁଛି ; ଏବଂ

ଗ୍ଲୋବାଲ୍ ଷ୍ଟାର୍ଟଅପ୍ ବିଶ୍ୱକପ୍ – ଇଣ୍ଡିଆ ଏଡିସନ୍, ଯେଉଁଠାରେ ୧୫ ଜଣ ଫାଇନାଲିଷ୍ଟ ଅନ୍ତର୍ଜାତୀୟ ସ୍ତରରେ ଦଶ ଲକ୍ଷ ଡଲାର ନିବେଶ ସୁଯୋଗ ପାଇଁ ପ୍ରତିଯୋଗିତା କରିବେ

ଏହି କାର୍ଯ୍ୟକ୍ରମଗୁଡ଼ିକ ମିଳିତ ଭାବରେ ଆଇଏମସି ୨୦୨୫କୁ ବିଚାର, ପ୍ରଯୁକ୍ତିବିଦ୍ୟା ଏବଂ ନିବେଶର ଏକ ବିଶ୍ୱବ୍ୟାପୀ ସଙ୍ଗମ ଭାବରେ ସ୍ଥାପନ କରିଥାଏ, ଯାହା ଭାରତର ଟେଲିକମ୍ ଏବଂ ଡିଜିଟାଲ୍ ଅଭିବୃଦ୍ଧି କାହାଣୀକୁ ପରିଭାଷିତ କରୁଥିବା ନବସୃଜନର ଭାବନାକୁ ମୂର୍ତ୍ତିମନ୍ତ କରିଥାଏ ବୋଲି କେନ୍ଦ୍ର ମନ୍ତ୍ରୀ ଆଲୋକପାତ କରିଥିଲେ ।

ଟେଲିକମ କ୍ଷେତ୍ରରେ ଭାରତର ସଫଳତା ବିଷୟରେ ଉଲ୍ଲେଖ କରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ସିନ୍ଧିଆ କହିଛନ୍ତି ଯେ, ଦେଶ ଆଜି ୧.୨ ବିଲିୟନ ମୋବାଇଲ୍ ଗ୍ରାହକ, ୯୭୦ ନିୟୁତ ଇଂଟରନେଟ୍ ବ୍ୟବହାରକାରୀ ଏବଂ ବିଶ୍ୱର ଦ୍ରୁତତମ ୫ଜି ରୋଲଆଉଟ୍ ସହିତ ବିଶ୍ୱର ଶ୍ରେଷ୍ଠ ତିନୋଟି ଡିଜିଟାଲ୍ ରାଷ୍ଟ୍ର ମଧ୍ୟରେ ସ୍ଥାନ ପାଇଛି, ଯାହା ମାତ୍ର ୨୨ ମାସ ମଧ୍ୟରେ ହାସଲ କରାଯାଇଛି ।'ଆମର ଶକ୍ତି ଭାରତରେ ଡିଜାଇନ୍ କରିବା, ଭାରତରେ ସମାଧାନ କରିବା ଏବଂ ଭାରତରେ ବିସ୍ତାର କରିବାର କ୍ଷମତାରେ ନିହିତ ରହିଛି । ଆଇଏମସି ୨୦୨୫ ପ୍ରଯୁକ୍ତି ବିଦ୍ୟା ଆତ୍ମନିର୍ଭରଶୀଳତା ଏବଂ ନବସୃଜନର ଏହି ଯାତ୍ରାକୁ ପାଳନ କରିବ,' ବୋଲି ସେ ଉଲ୍ଲେଖ କରିଥିଲେ ।କେନ୍ଦ୍ରମନ୍ତ୍ରୀ ଶେଷରେ ଘୋଷଣା କରିଥିଲେ ଯେ , ପ୍ରଧାନମନ୍ତ୍ରୀ ୮ ଅକ୍ଟୋବର, ୨୦୨୫ରେ ସକାଳ ୯:୩୦ ସମୟରେ ଦ୍ୱାରକାର ଯଶୋଭୂମିରେ ଇଣ୍ଡିଆ ମୋବାଇଲ୍ କଂଗ୍ରେସ ୨୦୨୫କୁ ଉଦଘାଟନ କରିବେ । 'ମାନନୀୟ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ, ଭାରତର ଟେଲିକମ୍ କ୍ଷେତ୍ର ନବସୃଜନ, ସଂଯୋଗ ଏବଂ ସମାବେଶୀତାର ଏକ ଆଲୋକବର୍ତ୍ତିକା ଭାବରେ ଉଭା ହୋଇଛି । ଆଇଏମସି ୨୦୨୫ ବିଶ୍ୱ ଆଗରେ ଭାରତର ଡିଜିଟାଲ୍ ପରିବର୍ତ୍ତନର ପ୍ରତିଫଳନ ହେବ,' ବୋଲି ସେ କହିଥିଲେ ।

# କଟକ ସହର ପରିସ୍ଥିତିକୁ ନେଇ ଗଠିତ ହେଲା କଟକ ଶାନ୍ତି ସଦ୍‌ଭାବନା ସମିତି

ଭୁବନେଶ୍ୱର,୬।୧୦(ନି.ପ୍ର.): କଟକ ହଜାର ବର୍ଷର ଐତିହାସିକ ସହର। କଟକର ଭାଇଚାରା ସମଗ୍ର ଦେଶ ପାଇଁ ଏକ ଉଦାହରଣ ହୋଇ ଛିଡା ହୋଇଛି। ଏହାର ଇତିହାସରେ ଦଙ୍ଗାର ସ୍ଥାନ ନାହିଁ। ଦୁର୍ଗା ପୂଜା ଭଷାଣୀ ସମୟରେ ହୋଇଥିବା ଏକ ଦୁର୍ଘଟଣା ପାଇଁ କଟକ ନିନ୍ଦିତ ହୋଇଛି। ଏହାକୁ ଆଉ ଆଗକୁ ନବଢ଼ାଇ ଏଠାରେ ପୂର୍ବଭଳି ଶାନ୍ତି ସୌହାର୍ଦ୍ଦ୍ୟର ବାତାବରଣ ଫେରାଇ ଆଣିବାକୁ କଟକର ବିଭିନ୍ନ ବୁଦ୍ଧିଜୀବୀ, ସାମାଜିକ ସାମାଜିକ, ରାଜନୈତିକ କର୍ମୀ କଟକ ଗାନ୍ଧୀ ଭବନ ଠାରେ ଏକ ସଭା କରି ଆହ୍ୱାନ ଜଣାଇଛନ୍ତି।

ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉପସ୍ଥିତ ଜନସାଧାରଣ କଟକରେ ସ୍ଥାୟୀ ଶାନ୍ତି ସ୍ଥାପନ ଲକ୍ଷରେ 'କଟକ ଶାନ୍ତି ସଦଭାବନା ସମିତି' ଗଠନ କରିଛନ୍ତି। ଏହି ସଭାରେ କଟକ ସହରର ସାହି ମୁରବୀ, ପୂଜା କମିଟିର ମୁଖ୍ୟ, ମୋହଲ୍ଲା କମିଟି ତଥା ଶାନ୍ତି କମିଟିମାନଙ୍କୁ ଶାନ୍ତି ସ୍ଥାପନ ନିମନ୍ତେ କାର୍ଯ୍ୟ କରିବା ତଥା ବିଭିନ୍ନ ଗୁଜବର ସତ୍ୟାସତ୍ୟ ଲୋକଙ୍କୁ ଜଣାଇବାକୁ ନିବେଦନ କରାଯାଇଛି। ଜିଲ୍ଲା ଓ ପୋଲିସ ପ୍ରଶାସନ ନିୟମିତ ସମୟ ଅନ୍ତରରେ ବ୍ୟାପୁଥିବା ବିଭିନ୍ନ ଗୁଜବକୁ ଖଣ୍ଡନ କରିବା ସହ ସତ୍ୟାସତ୍ୟ ଖବର ବାବଦରେ ସାମାଜିକ ଓ ଅନ୍ୟ ଗଣମାଧ୍ୟମ ମାଧ୍ୟମରେ ଜଣାଇବା ଆବଶ୍ୟକ ବୋଲି କୁହାଯାଇଛି। ଏଥିସହିତ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ମିଥ୍ୟା ଓ ବିଦ୍ୱେଷ ମୂଳକ ପ୍ରଚାର କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବୀ ହୋଇଛି। ବିଗତ ଦିନରେ ଘଟିଯାଇଥିବା ଘଟଣା ସମ୍ବନ୍ଧରେ ନିରପେକ୍ଷ ତଦନ୍ତ କରିବା ନିମନ୍ତେ କ୍ୟାଟର ପୂର୍ବତନ ଜାତୀୟ ଉପସଭାପତି ତଥା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏକ କମିଟି ସହରର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସ୍ଥିର ହୋଇଛି। କଟକ ବନ୍ଦ ପାଇଁ ଡାକରା ଦେଇଥିବା ସଂଗଠନ ଏଥିରୁ ଓହରିଯିବା ପାଇଁ ମଧ୍ୟ ନିବେଦନ କରାଯିବା ସହ ଯେଉଁମାନେ ସହରରେ ଦଙ୍ଗା ଭଳି ପରିସ୍ଥିତି ସୃଷ୍ଟି କରିବାକୁ ଚେଷ୍ଟା କରିବେ, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଅନୁସାରେ ଯଦି ସହରରେ କୌଣସି କ୍ଷୟକ୍ଷତି ହୁଏ, ତେବେ ସେମାନଙ୍କ ଠାରୁ ଆଦାୟ କରାଯିବ ବୋଲି ପ୍ରଶାସନ ଘୋଷଣା କରୁ ବୋଲି ଦାବୀ ହୋଇଛି। କଟକ ହିଂସା ବାବଦରେ ଜିଲ୍ଲା ପ୍ରଶାସନ ତଥା ମୁଖ୍ୟମନ୍ତ୍ରୀ ବିବୃତି ପ୍ରଦାନ କରିବାକୁ କଟକ ଶାନ୍ତି ସଦଭାବନା ସମିତି ପକ୍ଷରୁ ଶୈଳ ବେହେରା, ଚିତ୍ତ ରଞ୍ଜନ ମହାନ୍ତି, ଆଡଭକେଟ କ୍ଷୀରୋଦ ରାଉତ, କିଶୋର ଜେନା, ବିଜୟ ପଢ଼ିଆରୀ, ଡାକ୍ତର ନିବେଦିତା ଦାସ ପ୍ରମୁଖ ଦାବୀ କରିଛନ୍ତି।

# ଧରାପୃଷ୍ଠରେ ପୂଜା ପାଉଛନ୍ତି ମା' ଗଜଲକ୍ଷ୍ମୀ

କୁକୁଡ଼ାଖଣ୍ଡି,୬/୧୦:ସରିଲା ପ୍ରଭୁ ଗଜାନନ ଙ୍କ ପୂଜା ଓ ନବରାତ୍ର ଉତ୍ସବ ମାଁ ଦୁର୍ଗାଙ୍କ ବିସର୍ଜନ ସହିତ ଅଞ୍ଚଳରେ ଏବେ ଆରମ୍ଭ ହୋଇଛି ମାଁ ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ଧରାପୃଷ୍ଠ ରେ ପୂଜା ପାଇଛନ୍ତି ମାଁ ଗଜଲକ୍ଷ୍ମୀ ପ୍ରତିବର୍ଷ ପରି ଏହି ବର୍ଷ ମଧ୍ୟ କୁକୁଡ଼ାଖଣ୍ଡି ଦୋରା ସାହି ର ଯୁବଗୋଷ୍ଠୀ ଙ୍କ ଦ୍ୱାରା ମାଁ ଗଜଲକ୍ଷ୍ମୀଙ୍କ ପୂଜା ଭବ୍ୟ ଆଡମ୍ବର ସହିତ ଅନୁଷ୍ଠିତ ହୋଇଯାଇଛି । ଅଞ୍ଚଳରେ ଏହି ପୂଜା ଏକ ପ୍ରାଚୀନ ଐତିହ୍ୟ ବୋହି ଆସୁଥିବା ଧାର୍ମିକ ପର୍ବ ଭାବେ ପରିଚିତ ସପ୍ତାହ ଧରି ଚାଲୁଥିବା ଏହି ପୂଜା ରେ ଦିନ ରେ ସୂର୍ଯ୍ୟ ପୂଜା ସହ ବିଭିନ୍ନ ପୂଜା ହେବା ସହ ସଂଧ୍ୟା ସମୟ ରେ ମାଁଙ୍କ ଆଳତି ଅନୁଷ୍ଠିତ ହେଉଛି ଯୁବଗୋଷ୍ଠୀ ଙ୍କ ସୂଚନା ଅନୁସାରେ ଏହି ବର୍ଷ ମାଁଙ୍କ ଜଳଯାତ୍ରା ଭବ୍ୟ ଭାବରେ ଆୟୋଜିତ ହୋଇଥିଲା ଏବଂ ଅନେକ ଭକ୍ତମାନେ ଯାତ୍ରାରେ ଅଂଶ ଗ୍ରହଣ କରିଥିଲେ । ଦୋରା ସାହି ଏବେ ଆଲୋକ ର ଉଜ୍ଜ୍ୱଳ ଶୃଙ୍ଖଳା ରେ ମହିମାନ୍ୱିତ ହୋଇଛି ରଙ୍ଗୀନ ଆଲୋକମାଳା, ମହାଲକ୍ଷ୍ମୀ ମୂର୍ତ୍ତି ର ଆକର୍ଷଣୀୟ ସାଜସଜ୍ଜା ଓ ନୂତନ ଥିମ୍ ମଣ୍ଡପ ଦେଖି ଦର୍ଶନାର୍ଥୀ ମାନେ ମୁଗ୍ଧ ହୋଇପଡୁଛନ୍ତି ମାଁଙ୍କ ସାନ୍ଧ୍ୟ ଆରତି ଦେଖିବାକୁ ଆଖପାଖ ଗାଁ ରୁ ଶତାଧିକ ଶ୍ରଦ୍ଧାଳୁ ଭିଡ଼ ଦେଖିବାକୁ ମିଳିଛିଯୁବଗୋଷ୍ଠୀ ଙ୍କ ଯୋଗଦାନ ଫଳରେ ଏହିପୂଜା କେବଳ ଧାର୍ମିକ ଉତ୍ସବ ନୁହେଁ, ଏକ ସାମାଜିକ ଏକତା ଓ ସଂସ୍କୃତିକ ଉତ୍ସବ ରେ ପରିଣତ ହୋଇଛିଏହି ବର୍ଷ ପୂଜାରେ ବିଶେଷ ଆକର୍ଷଣ ରହିଛି ଆଲୋକ ଶୋ, ଧାର୍ମିକ ପ୍ରଦର୍ଶନୀ ଓ ମହା ଆଳତି ମାଁ ଗଜଲକ୍ଷ୍ମୀ ଙ୍କ ଦର୍ଶନ ପାଇଁ ପରିବାର ସହିତ ଆସୁଛନ୍ତି ।ଭକ୍ତମାନେପୂଜା ସମାପନ ଦିନ ମାଁଙ୍କ ବିସର୍ଜନ ଯାତ୍ରା ଓ ମହା ଆଳତି ହେବ ବୋଲି ଯୁବଗୋଷ୍ଠୀ ସୂଚନା ଦେଇଛନ୍ତି ।ଏହି ପୂଜା ରେ ଅଞ୍ଚଳର ସମସ୍ତ ଲୋକ ମାଁ ଙ୍କ ଶୋଭାଯାତ୍ରା ରେ ଅଂଶ ଗ୍ରହଣ କରି ଗାଁ ର ସୁଖ ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥାନ୍ତି ଅଞ୍ଚଳବାସୀ ଙ୍କ କଥା ଅନୁସାରେ, ମାଁ ଗଜଲକ୍ଷ୍ମୀ ପୂଜା ମାନେ କେବଳ ଆସ୍ଥା ନୁହେଁ, ସେହି ସହ ଏକ ଆନନ୍ଦ ଓ ଏକତା ର ପର୍ବ ମଧ୍ୟ ମାଁ ଙ୍କ ଆଶୀର୍ବାଦ ରେ ଅଞ୍ଚଳ ରେ ଶାନ୍ତି, ସମୃଦ୍ଧି ଓ ସଫଳତା ରହୁ ଏହି ଆଶା ନେଇ ଦୋରା ସାହି ଅଞ୍ଚଳ ଆଲୋକିତ ହୋଇ ଉଠିଛି ।

# କାନୁପୁର, ସୁବର୍ଣ୍ଣରେଖା ଏବଂ ଆନନ୍ଦପୁର ଜଳ ସେଚନ ପ୍ରକଳ୍ପ ସମୀକ୍ଷା କଲେ ଉନ୍ନୟନ କମିଶନର

ଭୁବନେଶ୍ୱର, ୬।୧୦ (ନି.ପ୍ର.): - ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସୋମବାର କାନୁପୁର, ସୁବର୍ଣ୍ଣରେଖା ଏବଂ ଆନନ୍ଦପୁର ପ୍ରକଳ୍ପର ବିସ୍ତୃତ ସମୀକ୍ଷା କରାଯାଇଥିଲା । ବୈଠକରୁ ଜଣାଯାଇଛି ଯେ, କାନୁପୁର ଜଳସେଚନ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟ ପ୍ରାୟତଃ ସଂପୂର୍ଣ୍ଣ ହୋଇଛି । ପ୍ରାରମ୍ଭିକ ମୌସୁମୀ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିବା ଡିପ୍ଲିସିଏସନ୍ ସ୍ଲୁଇସ୍ ଏବଂ କିଛି ଗେଟ୍ ନିର୍ମାଣକୁ ଛାଡି ଦେଲେ ମୁଖ୍ୟ କେନାଲ ଏବଂ ବଣ୍ଟନ ବ୍ୟବସ୍ଥା ଯଥାକ୍ରମେ ୯୪% ଏବଂ ୭୫% ସମ୍ପୂର୍ଣ୍ଣ ହୋଇଛି । ଆସନ୍ତା ରବି ଋତୁରେ ୧୨୦୦୦ ହେକ୍ଟର ରବି ଜଳସେଚନ ଯୋଗାଇ ଦିଆଯିବ । ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପର୍ଯ୍ୟାୟ-୧ କାର୍ଯ୍ୟ ସମ୍ପୂର୍ଣ୍ଣ ସମାପ୍ତ ହୋଇଛି ଏବଂ ପର୍ଯ୍ୟାୟ-୨ କାର୍ଯ୍ୟ ଭଲ ଭାବରେ ଅଗ୍ରଗତି କରୁଛି । ସେହିପରି ଆନନ୍ଦପୁର ପ୍ରକଳ୍ପ ନିର୍ମାଣ ମଧ୍ୟ ଭଲ ଭାବରେ ଅଗ୍ରଗତି କରୁଛି । ଲିଙ୍କ କେନାଲ ସମ୍ପୂର୍ଣ୍ଣ ହୋଇଛି । ବୈତରଣୀ ଦକ୍ଷିଣ ତଟ କେନାଲ ଏବଂ ସାଳନ୍ଦୀ ବାମ ମୁଖ୍ୟ କେନାଲ ସମ୍ପୂର୍ଣ୍ଣ ହେବା ଉପରେ ରହିଛି ।୧୨୦୦୦ ହେକ୍ଟର ଆୟକଟ ପୂର୍ବରୁ ବିକଶିତ ହୋଇସାରିଛି ଏବଂ ଅନ୍ୟାନ୍ୟ ବଣ୍ଟନ ବ୍ୟବସ୍ଥା ଦ୍ରୁତ ଗତିରେ ଆଗେଇ ଚାଲିଥିବା ବୈଠକରୁ ଜଣାଯାଇଛି ।

## କଟକ ଦୁର୍ଗାପୂଜା ଭସାଣିରେ ଅଘଟଣ ଦୁର୍ଭାଗ୍ୟଜନକ - ପ୍ରଭାତୀ ପରିଡା

ଭୁବନେଶ୍ୱର, ୬।୧୦ (ନି.ପ୍ର.): କଟକ ଦୁର୍ଗାପୂଜା ଭସାଣିରେ ଘଟିଥିବା ଅଘଟଣ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।

ଏକ୍ସରେ ଶ୍ରୀମତୀ ପରିଡା ଲେଖିଛନ୍ତି କଟକ ଦୁର୍ଗାପୂଜା ଭସାଣିରେ ଘଟିଥିବା ଅଘଟଣ ଦୁର୍ଭାଗ୍ୟଜନକ ଏବଂ ଅତ୍ୟନ୍ତ ଦୁଃଖର ବିଷୟ । ଭାଇଚାରାର ସହର ଭାବେ କଟକର ପରିଚୟ ରହିଆସିଛି । ଏହି ସମ୍ବେଦନଶୀଳ ସମୟରେ ଆମେ ସମସ୍ତେ ଶାନ୍ତିପୂର୍ଣ୍ଣ ବାତାବରଣ ଫେରାଇଆଣିବା ଦିଗରେ ଏବଂ କଟକର ଗୌରବମୟ ପରିଚୟକୁ ଅକ୍ଷୁର୍ଣ୍ଣ ରଖିବା ଦିଗରେ ପ୍ରୟାସ କରିବା ଜରୁରୀ । ଆମ ସରକାର ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସଂକଳ୍ପବଦ୍ଧ ।

# ରାଜ୍ୟର ସ୍ଥିତି ଗମ୍ଭୀର ଥିଲା ବେଳେ ନୂଆପଡାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର : ବିଜେଡି

ଭୁବନେଶ୍ୱର, ୦ ୬।୧୦ (ନି.ପ୍ର.): କଟକରେ ଉଦ୍‌ବେଗଜନକ ସ୍ଥିତି, ଗଜପତି ଜିଲ୍ଲାରେ ଭୂସ୍ଖଳନଜନିତ ସମସ୍ୟା, ୨୦୦ କୋଟି ଟଙ୍କାର ଏସ୍‌ଆଇ ଚାକିରି କେଲେଙ୍କାରୀ, ୫ଟି ଜିଲ୍ଲାରେ ବର୍ଷା ଜନିତ ବ୍ୟାପକ କ୍ଷୟକ୍ଷତି, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡାରେ ନିର୍ବାଚନୀ ପ୍ରଚାରକୁ ବିଜୁ ଜନତା ଦଳ କଡା ନିନ୍ଦା କରିଛି । ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଂଜୟ କୁମାର ଦାସବର୍ମା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଓ ଜଳେଶ୍ୱର ବିଧାୟକ ଶ୍ରୀ ଅଶ୍ୱିନୀ କୁମାର ପାତ୍ର, ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨ ଘଣ୍ଟା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୂଆପଡାରେ ୧୧୦୦ କୋଟିର ପ୍ରକଳ୍ପ ଘୋଷଣା କରିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରିଛନ୍ତି ।

ଶ୍ରୀ ଦାସବର୍ମା କହିଛନ୍ତି ଯେ, ଭାଇଚାରାର ସହର କଟକରେ କେବେ ନଦେଖିବା ସ୍ଥିତି ଆଜି ଡବଲ ଇଂଜିନ ସରକାରରେ ଦେଖିବାକୁ ମିଳିଛି । ଓଡିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ତଥା ୧୦୦୦ ବର୍ଷର ଐତିହାସିକ ସହର କଟକର ଗାରିମା ଆଜି ଭୂଲୁଣ୍ଠିତ ହୋଇଛି । ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ସେହିଭଳି ଗଜପତି ଜିଲ୍ଲାରେ ଲଗାତାର ଭୂସ୍ଖଳନ ସ୍ଥିତିକୁ ପ୍ରଶାସନ ଗମ୍ଭୀରତାର ସହ ନନେବା ଚିନ୍ତାଜନକ । ରାଜ୍ୟର ୫ଟି ଜିଲ୍ଲାରେ ବର୍ଷାଜନିତ ବ୍ୟାପକ କ୍ଷୟକ୍ଷତି ପ୍ରତି ସରକାରଙ୍କ ନିଘା ନାହିଁ । ସର୍ବୋପରି ନିଯୁକ୍ତି ଆଶାୟୀ ଯୁବ ସମାଜକୁ ପ୍ରତାରଣା କରି ସରକାରୀ ପ୍ରୋତ୍ସାହନରେ ପୋଲିସ ଏସ୍‌ଆଇ ଚାକିରି ବିକ୍ରି ହେବା ଘଟଣା ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରିଛି । ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡାରେ ନିର୍ବାଚନୀ ପ୍ରଚାର ରାଜ୍ୟବାସୀଙ୍କ ପ୍ରତି ସମ୍ବେଦନହୀନତାକୁ ଦର୍ଶାଉଛି ।

ସେହିପରି ଶ୍ରୀମତୀ ଛୁରିଆ କହିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୬୪ କୋଟି ଟଙ୍କାରେ ନିର୍ମିତ ୧୦୮ଟି ପ୍ରକଳ୍ପର ଆଜି ରଙ୍ଗ ମାରି ମୁଖ୍ୟମନ୍ତ୍ରୀ ଫିତା କାଟିଛନ୍ତି । ସିନାପାଲିକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ଏନ୍‌ଏସି ଘୋଷଣା କରିଥିଲେ । ତାଲିକାର ପ୍ରଥମ ପର୍ଯ୍ୟାୟରେ ସିନାପାଲିର ନାଁକୁ କାଟି ପୁଣି ବର୍ତ୍ତମାନ ଯୋଡିବାରେ ରାଜନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଛି । ଆଜି ଘୋଷଣା କରିଥିବା 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ୨୦୨୩ ଏପ୍ରିଲରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ । ସେହିଭଳି ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡା ଜିଲ୍ଲା ଘୋଷଣା ମଧ୍ୟ ପୂର୍ବ ବିଜେଡି ସରକାର ସମୟରେ ୨୦୧୯ରେ ହୋଇଥିଲା । ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦ୍ୱାରା ୧୯୯୩ରେ ଜିଲ୍ଲା ଘୋଷଣା ହେବା ଠାରୁ ନୂଆପଡା ବିଜୁ ଜନତା ଦଳର ଫୋକସରେ ରହିଆସିଛି । ୧୬ ମାସରେ ନୂଆପଡା ପାଇଁ ଇଟା ଖଣ୍ଡେ ଯୋଡିନଥିବା ବିଜେପି ସରକାର, ନିର୍ବାଚନ ଘୋଷଣା ହେବା ସମୟରେ ନୂଆପଡାବାସୀଙ୍କୁ ବିଭ୍ରାନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନୂଆପଡା ଗସ୍ତ ରାଜନୀତିକ ଉଦ୍ଦେଶ୍ୟ ପ୍ରଣୋଦିତ ।

ସେହିପରି ବିଧାୟକ ଶ୍ରୀ ପାତ୍ର କହିଛନ୍ତି, ରାଜ୍ୟବାସୀଙ୍କ ସମସ୍ୟାକୁ ଅଣଦେଖା କରି ମୁଖ୍ୟମନ୍ତ୍ରୀ ନୂଆପଡାରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ । ଲଗାଣ ବର୍ଷା ଯୋଗୁ ଉତ୍ତର ଓଡିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନନେବା ଦୁଃଖଦାୟକ ।

# ଅଟୋରୁ ଟାଣିନେଇ ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ପିପିଲି, ୬।୧୦ (ନି.ପ୍ର.): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥରେ ଅଟୋରୁ ଜଣେ ବିବାହିତା ଦଳିତ ମହିଳା(୩୦)ଙ୍କୁ ଟାଣି ନେଇ ଅସଦାଚରଣ କରାଯାଇଥିବା ନେଇ ମହିଳା ଜଣକ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୁକ୍ତଙ୍କ ଧମକଚମକରେ ପିଡୀତା ଭୟଭୀତ ଅବସ୍ଥାରେ ରହିଛନ୍ତି ଫ ପିଡୀତାଙ୍କ ଅଭିଯୋଗ ଅନୁସାରେ, ସେ ପିପିଲି ନିକଟବର୍ତ୍ତୀ ଉତରାରେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରନ୍ତି ଫ ଦୈନିକ ସେ ନିଜ ଘର ଠାରୁ କର୍ମସ୍ଥଳକୁ ଯିବାଆସିବା କରିଥାନ୍ତି ଫ ଗତ ଶୁକ୍ରବାର ସେ କାମ ସାରି ସବୁଦିନ ପରି ଅଟୋରେ ପିପିଲି ଅଭିମୁଖେ ଆସୁଥିବା ବେଳେ ଉକ୍ତ ଯୁବକ ଜଣକ ତାଙ୍କୁ ପିଛା କରି ଗୁଡିଆପୋଖରୀ ଓ ଦଇସିପାଟଣା ମଧ୍ୟବର୍ତ୍ତୀ ସ୍ଥାନରେ ଅଟୋକୁ ଅଟକାଇ ଥିଲେ। ଅଟୋରୁ ତାଙ୍କୁ ଟାଣି ନେଇ ରାଜରାସ୍ତାରେ ଶାରିରୀକ ଅସଦାଚରଣ କରିବା ସହ ଗାଳିଗୁଲଜ କରିଥିବା ନେଇ ପିଡୀତା ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତିକରି ପିପିଲି ଥାନାରେ ୬୦୪ / ୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବା ନେଇ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି ।

## ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ଅନିୟମିତତା

# ଗର୍ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ

ଭୁବନେଶ୍ୱର, ୬।୧୦ (ନି.ପ୍ର.): ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ଆଶାୟୀଙ୍କୁ ନ୍ୟାୟ ଦାବି ସହ ଅନିୟମିତା ବିରୋଧରେକ୍ସ ବିଜୁ ଯୁବ ଛାତ୍ର ଜନତା ଦଳ ନେତୃତ୍ୱରେ ଭୁବନେଶ୍ୱର ଠାରେ ହୋଇଛି ଜୋରଦାର ପ୍ରତିବାଦ । ପୁଲିସ ଏସ୍‌ଆଇ ନିଯୁକ୍ତିରେ ବ୍ୟାପକ ଅନିୟମିତତା ନେଇ ଦଳ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ୍‌ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆରମ୍ଭରୁ ଘଟଣାର ସିବିଆଇ ତଦନ୍ତ ଦାବି କରି ଆସୁଛି ବିଜେଡି । ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆନଗଲେ ଆଗକୁ ଜୋରଦାର ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି ବିଜୁ ଯୁବ ଛାତ୍ର ଜନତା ଦଳ ।

ବିଜେପି ଶାସନରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଇ ଓଡିଶା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ଓ ଲଜ୍ଜିତ ହୋଇଥିବା ବେଳେ ଏବେ ସରକାରୀ ଚାକିରି ବିକ୍ରି ଭଳି ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଗତ ପନ୍ଦର ମାସରେ ୧୬ଟି ନିଯୁକ୍ତି ପରୀକ୍ଷା ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି, ଯାହା ଯୋଗୁ ନିଯୁକ୍ତି ଆଶାୟୀମାନେ ହତାଶ ହୋଇଛନ୍ତି । ପୋଲିସ ଏସଆଇ ପଦବୀ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା । ଏହାକୁ ଅକ୍ଟୋବର ୭ ଓ ୮ରେ କରିବା ପାଇଁ ସ୍ଥିର କରାଯାଇଥିଲା, ଯାହାକୁ ୩୦ ସେପଟେମ୍ବର ଦିନ



ଆଉଥରେ ବାତିଲ କରାଯାଇଛି । ଏହି ନିଯୁକ୍ତି ପ୍ରକ୍ରିୟାରେ ଜାଲିଆତିରେ ସମ୍ପୃକ୍ତ ଥିବା ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲଙ୍କୁ ଶ୍ରୀକାକୁଲମ ପୋଲିସ ଦ୍ୱାରା ଗିରଫ କରାଯାଇଛି । ନିଯୁକ୍ତି ପାଇଁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱରେ ଥିବା ସଂସ୍ଥା ଦ୍ୱାରା ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ମାଧ୍ୟମରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି । ଗିରଫ ପରୀକ୍ଷାର୍ଥୀ ମାନେ ମୋଟା ଅଙ୍କର ଲାଞ୍ଚ ଦେଇ ଏହି ଚାକିରି ହାତେଇବା ପାଇଁ ଉଦ୍ୟମ କରୁଥିଲେ ବୋଲି କୁହାଯାଉଛି । ପ୍ରାୟ ୨୦୦ କୋଟି ଟଙ୍କାର ଏହି ଜାଲିଆତି ହୋଇଥିବା କୁହାଯାଉଛି । କିନ୍ତୁ, ଏଠାରେ ପ୍ରଶ୍ନ ଉଠୁଛି ଯେ, ଲାଞ୍ଚ ଦେବା ଅଭିଯୋଗରେ ପରୀକ୍ଷାର୍ଥୀ ମାନେ ଯଦି ଗିରଫ ହେଲେ, ତାହେଲେ ଲାଞ୍ଚ ଗ୍ରହଣ କରିଥିବା ବ୍ୟକ୍ତିମାନେ ଗିରଫ ହେଉ ନାହାନ୍ତି କାହିଁକି ?

୯୩୩ ଜଣ ଏସ୍‌ଆଇ ପଦବୀରେ ନିଯୁକ୍ତି ଦେବା ପାଇଁ ଆବଶ୍ୟକୀୟ ପରୀକ୍ଷାକୁ ପରିଚାଳନା କରିବା ପାଇଁ ଭାରତ ସରକାରଙ୍କ ସଂସ୍ଥା ଆଇଟିଆଇକୁ ପ୍ରଦାନ କରାଯାଇଥିଲା । ଏହି କାମ ପାଇଁ ଆଇଟିଆଇ ତାର ସହଯୋଗୀ ଭାବେ ଗୁଜୁରାଟର ରିଚ୍ ମାଇଣ୍ଡ ଡିଜିଟାଲକୁ ନେଇଥିଲା । ଏପ୍ରିଲ ୨୦୨୫ରେ ରାଜ୍ୟ ସରକାର ସନ୍ତୋଷ ଉପାଧ୍ୟାୟଙ୍କୁ ଅବ୍ୟାହତି ଦେଇ ତାଙ୍କ ଜାଗାରେ ସୁଶାନ୍ତ ନାଥଙ୍କୁ ନିଯୁକ୍ତି ଦେଇଥିଲେ ।

ଏହାପରେ ଆଇଟିଆଇ ଦ୍ୱାରା ରିଚ୍ ମାଇଣ୍ଡକୁ ହଟାଯାଇ ଓଡ଼ିଶାର ଏକ ସଂସ୍ଥା ସିଲିକନ ଡିଜିଟେକ୍କୁ ସହଯୋଗୀ ଭାବେ ଦିଆଯାଇଥିଲା । ସିଲିକନ ଡିଜିଟେକ୍ ତାର ସହଯୋଗୀ ଭାବେ ବ୍ରହ୍ମପୁର ସ୍ଥିତ ପଞ୍ଚସଫ୍ଟ ଟେକ୍ନୋଲୋଜି ନାମକ ଏକ ଅନଭିଜ୍ଞ କମ୍ପାନୀକୁ ଦାୟିତ୍ୱ ଦେଇଥିଲା । ଏହି ପଞ୍ଚସଫ୍ଟ ସଂସ୍ଥା ଦ୍ୱାରା ମୁଖ୍ୟତଃ ମୋଟା ଅଙ୍କର ଟଙ୍କା ନେଇ ଜାଲିଆତି କରି ଚାକିରି ଦେବା ପାଇଁ ଉଦ୍ୟମ କରାଯାଉଥିଲା । ପଞ୍ଚସଫ୍ଟ କମ୍ପାନୀର ମୁଖ୍ୟ ଶଙ୍କର ପୃଷ୍ଟି ବିଜେପି ଦଳର ଜଣେ ସଦସ୍ୟ ଭାବେ ଜଣାଶୁଣା ।

କେଉଁ ପରିସ୍ଥିତିରେ ଓ କାହା ନିର୍ଦ୍ଦେଶରେ ପଞ୍ଚସଫ୍ଟ ଭଳି ଏକ ଅନଭିଜ୍ଞ କମ୍ପାନୀକୁ ଏଭିଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ବୋଲି ବିଜୁ ଯୁବ ଛାତ୍ର ଜନତା ଦଳ ପ୍ରଶ୍ନ କରିଛି । ଏବେ ଘଟଣାର ତଦନ୍ତ ପୋଲିସ କରୁଛି, ଯିଏ ନିଜେ ଏଥିରେ ସମ୍ପୃକ୍ତ ।

ଚାକିରି ଚୋର, ଗାଦି ଛାଡ଼ ସରକାର ବିରୋଧରେ ହେଇଥିବା ଏହି ଆନ୍ଦୋଳନର ନେତୃତ୍ୱ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଦୁଇ ସଭାପତି ଚିନ୍ମୟ ସାହୁ ଓ ଶ୍ରୀମତୀ ଇପ୍‌ସିତା ସାହୁଙ୍କ ସହିତ ଦଳର ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡ଼େଇ, ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ମନ୍ମଥ ରାଉତରାୟ ଓ ଅମରେଶ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୋକାନ ତାଲା ଭାଙ୍ଗି ଲୁଟ୍

ହିଞ୍ଜିଳିକାଟୁ: ୬।୧୦ (ନି.ପ୍ର.): ହିଞ୍ଜିଳି ଥାନା ସୋମପୁର ନିକଟସ୍ଥ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଚାହା ଓ ପାନ ଦୋକାନ ତାଲା ଭାଙ୍ଗି ଲୁଟେରା ମାନେ ୨ ହଜାର ଟଙ୍କା ସମେତ ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଲୁଟି ନେଇଥିବା ଜଣାପଡିଛି ଘଟଣା ନେଇ ଦୋକାନୀ ମାଲିକ ସିଲୁ ସାହୁ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ - ୮୧୬/୨୫ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି ପ୍ରକାଶ ଯେ, ରବିବାର ରାତିରେ ସିଲୁ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ ।ସୋମବାର ଭୋରରେ ସିଲୁ ଦୋକାନ ଖୋଲିବାକୁ ଯାଇଥିଲେ ଦୋକାନ କବାଟ ତାଲା ଭଙ୍ଗା ଯିବା ସହ ଦୋକାନରୁ ନାମୀଦାମୀ ଶୀତଳ ପାନୀୟ , ବହୁ ସିଗାରେଟ୍ ସହ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଲୁଟି ନେଇ ଯାଇଥିବା ଜାଣିପାରି ଘଟଣା ସମ୍ପର୍କରେ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ୍ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ନିକଟସ୍ଥ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାର ତଦନ୍ତ ଚଳାଇଛି ଲୁଟେରାକୁ ଯଥାଶୀଘ୍ର ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି ।

# ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି

କୁକୁଡାଖଣ୍ଡି, ୬।୧୦ (ନି.ପ୍ର.): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ପ୍ରତ୍ୟେକ ସୋମବାର ଦିନ ଜିଲ୍ଲାସ୍ତର, ବ୍ଲକ୍ ସ୍ତର ଓ ପଞ୍ଚାୟତ ସ୍ତରରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ ସୋମବାର କୁକୁଡ଼ାଖଣ୍ଡି ବ୍ଲକ୍ ଅଧିନସ୍ଥ ଅନନ୍ତାଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛିସ୍ଥାନୀୟ ସରପଞ୍ଚ ଶ୍ରୀମତୀ ପୂର୍ଣ୍ଣବାସୀ ବିଶ୍ୱାଳ ଙ୍କ ସହଯୋଗରେ ଆୟୋଜିତ ଏହି ଶୁଣାଣିରେ ବିଭିନ୍ନ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ରହି ଗ୍ରାମବାସୀଙ୍କ ସମସ୍ୟା, ଅସୁବିଧା ଓ ଅଭିଯୋଗ କୁ ଶୁଣାଣୀ କରିଥିଲେଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିଙ୍କ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁପ୍ରଭା ସାହୁ, ତହସିଲଦାର ରାଜକିଶୋର ପଟ୍ଟନାୟକ,ସହକାରୀ ଯନ୍ତ୍ରୀ ଅନୁରାଗ ରଥ, ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନ,ପିଇଓ ଅଶୋକ କୁମାର ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର, ସମିତି ସଭ୍ୟା ନିରୁପମା ପାତ୍ର, ସିଡିପିଓ କୁସୁମ କୁମାରୀ ସାହୁ, ସରପଞ୍ଚ ପ୍ରତିନିଧି କାମେଶ୍ୱର ବିଶ୍ୱାଳ,କିଶୋର ପାତ୍ର,ଅଙ୍ଗନବାଡ଼ି କର୍ମଚାରୀ, ଆଶା କର୍ମୀ,, ପଶୁଚିକିତ୍ସାଳୟ ଡକ୍ଟର ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେଗ୍ରାମବାସୀ ମାନେ ନିଜ ର ସମସ୍ୟା କୁ ପ୍ରତ୍ୟକ୍ଷ ଭାବେ ପ୍ରଶାସନ ସମ୍ମୁଖରେ ରଖିବା ପାଇଁ ଏହି ମଞ୍ଚ ଏକ ସୁଯୋଗ ସୃଷ୍ଟି ହୋଇଛି ବୋଲି ଗ୍ରାମବାସୀ କହିଛନ୍ତି ଏହି ଅଭିଯୋଗ ଶୁଣାଣି ରେ ପାଖାପାଖି ୧୨୩ ଟି ଅଭିଯୋଗ ପତ୍ର ଦାଖଲହୋଇଥିଲା ମୁଖ୍ୟ ସମସ୍ୟା ରାସ୍ତାର ଉନ୍ନତିକରଣ , ରାସନ କାର୍ଡର ସଂଶୋଧନ, ଆବାସ ଯୋଜନା ନୂତନ ତାଲିକା ପ୍ରସ୍ତୁତ, ଘର ପଟ୍ଟା, ବିଧବା,ବାର୍ଦ୍ଧକ୍ୟ ବିକଳାଙ୍ଗ ଭତ୍ତା, ,ପାନୀୟ ଜଳ ଯୋଗାଣ,ସୁଭଦ୍ରା ଯୋଜନା ଭଳି ବିଭିନ୍ନ ସମସ୍ୟା ଉପରେ ଲୋକମାନଙ୍କ ସହ ଆଲୋଚନା ହୋଇଥିଲା ପୂର୍ବ ସରକାରଙ୍କ ସମୟରେ ଲୋକମାନେ ଅଭିଯୋଗ କରିବାକୁ ବିଭିନ୍ନ ବିଭାଗକୁ ଦୌଡୁଥିଲେ ଓ ନାନା ସମସ୍ୟାର ସମ୍ମୁଖିନ ହେଉଥିଲେ। କିନ୍ତୁ ଆଜି ଅନନ୍ତେଇ କୁ ବିଭାଗୀୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣିବାକୁ ଆସୁଛନ୍ତି ବିକଶିତ ଗାଁ ବିକଶିତ ଓଡ଼ିଶା ନାରା ଦେଇଥିବା ଡବଲ ଇଞ୍ଜିନ ସରକାରଙ୍କ ଏହି ପଦକ୍ଷେପକୁ ଜନସାଧାରଣ ସ୍ୱାଗତ ଜଣାଇଛନ୍ତି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ